ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ମଙ୍ଗଳବାର ୦୧ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 01 October 2024

Vol.No. 35 ■ No.263 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ବାଇକ ଦୁର୍ଘଟଣା: ଜୀବନ୍ତ ଜଳିଗଲେ ଯୁବକ

ରାଉରକେଲା, ୩୦/୯ (ନି.ପ୍ର): ଆଜି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି। ଦୁର୍ଘଟଣାପରେ ଗାଡ଼ିରେ ନିଆଁ ଲାଗିବାରୁ ଜୀବନ୍ତ ପୋଡ଼ିଯାଇଛନ୍ତି ଜଣେ ଯୁବକ। ଅନ୍ୟଜଣେ ବାଇକ ଆରୋହୀଙ୍କ ଅବସ୍ଥା ସଂକଟପନ୍ନ ଅଛି। ସୋମବାର ସକାଳ ପ୍ରାୟ ୧୦ଟା। ସୀମାନ୍ତ ଝାଡ଼ଖଣ୍ଡର ସୀମଡେଗା ଜିଲ୍ଲାର ଦୁଇଜଣ ଯୁବକ ରାଉରକେଲାକୁ ଆସୁଥିଲେ। ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଡାପାଣି ରାସ୍ତାରେ ବିପରୀତ ଦିଗରୁ ଏକ ସ୍କୁଟିରେ ଯାଉଥିବା ବୃଦ୍ଧଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକର ତେଲଟାଙ୍କି ଫାଟି ବିସ୍ଫୋରଣ ଘଟିଥିଲା। ଏଥିରେ ବାଇକ ଚାଳକ ଜୀବନ୍ତ ଜଳିଯାଇଥିଲେ। ପଛପଟେ ବସିଥିବା ଆରୋହୀ ମଧ୍ୟ ବହୁମାତ୍ରାରେ ପୋଡ଼ିଯାଇଛନ୍ତି।

# ରାଜନୀତିରୁ ଈଶ୍ୱରଙ୍କୁ ଦୂରେଇ ରଖ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୩୦/୯ : ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁପତି ମନ୍ଦିର ଲଡୁ ବିବାଦକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ଆଜି ସୁପ୍ରିମକୋର୍ଟରେ ଏ ଉପରେ ଶୁଣାଣି ହୋଇଛି। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ତଦନ୍ତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ କାହିଁକି ପ୍ରେସମିଟ୍ କରି ତିରୁପତି ମନ୍ଦିର ଲଡୁ ସମ୍ପର୍କରେ ଏପରି ବିବୃତ୍ତି ରଖିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେଭି ବିଶ୍ୱନାଥନ। ଶୁଣାଣି ସମୟରେ ଅଦାଲତ କହିଛନ୍ତି, 'ଯଦି ଆପଣ (ମୁଖ୍ୟମନ୍ତ୍ରୀ) ଏଥିପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ, ତେବେ ସାମ୍ବାଦିକ ସମ୍ମିଳନୀ କରିବାର କି ଆବଶ୍ୟକ ଥିଲା? ଧାର୍ମିକ ଭାବାବେଗକୁ ସମ୍ମାନ ଜଣାଇବାର ଆବଶ୍ୟକ ଥିଲା। ଲ୍ୟାବ ରିପୋର୍ଟ ଜୁଲାଇରେ ଆସିଥିଲା ... ଆପଣ ସେପ୍ଟେମ୍ବରରେ ବିବୃତ୍ତି ରଖିଲେ। କିନ୍ତୁ ରିପୋର୍ଟରେ କୌଣସି ସ୍ପଷ୍ଟତା ନାହିଁ।' ମୁଖ୍ୟମନ୍ତ୍ରୀ ଏକ ସାମ୍ବିଧାନିକ ପଦବୀରେ ଥିବାବେଳେ ଆମେ ଆଶା କରିବୁ ଯେ, ଭଗବାନଙ୍କୁ ରାଜନୀତିଠୁ ଦୂରରେ ରଖାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଅଦାଲତ ଆହୁରି କହିଛନ୍ତି ଯେ, ଅପମିଶ୍ରଣ ହୋଇଥିବା ଘିଅ ଲଡୁ ପ୍ରସ୍ତୁତରେ ବ୍ୟବହାର ହେବାର କିଛି ପ୍ରମାଣ ଅଛି କି?, ଯଦି ପ୍ରମାଣ ନାହିଁ, ତେବେ ତରବରିଆ ଭାବେ ସାମ୍ବାଦିକ ସମ୍ମିଳନୀ କରିବାର ଆବଶ୍ୟକତା କଣ ଥିଲା?' ପ୍ରକାଶ ଥାଉକି, ସେପ୍ଟେମ୍ବରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତିରୁପତି ବାଲାଜୀ ମନ୍ଦିର ଲଡୁ ପଶୁ ଚର୍ବିରେ ପ୍ରସ୍ତୁତ ହେଉଥିବା ଅଭିଯୋଗ ଆଣିଥିଲେ। ପୂର୍ବର ୱାଇଏସଆର ଜଗନ ମୋହନ ରେଡ୍ଡୀଙ୍କ ସରକାର ସମୟରୁ ଏପରି ହୋଇ ଆସୁଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ପରେ ନାନା ବିବାଦ ସୃଷ୍ଟି ହୋଇଥିଲା। ଗୁଜରାଟର ଏକ ଲ୍ୟାବରେ ଘିଅର ମାନ ପରୀକ୍ଷଣ ହେବା ପରେ ଏଥିରେ ମାଛ ତେଲ, ଘୁଷୁରି ଓ ଗୋ-ଚର୍ବିରେ ଅପମିଶ୍ରିତ ହୋଇଥିବା ନେଇ ପ୍ରାଥମିକ ତଦନ୍ତ ରିପୋର୍ଟରେ ପ୍ରକାଶ ପାଇଥିଲା। କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଏସବୁ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଥିଲେ। ଚନ୍ଦ୍ରବାବୁ ନାଇଡୁ ଜଣେ ଅଭ୍ୟାସଗତ ମିଛୁଆ, ତାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ରୂପେ ମିଛ, ଏହାର ତଦନ୍ତ କରାଯାଉ ବୋଲି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି କହିଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ଆବେଦନ ହୋଇଥିଲା। ଆଜି ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠ ଶୁଣାଣି କରି ଉପୋରସ୍ତ ଟିପ୍ପଣୀ ଦେଇଛନ୍ତି।

## ୪ ତାରିଖରୁ ରାଜ୍ୟରେ ବଢ଼ିବ ବର୍ଷା

ଭୁବନେଶ୍ୱର, ୩୦/୯ (ନି.ପ୍ର): ଅକ୍ଟୋବର ୬ରେ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ। ଫଳରେ ୪ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ୪ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବ। ହେଲେ ରାଜ୍ୟର କେଉଁ ଜିଲ୍ଲାରେ ଏହାର କେତେ ପ୍ରଭାବ ପଡ଼ିବ ସେ ନେଇ ଆକଳନ ହୋଇନଥିବା ପାଣିପାଗ କେନ୍ଦ୍ର କହିଛି। ଆଗାମୀ ୭ ଦିନ ଯାଏଁ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ବିଶେଷ ବର୍ଷାର ସମ୍ଭାବନା କମ୍ ଥିବାରୁ ଦିନର ତାପମାତ୍ରା ଅଧିକ ରହିବ। ହେଲେ ଆଗାମୀ ୪୮ ଘଣ୍ଟାରେ କିଛି ସ୍ଥାନରେ ବିଜୁଳି ଘଡଘଡି ବର୍ଷା ସମ୍ଭାବନା ନେଇ ସତର୍କ ସୂଚନା ଜାରି କରିଛି ବିଭାଗ । ଉତ୍ତର ଓଡ଼ିଶା ସହ ଦକ୍ଷିଣ ଓଡ଼ିଶାରେ ଆଗାମୀ ୨୪ ଘଂଟାରେ ଘଡଘଡି ବିଜୁଳି ଓ ବର୍ଷା ସମ୍ଭାବନା ରହିବା ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ମୟୁରଭଞ୍ଜ, କେନ୍ଦୁଝର,ମାଲକାନଗିରି ,କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି ନୂଆପଡା, ବଲାଙ୍ଗୀର ଓ ବରଗଡ଼ ଏହି ୧୧ ଜିଲ୍ଲାରେ ୟେଲୋ ୱାର୍ଣ୍ଣିଙ୍ଗ ରହିଛି। ସେହିପରି ଆସନ୍ତାକାଲି ୧୦ ଜିଲ୍ଲା ମୟୁରଭଞ୍ଜ, କେନ୍ଦୁଝର, ଗଂଜାମ, ଗଜପତି, ମାଲକାନଗିରି କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳକୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ । ସେହିଭଳି ଜୁନ ୧ରୁ ଏବେ ସୁଧା ୧୦୯୨ ମିମି ବର୍ଷା ହୋଇଛି । ସାଧାରଣ ଭାବେ ୧୧୫୦ ମିମି ବର୍ଷା ହୋଇଥାଏ। ଫଳରେ ଏବେ ବି ରାଜ୍ୟରେ ୫ ପ୍ରତିଶତ କମ୍ ବର୍ଷା ହୋଇଛି।

## ଛତୁଆ ବଦଳରେ ଛୁଆଙ୍କୁ ମାଣ୍ଡିଆ: କୁପୋଷଣ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୩୦/୯ (ନି.ପ୍ର): ପିଲାଙ୍କ ପୁଷ୍ଟି ସାଧନ ଲାଗି ରାଜ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ଛତୁଆ ଯୋଜନାରେ ହୋଇପାରେ ବଡ଼ ପରିବର୍ତ୍ତନ । ଛତୁଆ ବଦଳରେ ଆଞ୍ଚଳିକ ଭିତ୍ତିରେ ଉପଲବ୍ଧ ମାଣ୍ଡିଆ ଭଳି ମିଲେଟ୍ ଜାତୀୟ ଖାଦ୍ୟ ଯୋଗାଇ ଦେବାକୁ ଚିନ୍ତା କରୁଛନ୍ତି ରାଜ୍ୟ ସରକାର । ପିଲାଙ୍କ ପୁଷ୍ଟି ସାଧନ ଲାଗି ରାଜ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ଛତୁଆ ଯୋଜନାରେ ହୋଇପାରେ ବଡ଼ ପରିବର୍ତ୍ତନ । ଛତୁଆ ବଦଳରେ ଆଞ୍ଚଳିକ ଭିତ୍ତିରେ ଉପଲବ୍ଧ ମାଣ୍ଡିଆ ଭଳି ମିଲେଟ୍ ଜାତୀୟ ଖାଦ୍ୟ ଯୋଗାଇ ଦେବାକୁ ଚିନ୍ତା କରୁଛନ୍ତି ରାଜ୍ୟ ସରକାର । ଆଜି ଏଭଳି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଛତୁଆର ମାନକୁ ନେଇ ସବୁବେଳେ ବିବାଦ ଏବଂ ନିକଟରେ ବିଧାନସଭାରେ

▶▶ପୃଷ୍ଠା ୭




## ଭରତପୁର ଥାନା ଘଟଣା: ସତ୍ୟପାଠ ନେଇ କାଲି ଜାରି ହେବ ବିଜ୍ଞପ୍ତି, ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ନିଲମ୍ବିତ ଅଧିକାରୀ



ଭୁବନେଶ୍ୱର, ୩୦/୯ (ନି.ପ୍ର): ଭୁବନେଶ୍ୱରର ଭରତପୁର ଥାନା ଘଟଣାରେ ଆରମ୍ଭ ହେଲା ବିଚାର ବିଭାଗୀୟ ତଦନ୍ତ ପ୍ରକ୍ରିୟା। ଏ ନେଇ ଗଠିତ କମିଶନଙ୍କ ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ପରେ କମିଶନଙ୍କ ସଚିବ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଛନ୍ତି, ଘଟଣା

▶▶ପୃଷ୍ଠା ୭

## ଦାୟିତ୍ୱ ଗ୍ରହଣ କଲେ ନୂଆ କମିସନର ଏସ୍ ଦେବଦତ୍ତ ସିଂ

ଭୁବନେଶ୍ୱର, ୩୦/୯ (ନି.ପ୍ର): ନୂଆ ପୁଲିସ କମିସନର ଭାବେ ସୁରେଶ ଦେବଦତ୍ତ ସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ସଞ୍ଜୀବ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ପୁଲିସ କମିସନର କହିଛନ୍ତି, ପୁଲିସ ଅପରାଧୀଙ୍କ ପ୍ରତି କଠୋର ଓ ସାଧାରଣ ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବ। ବିଧିବ୍ୟବସ୍ଥାରେ ରହି ଲୋକଙ୍କୁ ଯଥାସମ୍ଭବ ନ୍ୟାୟ ଦିଆଯିବ। ଉଲ୍ଲେଖଯୋଗ୍ୟ, ଗତକାଲି ୧୯୯୪ ବ୍ୟାଚ୍ ଆଇପିଏସ୍ ତଥା ପୁଲିସ କମିସନର ସଞ୍ଜୀବ ପଣ୍ଡାଙ୍କ ସ୍ଥାନରେ ୧୯୯୮ ବ୍ୟାଚ୍ ଆଇପିଏସ୍ ତଥା ଏଡିଜି(ଅପରେସନ୍) ସୁରେଶ ଦେବଦତ୍ତ ସିଂଙ୍କୁ ଦ୍ୱୈତନଗର ନୂତନ ପୁଲିସ କମିସନର ଭାବେ ନିଯୁକ୍ତି ଦିଆଯାଇଥିଲା। ନୂଆ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ୧୯୭୧ ମସିହାରେ ଉତ୍ତରପ୍ରଦେଶରେ ଜନ୍ମ।

▶▶ପୃଷ୍ଠା ୭

## ଭୁବନେଶ୍ୱର ବିଜେଡି କଳି

### ■୨ କର୍ପୋରେଟରଙ୍କ ସହ ୪ ଜଣଙ୍କୁ ମଗାଗଲା ସୋ-କଜ୍

### ■ଶଙ୍ଖ ଭବନରେ ପହଁଚିଲା ଭଦ୍ରକ କଳି



ଭୁବନେଶ୍ୱର/ଭଦ୍ରକ, ୩୦/୯ (ନି.ପ୍ର): ତୀବ୍ର ହେଲାଣି ଭୁବନେଶ୍ୱର ବିଜେଡି କନ୍ଦଳ । ଅମରେଶ ଓ ବିରଞ୍ଚିଙ୍କ ବିରୋଧରେ ମେଳି କଲେ ବିଜେଡି କର୍ପୋରେଟର । ପ୍ରଚ୍ଛଦପଟରେ ବିଧାୟକ ଓ ପୂର୍ବତନ ମନ୍ତ୍ରୀ । ଆଜି ସକାଳୁ ବିଜେଡିର ୩୦ କର୍ପୋରେଟର ଗୋଟିଏ ବସରେ ପୁରୀ ଯାଇ ଲୋକନାଥଙ୍କ ଦର୍ଶନ କରିଛନ୍ତି। ତେବେ କାହିଁକି ବିଜେଡିର ୩୦ କର୍ପୋରେଟର ମେଳି କଲେ ଚର୍ଚ୍ଚା ହେଉଛି ଅମରେଶ ଓ ବିରଞ୍ଚିଙ୍କୁ ଚେକ୍ ଦେବାପାଇଁ ଏବେ ଭୁବନେଶ୍ୱର ଏକାମ୍ର ଓ ମଧ୍ୟ ନିର୍ବାଚନ ମଣ୍ଡଳୀର କିଛି କର୍ପୋରେଟର ଏକାଠି ହୋଇଛନ୍ତି। ଆଉ ଗୋଟିଏ ବସରେ ଲୋକନାଥଙ୍କ ଦର୍ଶନ କରିବାକୁ ଯାଇ ସୁପ୍ରିମୋଙ୍କୁ ବାର୍ତ୍ତା ଦେଇଛନ୍ତି ଦୁଇ ବିଦ୍ରୋହୀ କର୍ପୋରେଟରଙ୍କ ବିରୁଦ୍ଧରେ

▶▶ପୃଷ୍ଠା ୭

## ସୁବର୍ଣ୍ଣଶ୍ରୀ ପ୍ରକାଶିନୀରୁ ଉନ୍ମୋଚିତ ହେଲା କମଳିନୀ କାନ୍ତଙ୍କ କବିତା ପୁସ୍ତକ 'ମାଟିରୁ ଆକାଶ'



ବାଲେଶ୍ୱର, ୩୦/୯ (ନି.ପ୍ର): ଶିକ୍ଷୟିତ୍ରୀ କମଳିନୀ କାନ୍ତଙ୍କ ପ୍ରଥମ କବିତା ପୁସ୍ତକ 'ମାଟିରୁ ଆକାଶ'ର ଶୁଭ ଉନ୍ମୋଚନ ଉତ୍ସବ ୨୯ ତାରିଖ ସଂଧ୍ୟାରେ ଷ୍ଟେସନ କ୍ଲବ ପରିସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଗଣ ପୁସ୍ତକକୁ ଉନ୍ମୋଚନ କରି ଏହା କବି କମଳିନୀ କାନ୍ତଙ୍କ ପ୍ରଥମ କବିତା ସଂକଳନ ହୋଇଥିଲେ ବି ଏଥିରେ ଥିବା କବିତାଗୁଡ଼ିକ ଗଭୀର ଜୀବନାନୁଭୂତିର ସଫଳତମ ପରିପ୍ରକାଶ, ଯେଉଁଥିରେ ଭାଷା, ଭାବ, ବର୍ଣ୍ଣନାଶୈଳୀ ଖୁବ୍ ଉଚ୍ଚକୋଟୀର ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ତଥା ବିଶିଷ୍ଟ ଗବେଷକ ଡ.ଅରବିନ୍ଦ ଗିରି କବି କମଳିନୀଙ୍କ କବିତା ଏକ ଉଚ୍ଚାଙ୍ଗ ଭାବ-ଭୂମିରେ ଅବତୀର୍ଣ୍ଣ ବୋଲି କହିଥିଲାବେଳେ ପୁସ୍ତକକୁ ଉନ୍ମୋଚନ କରି ଧ୍ୱନିପ୍ରତିଧ୍ୱନିର ସଂପାଦିକା କବି ସୈରିନ୍ଧ୍ରୀ ସାହୁ କହିଥିଲେ ଯେ ମାଟିରୁ ଆକାଶ ସଂକଳନରେ ଥିବା କମଳିନୀଙ୍କ କବିତା ପ୍ରବୀଣ କବିଙ୍କ ଭଳି ଅନେକ ପରିମାଣରେ ସଫଳ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ତାହାର ଆଙ୍ଗିକ, ଆତ୍ମିକ ଓ ଚିତ୍ରକଳ୍ପ ପାଠକଙ୍କୁ ପ୍ରଲୁବ୍ଧ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଚନ୍ଦ୍ରଭାଗାର ସଂପାଦକ କବି ଶ୍ରୀଦେବ ସାମ୍ପ୍ରତିକ ସ୍ଥିତିରେ ନବପିଢ଼ିର କବିମାନଙ୍କ ମଧ୍ୟରେ କମଳିନୀଙ୍କ କବିତା କିଭଳି ପ୍ରଚଣ୍ଡ ସମ୍ଭାବନା ନେଇ ଆଗକୁ ବଢ଼ିଛି ତାର

▶▶ପୃଷ୍ଠା ୭

# ଆଉଟ ସୋର୍ସିଙ୍ଗ କର୍ମଚାରୀମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଦୂର କରିବେ କି ସରକାର ?

ବଲାଙ୍ଗୀର, ୩୦/୦୯ (ନି.ପ୍ର): ଆଜି ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ଭବନର କନଫରେନ୍ସ ହଲ ଠାରେ ରାଜ୍ୟ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭା ଓ ସାମ୍ବାଦିକ ସମ୍ମିଳନୀରେ ସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଓ ସଭାପତି ସଂଜୟ ପଟ୍ଟନାୟକ କହିଲେ ଯେ, ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ପୂର୍ବତନ ରାଜ୍ୟ ସରକାର କର୍ମଚାରୀ ମହାସଂଘକୁ ପ୍ରତିଶୃତି ଦେଇଥିଲେ ଯେ ଖୁବ ଶୀଘ୍ର ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରାଯିବ । କିନ୍ତୁ ନ୍ୟାୟ ପ୍ରଦାନ ପରିବର୍ତେ ଯେଉଁ ସମୟରେ ବିଶ୍ୱ ମହାମାରୀ କୋଭିଡ଼ ଆକ୍ରମଣରେ ସାରା ବିଶ୍ୱ ଆକ୍ରାନ୍ତ ହେଲା ବେଳେ ଏହି ଆଉଟ ସୋର୍ସିଙ୍ଗ କର୍ମଚାରୀ ଦିନରାତି ପରିଶ୍ରମ କରି ଧନ, ଜୀବନ ରାଷ୍ଟ୍ରୀୟ ସମ୍ପତିର ସୁରକ୍ଷାରେ ଲିପ୍ତ ଥିବାବେଳେ କୌଣସି କାରଣ ନ ଥାଇ ବିଭିନ୍ନ ବିଭାଗରେ ୬ ରୁ ୧୬ ବର୍ଷ ପର୍ଯ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇ ଥିବା କର୍ମଚାରୀମାନଙ୍କୁ ନିଷ୍ଠୁର ଭାବରେ ଚାକିରିରୁ ଛଟେଇ କଲେ । ଗୃହ ବିଭାଗ ଅତ୍ୟନ୍ତ ଅମାନୁଷିକ ଭାବରେ ଡ଼ାଟା ଏଂଟ୍ରି ଅପରେଟର ନିଯୁକ୍ତି ଉପରେ ତା. ୧୩-୦୭-୨୦୨୨ ରିଖରେ ଏକ ନିଷେଧାଦେଶ ଜାରି କଲେ । ପରିଣାମ ସ୍ୱରୂପ ରାଜ୍ୟରୁ ପ୍ରାୟ ଚାରି ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଅତ୍ୟନ୍ତ ନିଷ୍ଠୁର ଭାବେ ଚାକିରିରୁ ଛଟେଇ କଲେ । ଗୋଟିଏ ପଟେ ଛଟେଇ ଓ ଅନ୍ୟ ପଟେ ମହାଙ୍ଗା ବଜାରରେ ମାତ୍ର ୨୫ % ଦରମା ବୃଦ୍ଧି ଘୋଷଣା କଲେ ଯାହା ସମସ୍ତ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ଆଜି ଯାଏ ମିଳିଲା ନାହିଁ । ଏବଂ ଏହି ବର୍ଗରେ ନିଯୁକ୍ତି କରି ଅଧିକାଂଶ କୁ ଦିନ ମଜୁରିଆ ମାନ୍ୟତା ଦେଇ ଏହି ସୁବିଧାରୁ ବଂଚିତ କରାଗଲା । ଏମିତିକି କୌଣସି ମୌଳିକ ସୁବିଧା ଯଥା ୩୦ ଦିନର ଦରମା ଛୁଟି ରୁ ବି ବଂଚିତ ହେଲେ । ବିଗତ ଦିନରେ ପୂର୍ବତନ ସରକାରଙ୍କ ନିକଟରେ ମହାସଂଘ ଲଗାତାର ଭାବେ ଛଟେଇ, ଦିନ ମଜୁରିଆ ଓ ଆଉଟ ସୋର୍ସିଙ୍ଗ ବ୍ୟବସ୍ଥାକୁ ଦୂର କରି ସମସ୍ତଙ୍କୁ ଆଉଟ ସୋର୍ସିଙ୍ଗ କର୍ମଚାରୀ ଭାବେ ବିବେଚନା କରିବାକୁ ଦାବି କରିଆସୁଥିଲେ ମଧ କେହି କର୍ଣପାତ କରୁନାହାନ୍ତି । ଖୋଦ ଏବର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ଏହି ଅସହାୟ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଉଭୟ ବିଧାନସଭାରେ ଓ ବିଧାନସଭାର ବାହାରେ ମଧ ଦୃଢ ଦାବୀ ଉପସ୍ଥାପନ କରିଥିଲେ । ସୌଭାଗ୍ୟକୁ ସେଦିନର ବିରୋଧୀ ଦଳର ମୁଖ୍ୟ ସଚେତକ ଆଜି ଖୋଦ ଲୋକଙ୍କ ମୁଖ୍ୟମନ୍ତ୍ରୀ । ଆଶା ରଖୁଛୁ ଏବେ ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀ ଏ ଦିଗରେ ବିଚାର କରି ଅସହାୟ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବେ । ମହାସଂଘର ସଭାପତି ସଂଜୟ ପଟ୍ଟନାୟକ କହିଛନ୍ତି ଯେତେବେଳେ ରାଜ୍ୟରେ ଖଣିଖାଦାନ, ଶିଳ୍ପ ଓ ସରକାରୀ ତଥା ଅର୍ଦ୍ଧ ସରକାରୀ ସଂସ୍ଥାରେ ନିଯୁକ୍ତି ସୁଯୋଗ ନ ଥିଲା, ସେତେବେଳେ ରାଜ୍ୟର ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀ ନିଜ ପରିବାରର ଗୁଜୁରାଣ ମେଂଟାଇବା ପାଇଁ ବାଧ ହୋଇ ଏଭଳି ଏକ କୁତ୍ସିତ ଶୋଷଣକାରୀ ବ୍ୟବସ୍ଥାକୁ ଆପଣେଇ ନେଇଥିଲା । ଆଶା ରଖିଥିଲେ ରାଜ୍ୟର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେଲେ ସରକାର ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀ କରିବେ । କାରଣ ଅତୀତରେ ୮୯ ଦିନ କାମ କରି ଗୋଟିଏ ଆଦେଶରେ ପୁରା ଗୃପ-ସି ଓ ଗୃପ-ଡ଼ି କର୍ମଚାରୀ ଭାବେ ସ୍ଥାୟୀ ହୋଇ ଯାଉଥିଲେ । ମହାସଂଘର କର୍ମକର୍ତା ମାନେ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡ଼େଲି ୱେଜେସ କର୍ମଚାରୀଙ୍କୁ ଆଉଟ ସୋର୍ସିଙ୍ଗ କର୍ମଚାରୀମାନଙ୍କ ଭଳି ସମାନ ସୁବିଧା ପ୍ରଦାନ କରିବା ସହ ସମସ୍ତ ବର୍ଗର ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀ କରିବା ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବ ନିମ୍ନ ଦରମା ସହିତ ଚାକିରୀ ର ନିରାପତା ପାଇଁ ମହାସଂଘ ର ନେତୃତ୍ୱ ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରୀ ଆଉଟସୋର୍ସିଂ ସଂଘର ରାଜ୍ୟସ୍ତରୀୟ ନେତୃତ୍ୱଙ୍କ ମଧ୍ୟରୁ ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ସଭାପତି ସଂଜୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ମାନସ ଦାସ, ମହାସଚିବ ହେମନ୍ତ ବସ୍ତିଆ, ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ପାଣୀ ଓ ସେହେଜୁର ରେହମାନ ଯୋଗଦେଇ ଥିବା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ଆଗାମୀ ଦିନର ଆହ୍ୱାନ ପ୍ରତି ସଜାଗ ଦୃଷ୍ଟି ରଖି ହକ ଅଧିକାରର ନିର୍ଣ୍ଣାୟକ ଲଢେଇ ପାଇଁ ନିଜକୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲା ଉପଦେଷ୍ଟା ହେମନ୍ତ ପଣ୍ଡା, ସଭାପତି ରାଜେଶ ଝାଙ୍କର, ସମ୍ପାଦକ ଚଂଚଳ ମିଶ୍ର, ଉପ ସଭାପତି ଦିଲିପ ସାହୁ, ସହ ସମ୍ପାଦକ ସୁନୀଲ ମିଶ୍ର, ସତ୍ୟାନନ୍ଦ ସେଠ, ନିରୋଜ ମିଶ୍ର, ଆଶୁତୋଷ ବେହେରାମାଳି, ଅଭିଳାଷ ମିଶ୍ର, ଲକ୍ଷ୍ମଣ ସାହୁ, ବିଜୟ ମିଶ୍ର ସମେତ ଅନ୍ୟାନ୍ୟ କର୍ମକର୍ତା ଦାୟିତ୍ୱ ସହକାରେ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବ୍ୟକ୍ତିତ୍ୱ ବିକାଶ ହିଁ ସମାଜର ବିକାଶ

ସମ୍ବଲପୁର, ୩୦/୦୯ (ନି.ପ୍ର): ଆଜି ପୂର୍ବାହ୍ନରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ପିଲାଙ୍କ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଚର୍ତୁବିଂଶତମ ସପ୍ତାହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲାଇବ୍ରେରିର ନିଜସ୍ୱ ପ୍ରେକ୍ଷାଳୟରେ ସମାପନ ହୋଇଯାଇଛି ।ପ୍ରଥମ ଅଧିବେଶନ ଆରମ୍ଭରୁ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପରେ ବୁଢାରଜା ସରକାରୀ ସ୍କୁଲ ର ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ, ବିଶିଷ୍ଟ ବୈଜ୍ଞାନିକ ସାର ଆଇଜାକ ନିଉଟନ ଙ୍କ ଜୀବନି ଓ ତାଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ନିୟମ ଉପରେ ଆଲୋଚନା କରି ବିଜ୍ଞାନ ଜଗତ କୁ ତାଙ୍କର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ର ଦ୍ୱିତୀୟ ପର୍ଯ୍ୟାୟ କୁ ଆରମ୍ଭକରି ପ୍ରାକ୍ତନ ବେଙ୍କ ଅଧିକାରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ମିଶ୍ର "ବ୍ୟକ୍ତିତ୍ୱ ବିକାଶ"ଉପରେ ଆଲୋଚନା ଆରମ୍ଭ କରି ଦୈନନ୍ଦିନ ଜୀବନ ରେ ମଣିଷ ର ଜୀବନଧାରା,ଜୀବନଶୈଳୀ, କାର୍ଯ୍ୟାବଳୀ, ଶ୍ରବଣ,ଲିଖନ,ପଠନ ଓ ଆଚରଣ,ଉଚ୍ଚାରଣ ଉପରେ ନିର୍ଭର କରେ ବୋଲି କହି ସମାଜ ର ବିକାଶ ବ୍ୟକ୍ତିତ୍ୱ ବିକାଶ ରୁ ହୁଏ ବୋଲି କହିଥିଲେ। ତେଣୁ ଏ ଦିଗରେ ବିଶେଷ ଧ୍ୟାନ ଦେବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଂଚାଳକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭ ରେ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ ସହ ସମଗ୍ର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବିଜୟ କୁମାର ସାହୁ ବୈଷୟିକ ସାହଯ୍ୟ ପ୍ରଦାନକରିଥିଲେ। ଆଜିର ପ୍ରଶିକ୍ଷଣ ଶିବିର ରେ ପ୍ରଶିକ୍ଷାର୍ଥୀ ଙ୍କ ମଧ୍ୟରୁ ହୁମେରା ବାନୋ ,ଦୀପ୍ତି ରଞ୍ଜନ,ସୋନାଲିକା, ସ୍ୱତୀ ପରିମିତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶିବିର ରେ ପ୍ରୋଫାସର ଆଦିତ୍ୟ ପ୍ରସାଦ ପାଢ଼ୀ,ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା,ରଘୁନାଥ ମିଶ୍ର,ବିଭୁତି ନାରାୟଣ ମାଝୀ,ଗୋଳକ ବିହାରୀ ମିଶ୍ର,ଡ଼. ଗିରିଧାରୀ ହୋତା ,ପ୍ରଫେସର ଶଙ୍କର ପ୍ରସାଦ ପତି, ମନୋଜ କୁମାର ନାଥ ଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ ।ଜାତୀୟ ସଙ୍ଗୀତ ପରେ କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା ।ଆଜିର ଶିବିରରେ ୧୪ ଟି ହାଇସ୍କୁଲ ରୁ ମୋଟ ୪୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥଲେ।

# ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ଆଲୋଚନା ଚକ୍ର

ଜୟପୁର, ୩୦/୦୯ (ନି.ପ୍ର): ବୋରିଗୁମ୍ମା ବ୍ଲକ ଆଦିବାସୀ ଓ ହରିଜନ ଜାଗରଣ ସଂଘ ତରଫରୁ ଜିଲ୍ଲା ଭିତିକ ନିଯୁକ୍ତି ଦାବୀ କରି ଜନଜାତି ମଂଚ ତରଫରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେଇ ଯାଇଛି । ଆଜି ଏହି ବିଷୟରେ ବୋରିଗୁମ୍ମା ଜନଜାତି ମଂଚର ସଭାପତି ଶ୍ରୀ ସତ୍ୟ ନାରାୟଣ ନାୟକ ସୂଚନା ଦେଇଛନ୍ତି ଯେ, ବୋରିଗୁମ୍ମା ତଥା ଅବିଭକ୍ତ କୋରାପୁଟ ଜିଲ୍ଲା ତଫସିଲ ଭୁକ୍ତ ଜାତି ଓ ଜନଜାତି ଅଂଚଳ ସମ୍ବିଧାନର ପଂଚମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ଥିବାରୁ ଅନ୍ୟ ଜିଲ୍ଲାରୁ ଛାତ୍ର ଛାତ୍ରୀ ଆସି ଚାକରି ଓ ଅନ୍ୟ ସବୁ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରୁଥିବାରୁ ଏହି ସବୁ ଜିଲ୍ଲାରେ ଥିବା ବେକାର ମୂଳ ଅଧିବାସୀଙ୍କ ସାମ୍ବିଧାନିକ ଅଧିକାର ଖୁର୍ଣ୍ଣ ହେଉଛି ଓ ଶିକ୍ଷିତ ଯୁବକ ଯୁବତୀ କାମ ନପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ଭିତିକ ନିଯୁକ୍ତି ଦେବା ଓ ବିଭିନ୍ନ କ୍ଷେତ୍ରରେ ମୂଳ ଅଧିବାସୀଙ୍କୁ କର୍ମ ସଂସ୍ଥାନ ଯୋଗାଇଦେବାକୁ ଦାବୀ କରିଛନ୍ତି ।

# ମାଲକାନଗିରି ଡିପଥେରିଆ ରୋଗର କାୟା ବିସ୍ତାର: ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ୨ଜଣିଆ ସ୍ୱତନ୍ତ୍ର ଦଳ ପହଁଚି କଲେ ସ୍ଥିତି ଅନୁଧ୍ୟାନ

ମାଲକାନଗିରି , ୩୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଡିପଥେରିଆ ରୋଗ ନିଜର କାୟା ବିସ୍ତାର କରିବା ପରେ ଜଣଙ୍କ ମୁଣ୍ଡ ନେଇଛି । ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଳେ କୋରାପୁଟ ଏସ.ଏଲ.ଏନ କଲେଜରେ ପ୍ରଥମ ଚିହ୍ନଟ ଶିଶୁ ରୋଗୀ ସିବୁ ମାଡକାମୀର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଶିଶୁ ରୋଗୀ ପିଙ୍କୁ ମାଢି ବର୍ତ୍ତମାନ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି । ତେବେ ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇବା ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭଗାର ୨ ଜଣିଆ ସ୍ୱତନ୍ତ୍ର ଦଳ ପହଁଚି ଆଜି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଦଳରେ ରାଜ୍ୟ ଟିକାକରଣ ଅଧିକାରୀ ତାପସ ରାୟ ଓ ୟୁନିସେଫ ଟିକାକରଣ ଅଧିକାରୀ ଅନିଲ ପଟ୍ଟନାୟକ ଜିଲ୍ଲାର ଚିତ୍ରାଙ୍ଗପାଲି ଆବାସିକ ବିଦ୍ୟାଳୟ ଓ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ପହଁଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିଦ୍ୟାଳୟରେ ଡାକ୍ତରୀ ଦଳ ଉପସ୍ଥିତ ରହି ଦିବାରାତ୍ର ପିଲାଙ୍କ ଉପରେ ନଜର ରଖିବା ସହ ଟୀକା କରଣ ମଧ ଆରମ୍ଭ ହୋଇଥିବା ଜଣା ପଡିଛି । ଜ୍ୱାର, କାଶ ଥିବା ମୋଟ ୮ ଜଣ ପିଲାଙ୍କୁ ବିଦ୍ୟାଳୟରେ ନୀରିକ୍ଷଣରେ ରଖି ସେମାନଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । ସେହିପରି କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ଜଣ ଶିଶୁ ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଳେ ସମସ୍ତ ୧୬ ଜଣଙ୍କ ନମୁନା ସଂଗ୍ରହ କରି କୋରାପୁଟ ଏସ.ଏଲ.ଏନ ମେଡିକାଲକୁ ପରୀକ୍ଷା ପାଇଁ ପଠା ଯାଇଛି । ସୂଚନା ଅନୁଯାୟୀ କିଛି ଦିନ ତଳେ ଚିତ୍ରାଙ୍ଗପାଲି ଆଶ୍ରମ ବିଦ୍ୟାଳୟରେ ଡିପଥେରିଆ ରୋଗ ସଂକ୍ରମଣ ହେବା ପରେ ଥଣ୍ଡା କାଶ ଜନିତ ରୋଗର ଶିକାର ହୋଇ ଗତ ୧୯ ତାରିଖରେ ଶିବୁ ମାଡକାମୀ ନାମକ ଜଣେ ଛାତ୍ରଙ୍କ କୋରାପୁଟ ଏସ.ଏଲ.ଏନ ମେଡିକାଲରେ ମୃତ୍ୟୁ ହୋଇଥିଲା । ପରେ କାଲିମେଳା ମେଡିକାଲର ଏକ ଡାକ୍ତର ଟିମ୍ ଚିତ୍ରାଙ୍ଗପାଲି ସ୍କୁଲରେ ପହଞ୍ଚି ମୋଟ ୩ଜଣଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ କୋରାପୁଟ ମେଡିକାଲ କଲେଜକୁ ପଠାଇ ଥିଲେ । ସେଥି ମଧ୍ୟରୁ ୨ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଥିବା ବେଳେ ପିଙ୍କୁ ମାଢି ନାମକ ଛାତ୍ର ଏହି ରୋଗରେ ଆକ୍ରାନ୍ତ ଥିବା ଜଣା ପଡିଥିଲା । ଏହାପରେ ପିଙ୍କୁଙ୍କୁ କୋରାପୁଟ ଏସ.ଏଲ.ଏନ ମେଡିକାଲକୁ ପଠା ଯାଇଥିବା ବେଳେ ସେଠହରେ ତାଙ୍କର ଚିକିତ୍ସା ଜାରି ରହିଛି । ତେବେ ଏହି ରୋଗକୁ ନେଇ ଭୟବିତ ନହୋଇ ସଚେତନ ରହିବା ସହ ସ୍ୱାସ୍ଥ୍ୟ ବିଭାଗ ତତ୍ପର ଥିବା ନେଇ କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ କରିଛନ୍ତି । ଚଷକୁଟ୍ଟକୁ ୧୦୧ ସୀମାନ୍ତରେ ମାଓବାଦୀଙ୍କ ଆଇଡି ବୋମା ବିସ୍ଫୋରଣରେ ୫ ଯବାନ ଆହତ

ମାଲକାନଗିରି,୨୯।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଆଇଡି ବୋମା ବିସ୍ଫୋରଣରେ ପାଞ୍ଚ ଯବାନ ଆହତ । ସୂଚନା ଅନୁଯାୟୀ ତର୍ରେମ ଥାନା ଅଞ୍ଚଳରେ ନକ୍ସଲମାନେ ଖଞ୍ଜି ଥିବା ଆଇଇଡି ବୋମା ବିସ୍ଫୋରଣରେ ୫ଯବାନ ଆହତ ହୋଇଥିବା ସୂଚନା ମିଳିଛି । ଆଜି ସକାଳ ଭୋର ସମୟରେ ଚିନ୍ନାଗେଲୁର ସିଆରପିଏଫ୍ କ୍ୟାମ୍ପରୁ ଯବାନମାନେ ତଲାସି ଅଭିଯାନ ପାଇଁ ଯାଇଥିଲେ । ଏହି ସମୟରେ ପୂର୍ବରୁ ମାଓବାଦୀ ଖଞ୍ଜି ଥିବା ଏକ ଆଇଡି ବୋମା ବିସ୍ଫୋରଣ ଘଟିଥିବା ବେଳେ ପାଞ୍ଚ ଯବାନ ଆହାତ ହୋଇଛନ୍ତି । ପୁଲିସ ଅଧିକାରୀଙ୍କ ଦ୍ୱାରା କୁହାଯାଉଛି ଯେ ଆହାତ ଯବାନ ମାନଙ୍କୁ ପ୍ରାଥମିକ ଉପଚାର ପରେ ଉଚିତ ଚିକିତ୍ସା ନିମନ୍ତେ ବିଜାପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ଔଷଧ ନୁହେଁ ଜୀବନ ଶୈଳୀ, ଡାଇବେଟିସ ରୋଗକୁ ଦୂରକରେ

ସୋନପୁର, ୩୦/୦୯ (ନି.ପ୍ର): ସୁବର୍ଣ୍ଣପୁର ସହର ର ପୌର ପରିଷଦ ସ୍ମାର୍ଟ ପାର୍କ ଠାରେ ସକାଳ ସାତ ଘଂଟାରେ ପତଞ୍ଜଳୀ ଯୋଗ ସମିତି ସୁବର୍ଣ୍ଣପୁର ତରଫରୁ ମଧୁମେହ ରୋଗର ଲକ୍ଷଣ ଓ ନିରାକରଣ ସକାଶେ ବିଶେଷଜ୍ଞ ଡାକ୍ତର ଧୀରଜ୍ ପଣ୍ଡାଙ୍କ ସହ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏ ଡି ଏମ୍ ଅଞ୍ଜଳିନା ପଧାନ ଯୋଗ ଦେଇ ଇଷ୍ଟ ଦେବୀ ମା ସୁରେଶ୍ୱରୀଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍ଘାଟନ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତାମସି ତାମସ୍ମିତା ନାୟକ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଭୁବନେଶ୍ୱର ମେଙ୍କଫୋର୍ଡ ହସ୍ପିଟାଲ୍ ର ଡ଼ାଇବେଟୋଲୋଜିଷ୍ଟ ଡ଼ା ଧିରଜ୍ କୁମାର୍ ପଣ୍ଡା ଏହି ଶିବିରରେ ଯୋଗଦେଇ ମଧୁମେହ ରୋଗର ଲକ୍ଷଣ ଓ ଏହାର ନିରାକରଣ ଉପରେ ପ୍ରଶ୍ନ ଉତର ମାଧମରେ ଶତାଧିକ ଲୋକଙ୍କୁ ପରାମର୍ଶ ଦେଇଥିଲେ । ଡାଇବେଟିସ ଏକ ରୋଗ ନୁହେଁ କେଲୋରୀ ଓ ଇନସୁଲିନ ର ସମସ୍ୟା ହିଁ ଡାଇବେଟିସ ବୋଲି କହିଥିଲେ ଓ ଦୈନନ୍ଦିନ ଜୀବନ ଶୈଳି ଦ୍ୱାରା ଏହାକୁ ଦୂର କରିହେବ ବୋଲି ଶ୍ରୀ ପଣ୍ଡା ବୁଝାଇଥିଲେ ।ଏବଂ ସୁସ୍ଥ ନିରାମୟ ଜୀବନ ଯାପନ କରିବାକୁ ହେଲେ ଠିକ୍ ସମୟ ରେ ଭୋଜନ କରିବାକୁ, ଭାରାକ୍ରାନ୍ତ ନ ହେବାକୁ, ଓ ଡ଼ାଏଟ୍ କଂଟ୍ରୋଲ କରିବାକୁ ପରାମର୍ଶ କରିଥିଲେ । ରେଣୁକା ଡ଼ାଇଗ୍ନୋସିଷ୍ଟ ତରଫ ରୁ ମାଗଣା ରେ ବ୍ଲଡ ସୁଗର, ବିପି, ଓଜନ ପରୀକ୍ଷା କରଯାଇଥିଲା । ସଚେତନତା ସଭାରେ ଏଡିଏମ୍ ଓ ସମସ୍ତ ଅତିଥିଙ୍କ ଦ୍ୱାରା ଡ଼ା. ପଣ୍ଡାଙ୍କୁ ଓ ଶିବିର ଆୟୋଜନର ସହଯୋଗୀ ସୁବାଷ ପଣ୍ଡା ଓ ସଞ୍ଜୟ ବଡ଼ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପତଞ୍ଜଳି ଯୋଗ ସମିତି ସଭାପତି ଗୋପାଳ ନେଗୀ ଓ ସମ୍ପାଦକ ଶ୍ରିବନ୍ତ ମିଶ୍ର ଓ ଯୋଗୀ ରବୀନ୍ଦ୍ର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଗୁରୁ ମନୋଜ ପଣ୍ଡା ଓ ଯୋଗୀ ମନୋରଂଜନ ତ୍ରୀପାଠୀ ସଭା ସଂଯୋଜନା କରିଥିଲେ କ୍ଷ ଜାଗୃତି ସାହୁ ଓ ସ୍ୱାଗତିକା ମହାପାତ୍ରଙ୍କ ଦ୍ୱାରା ଅତିଥିଙ୍କୁ ଉପଢ଼ୌକନ ଓ ଫୁଲ ତୋଡା ଦେଇ ସ୍ୱାଗତ କରିଥିବା ବେଳେ ପତଞ୍ଜଳୀ ଯୋଗ ସମିତି, ସ୍ୱଚ୍ଛ ଭାରତ, ଗୋପଲ୍ଲୀ ଯୋଗାଳୟ, ସିନିୟର୍ ସିଟିଜେନ୍, ଫରେଷ୍ଟ ପାର୍କ ମର୍ଣଂ ୱାକର୍ସ କ୍ଲବ୍ , ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ସହରର ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ଜନ୍ମଦିନରେ କବିତା ପାଠୋତ୍ସବ

କେନ୍ଦ୍ରାପଡା , ୨୯ସେପ୍ଟେମ୍ବର (ହିସ ) - ପୂର୍ବାହ୍ନେର ବାରୁଅସ୍ଥିତ ଭାବଗ୍ରାହୀ କଳା ନକେତନର ଚିରସବୁଜ ଅକ୍ଷୟ ମହାନ୍ତି କକ୍ଷେର କବି ଭାବଗ୍ରାହୀ ପରିଡାଙ୍କ ଦ୍ୱାରା ସଂସ୍ଥାପକ ବାଣୀବିନୋଦ ସାହିତ୍ୟ ସେବା ନକେତନ ଏବଂ କେଠୋରାସ୍ଥିତ ସତୀର୍ଥ ସାହିତ୍ୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟେର ଶାରଦୀୟ କବିତା ପଠୋତ୍ସବ ଏବଂ ସତୀଥର୍ର ପ୍ରତିଷ୍ଠାତା କବି ମନ୍ମଥନାଥ ବରାଳଙ୍କ ୭୯ତମ ଜେନ୍ମାତ୍ସବ ମହାସମରୋହେର ପାଳିତ ହୋଇଯାଇଛି । ଏହି ଅବସରେର କବିଙ୍କୁ ଭାବଗ୍ରାହୀ କଳା ନକେତନ, ରେଡିଓ ଭାବଗ୍ରାହୀ, ଆମ ଗାଁ ସାହିତ୍ୟ ପରିଷଦ, ହେନ୍ତାଳ ପତ୍ରିକା, ସତୀର୍ଥ ସେମତ ବିଭିନ୍ନ ଅନୁଷ୍ଠାନ ତରଫରୁ ବିପୁଳ ଭାବେର ସମ୍ବର୍ଦ୍ଧିର୍ତ କରାଯାଇଥିଲା । ଗୀତିକାର ଏବଂ ସଂଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମେର କବି ହେମନ୍ତ କୁମାର ରାଉତ ମୁଖ୍ୟ ଅତିଥି, ସତୀର୍ଥ ସଭାପତି ଅମର ପ୍ରସାଦ ରାଉତ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ଭାବେର ବାଣୀବିନୋଦ ସଭାପତି ନିରଂଜନ ପରିଡା, ପ୍ରେଫସର କୈଳାସ ବରାଳ ଏବଂ କବି ରାମକୃଷ୍ଣ ଦାଶ ପ୍ରମୁଖ ଯୋଗେଦଇ ଶାରଦୀୟ କବିତା ପଠୋତ୍ସବ ସମ୍ପକର୍ରେ ଅାଲୋଚନା କରିବା ସହିତ କବି ମନ୍ମଥଙ୍କ ଆଦର୍ଶ ଜୀବନଚର୍ଯ୍ୟା, ସମାଜ ଏବଂ ସାହିତ୍ୟ କ୍ଷେତ୍ରେର ତାଙ୍କର ବଳିଷ୍ଠ ଅବଦାନ ସମ୍ପକର୍ରେ ଅାଲୋକପାତ କରି ତାଙ୍କର ସୁଦୀର୍ଘ ନିରାମୟ ଜୀବନ କାମନା କରିଥେ୍ଲ । ବିମଳ ପରିଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥେ୍ଲ । ବିଶିଷ୍ଟ ଗାୟିକା ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଗାଇଥେ୍ଲ । ଏହି ଅବସରେର କବି ଶୈଳଜା ଶଙ୍କର ସାମଲଙ୍କ ସଂେଯାଜନେର ଅାୟୋଜିତ ଶାରଦୀୟ କବିତା ପଠୋତ୍ସବେର ଡା. ରତ୍ନାକର ମଲିକ, କୈଳାସ ମଲିକ, ଉର୍ମିଳା ମିଶ୍ର, କବିତା ମୁଦୁଲି, ସ୍ୱପ୍ନାଂଶୁ ଦାଶ, ନିରୁପମା ଦାସ, ଦେବାଶିଷ ପ୍ରଧାନ, ଅଜୟ ପାତ୍ର, ରଂଜନ ବାଇ, ଭୀମେସନ ପ୍ରଧାନ, ଶ୍ରୀବତ୍ସ ସେଠୀ, ଫଗୁ ସ୍ୱାଇଁ, ଅଧର ଚନ୍ଦ୍ର ଯେନା, ସ୍ମୃତି ସଂଜିବନୀ ନାୟକ, ପ୍ରତିଶ୍ରୁତି ବରାଳ, ଲିଜା ପ୍ରତିହାରୀ, ପ୍ରସନ୍ନ ପ୍ରତିହାରୀ ପ୍ରମୁଖ କବି ଏବଂ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥେ୍ଲ । ସମାଜେସବୀ ଭାଗବତ ଷଡଙ୍ଗୀ, ମାଧବ ମଲିକ, କାଳନ୍ଦୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥେ୍ଲ । ଶେଷେର କଣ୍ଠଶିଳ୍ପୀ ବିମଳ ପରିଡା ଅକ୍ଷୟ ମହାନ୍ତିଙ୍କ ଭଜନ ଗାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅପର୍ଣ କରିଥେ୍ଲ ।

# ତୁଳସୀ କ୍ଷେତ୍ର ପଣ୍ଡିତ ସଭା ଅନୁଷ୍ଠିତ

କେନ୍ଦ୍ରାପଡା , ୩୦/୦୯ (ନି.ପ୍ର): କେନ୍ଦ୍ରାପଡା ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ୮ମ ଅଧିବେଶନ ନରହରି ଦାସ ବ୍ରହ୍ମଚାରୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ପଣ୍ଡିତ ସତ୍ୟ ନାରାୟଣ ପତି ଅାଲୋଚନା କାର୍ଯ୍ୟକ୍ରମ ର ଏଜେଣ୍ଡା ଉପସ୍ଥାପନ କରିବା ସହ ସାମୂହିକ ବ୍ରତ ଉପନୟନ, ବାର୍ଷିକ ଉତ୍ସବ ଓ ସମାଜ ସଂସ୍କାର କାର୍ଯ୍ୟକ୍ରମ ସଂପକର୍ରେ ଅାଲୋଚନା କରା ଯାଇଥିଲା । ଉପ ସଭାପତି ପଣ୍ଡିତ କିଶୋର ମିଶ୍ର ସଭାର ଆଭିମୁଖ୍ୟ ଉପେର ଅାଲୋଚନା କରିଥିବା ବେଳ ପଣ୍ଡିତ ନୃସିଂହ ଚରଣ ପତି, ମେହଶ୍ୱର ପାଣି, ରମାକାନ୍ତ ପତି, ପିତାମ୍ବର ଲେଙ୍କା, କୂଳମଣି ପଣ୍ଡା, ନିମାଇଁ ଚରଣ ତ୍ରିପାଠି, ପୂର୍ଣ୍ଣଚନ୍ଦ୍ର ପତି, ନେରନ୍ଦ୍ର କୁମାର ତ୍ରିପାଠୀ, ସେନ୍ତାଷ କୁମାର ମହାପାତ୍ର, ହରିପ୍ରିୟା ଦାସ ପ୍ରମୁଖ ଅାଲୋଚନେର ଅଂଶ ଗ୍ରହଣ କରିଥେ୍ଲ ।

# ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମ ସମ୍ମାନିତ

ଘଟଗାଁ , ୩୦/୦୯ (ନି.ପ୍ର): ନୃସିଂହ ନାଥ ସିଂ ଙ୍କ ସଭାପତିତ୍ୱରେ ଆୟୋଜିତ ଉର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ୪୮ତମ ସାରସ୍ୱତ ସମାରୋହରେ ସାହିତ୍ୟ, ସଂସ୍କୃତି ଓ ଆଧାତ୍ମିକତା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନାରୀ ଜାଗରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଘଟଗାଁର କ୍ଷିତିଜ୍ୟୋତିଃ ଆଶ୍ରମକୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । କେନ୍ଦୁଝର ଜିଲ୍ଲା ପିପିଲିଆସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସ୍ତରୀୟ ଉତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ୪୮ତମ ମହାସମାରୋହର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଲୋକସଭା ସାଂସଦ (କେନ୍ଦୁଝର) ଅନନ୍ତ ନାୟକ ସମ୍ମାନିତ ଅତିଥି ଭାବରେ ଦୈନିକ କାଳାନ୍ତର ର ମୁଖ୍ୟ ସମ୍ପାଦକ ସୌମ୍ୟକାନ୍ତ ସାମନ୍ତରାୟ, ଧରଣୀଧର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ଼ଃ ବିଦ୍ୟାଧର ବେହେରା,ପ୍ରାକ୍ତନ ପ୍ରଧାପକ ଡ଼ଃ ଧିରେନ ମହାନ୍ତି, ଓ ବିଶିଷ୍ଟ ଲେଖକ ଶମ୍ଭୁନାଥ ରାଉତ,ଏବଂ ପିପିଲିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରାକାର ସ୍ୱାଇଁ ! ସମାଜ ସଂସ୍କାରକ ଓ ଆଧାତ୍ମିକ ପଥ ପ୍ରଦର୍ଶକ ଠାକୁର କେଶବ ଚନ୍ଦ୍ରଙ୍କ ଆଦର୍ଶରେ କେନ୍ଦୁଝର ପରି ଆଦିବାସୀ ଅଧୁଷିତ ଦୁର୍ଗମ ଅଂଚଳରେ ନିସ୍ୱାର୍ଥପର ଭାବରେ ନିଷ୍ଠାର ସହିତ ଦୀର୍ଘ ଦୁଇ ଦଶାନ୍ଧି ଧରି ଜାଗ୍ରତ ପ୍ରହରୀ ରୂପେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବ ଜାତିର କଲ୍ୟାଣ କର୍ମକୁ ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମ ଯେଉଁଭଳି ଭାବରେ ସୁଚାରୁରୂପେ ସମ୍ପାଦନ କରୁଛି ତାହା ଉପସ୍ଥିତ ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଆଶ୍ରମର କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ, ସଂଗଠକ ବାବାଜୀ ଚରମାନନ୍ଦ ଦାସ ପ୍ରତାପ, ଓ ସଦସ୍ୟ ମାନସ ରଞ୍ଜନ ବେହେରା, ତରଣୀ ପଲେଇ, ମନୋରଞ୍ଜନ ବେହେରା, ଦୀପକ ଦେହୁରୀ, ଭୀମସେନ ପାତ୍ର ଓ ହେମାନନ୍ଦ ମହାନ୍ତ ଏବଂ କ୍ଷୀରୋଦ ମହାନ୍ତ ଉକ୍ତ ସମାରୋହରେ ଉପସ୍ଥିତ ହୋଇ ଅତିଥି ମାନଙ୍କଠାରୁ ମାନପତ୍ର, ଉପଢୌକନ ଓ ପୁଷ୍ପମାଲ୍ୟ ଗ୍ରହଣ କରିଥିଲେ ।

# ଦୁର୍ଘଟଣାରେ କୋରେଇ ଥାନା ହାବିଲଦାର ଗୁରୁତର

କୋରେଇ, ୩୦/୦୯ (ନି.ପ୍ର): କୋରେଇ ଥାନାର କାର୍ଯ୍ୟରତ ହାବିଲଦାର ସୁଦର୍ଶନ ସେଠୀ ଦାମୋଦରପୁରସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ୧୬ ନମ୍ବର ଜାତୀୟରାଜପଥର ଦାମୋଦରପୁର ଗଡାଣୀରେ ବାଇକ ସହ ଦୁର୍ଘଟଣା ଘଟି ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ପ୍ରକାଶଯେ ଶ୍ରୀ ସେଠୀ କୋରେଇ ଥାନାରୁ ଡିୟୁଟି ସାରି ଆଜି ମଧ୍ୟାନ୍ନରେ ଘରକୁ ଖାଇବାକୁ ଆସୁଥିଲେ । ୧୬ ନମ୍ବର ଜାତୀୟ ରାଜପଥର ସଂଯୋଗୀକରଣ ରାସ୍ତାଟି ଟ୍ରକ ମାଲିକଙ୍କ ଦଖଲରେ ଥିବା ବେଳେ ସେ ଉକ୍ତ ଗଡାଣୀ ଗଡିବାକୁ ଯାଉଥିବା ବେଳେ ସମ୍ମୁଖ ଭାଗରୁ ଅନ୍ୟ ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଶ୍ରୀ ସେଠୀ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପାଣିକୋଇଲିରେ ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ନିମନ୍ତେ କଟକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ସୂଚନା ମିଳିଛି । ବିପରିତ ଦିଗରୁ ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ନିଶାସକ୍ତ ଥିବା ସୂଚନା ମିଳିଛି । ସେ ମଧ୍ୟ ସାମାନ୍ୟ ଆହତ ହୋଇଥିବା ବେଳେ ତାର ବାଇକ ଆଗଟି ସମ୍ପୂର୍ଣ୍ଣ ଚୁରମାର ହୋଇଛି ।

# ବାଙ୍ଗାଲୁରୁରେ ନୂଆଁଖାଇ ଉତ୍ସବ ପାଳିତ

ବଲାଙ୍ଗିର, ୩୦/୦୯ (ନି.ପ୍ର): ଡାଲଖାଇ ଫାଉଣ୍ଡେସନ ପରିବାର ତରଫରୁ ପଶ୍ଚିମ ଓଡିଶାର ମହାନ୍ ଗଣପର୍ବ ନୂଆଁଖାଇ ଉତ୍ସବ ବାଙ୍ଗାଲୁରୁ ଠାରେ ଧୂମଧାମରେ ପାଳିତ କରାଯାଇଛି । ସକାଳୁ ମାଁଙ୍କ ପୂଜା ପରେ ଓଡିଶାରୁ ଆସିଥିବା ନୂଆ ଚାଉଳ, ଚୂଡ଼ାକୁ ଭୋଗ ଲାଗିଲା ପରେ ସମସ୍ତେ ଏକାଠି ହୋଇ ସମସ୍ତେ ତଳେ ବସି ନୂଆ ଖାଇ ଓ ପଂଚାମୃତ ପାଇଲେ । ପରେ ସମସ୍ତେ ବଡ ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିଲେ । ବାଙ୍ଗାଲୁରୁ ସ୍ଥିତ ଅନେକ ଅନୁଷ୍ଠାନମାନଙ୍କରୁ ପ୍ରାୟ ୧୦୦୦ରୁ ଅଧିକ ଲୋକ କୃଷ୍ଣରାଜପୁରମ୍ ସ୍ଥିତ ଆଇଟିଆଇ ଅଫିସର କ୍ଲବ ଠାରେ ଆୟୋଜିତ ନୂଆଁଖାଇ ଉତ୍ସବରେ ଯୋଗଦେଇଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଇସ୍ରୋ ବୈଜ୍ଞାନିକ ଡ଼ଃ. ଶରତ ଚନ୍ଦ୍ର ଦାଶ, ମେଜର ସଞ୍ଜୟ ମେହରୋତ୍ରା, ଲେଫ୍ଟନାଂଟ ଦେବେନ୍ଦ୍ର ଗେହଲୋଟ, ରାଜେନ୍ଦ୍ର ଜୀ, ପ୍ରବୀଣ ଅଗ୍ରୱାଲ ଓ ପ୍ରିୟା ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । ପରିବାରର ମୁରବୀ ଯତୀନ ମିଶ୍ର ଓ ଜ୍ୟୋତ୍ସ୍ନା ମିଶ୍ରଙ୍କ ତତ୍ୱାବଧାନରେ ଆୟୋଜିତ ଏହି ମହାନ ଗଣପର୍ବରେ ପାର୍ଥ ସାରଥୀ ଦାଶ, ଆଶ୍ରା ଦାଶ, ତାପସ ରାଜ ମହାରଣା, ସୂର୍ଯ୍ୟ ମହାପାତ୍ର, ରୀନା ମହାପାତ୍ର, ମାନସ ଦାଶ, ଦାଶରଥି ମିଶ୍ର, ରଞ୍ଜୀବ ରଣା, ଅଭିଜିତ ପାତ୍ର, ଶ୍ରାବଣୀ ପାତ୍ର, ମିତ୍ରଭାନୁ ମେହେର, ସୁରେଖା ମେହେର, ବନାନୀ ପାଣିଗ୍ରାହୀ, ବିନୋଦ ପଟେଲ, ଆଶା ପଟେଲ, ମନମୋହନ ପଟେଲ, ଜୟଶ୍ରୀ ପଟେଲ, ସୋନାଲି ମିଶ୍ର, ବାଞ୍ଛା ମିଶ୍ର, ସ୍ନିଗ୍ଧାରାଣୀ ମିଶ୍ର, ଶାନ୍ତନୁ ମେହେର, ଫିରୋଜ ମେହେର, ବାବୁନ ମିଶ୍ର, ଶଶିକାନ୍ତ ଦୀପ, ପ୍ରଜ୍ଞା ଦାଶ, ସଞ୍ଜୟ ବିଶି, ଲୋପାମୁଦ୍ରା ବିଶି, ଆଦିତ୍ୟ ଶତପଥୀ, ଶାନ୍ତନୁ ପଣ୍ଡା, ଆଶୁତୋଷ, ପିଂଟୁ, ସନ୍ତୋଷ, ସିଦ୍ଧାର୍ଥ, ସଞ୍ଜୀବ ପାଣିଗ୍ରାନୀ, ଡଃ. ପଙ୍କଜା, ଅଲିଭା, ରାକେଶ, ଲିପିକା ମେହେର, ବିମଳ ମିଶ୍ର, ରଞ୍ଜୁ ମିଶ୍ର, ଓମ ହୋତା, ସ୍ୱାଗତିକା ହୋତା ପ୍ରମୁଖ ଭୂମିକା ତୁଲାଇଥିଲେ । ଓଡିଶାରୁ ଶିଶୁ କଳାକାର ଅର୍ଚ୍ଚିତା ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଝରକା ଭାଂଗି ନଗଦ ୭ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଚୋରି

କୋରେଇ, ୩୦/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁରରେ ଝରକା ଗ୍ରୀଲ ଭାଂଗି ଶନିବାର ରାତ୍ରୀରେ କେହି ଦୁର୍ବୃତ ନଗଦ ୬ଲକ୍ଷ ୬୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି । ଅଭିଯୋଗ ପରେ ଗଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ତଦନ୍ତ ଜାରି ରଖିଛି । ପ୍ରକାଶଯେ ପାଣିକୋଇଲି ଗ୍ରାମର କାର୍ତିକ ସେଠୀ ଓ ତାଙ୍କ ସ୍ତ୍ରୀ ହାରାମଣି ସେଠୀ ସଠିପୁରରେ ଘରଭାଡା ନେଇ ରହୁଥିଲେ । କାର୍ତିକ ଜଣେ ଅବସରପ୍ରାପ୍ତ କର୍ମଚାରୀ । ସେ ବ୍ୟାଙ୍କରୁ ଟଙ୍କା ଉଠାଇ ନିଜ ଘର ଗଡରେଜଲେକରେ ରଖିଥିଲେ । ଶନିବାର ରାତ୍ରୀରେ ଅସୁସ୍ଥତା ଅନୁଭବ କରିବାରୁ ସେ ଉକ୍ତ ରୁମ ଛାଡି ତାଙ୍କ ପତ୍ନୀଙ୍କ ରୁମରେ ଶୋଇଥିଲେ । ଏହାର ସୁଯୋଗରେ କେହି ଦୁର୍ବୃତ ଝରକା ଭାଂଗିବା ପରେ ଗ୍ରିଲ ଖୋଲି ଘରେ ପଶିଥିଲା । ଘରର କବାଟ ଭିତରୁ ବନ୍ଦ କରି ଆଲମିରା ଲକର ଭାଂଗି ନଗଦ ୫୬ଲକ୍ଷ ୬୦ହଜାର ଟଙ୍କା ସମତେ କାର୍ତିକ ଓ ତାଙ୍କ ସ୍ତ୍ରୀଙ୍କ ସୁନା ଅଳଙ୍କାର ଚୋରି କରିନେଇଥିଲା । ସକାଳୁ ଘରର କବାଟ ଭିତରୁ ବନ୍ଦଥିବା ଦେଖି କାର୍ତିକଙ୍କର ସନ୍ଦେହ ହେବାରୁ ବାହାର ପଟ ଝରକା ଦେଖିବା ବେଳକୁ ତଡାଯାଇ ଗ୍ରୀଲ ଖୋଲାଯାଇଛି । ଫଳରେ କାର୍ତିକ ସେଇ ଝରକା ପଟେ ପଶି କବାଟ ଖୋଲି ଦେଖିବା ବେଳେକୁ ଆଲମିରା ଖୋଲି କେହି ସବୁ ଲୁଟ କରିଛି । ଏନେଇ କାର୍ତିକ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ ସଦଳବଳେ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।

# ଧିମା ଗତିରେ ଚାଲିଛି ରାସ୍ତା ମରାମତି କାର୍ଯ୍ୟ: ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବି

ଭବାନୀପାଟଣା, ୩୦/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ଛତିକୁଡା ଠାରୁ ନର୍ଲାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ବୁରାଟ୍ ନିକଟରେ ରାସ୍ତାରେ ଖାଲଖମା ହୋଇ ଏକ କୃତ୍ରିମ ଜଳାଶୟ ସୃଷ୍ଟି ହୋଇଥିଲା । ଏନେଇ ଖବର ପ୍ରକାଶ ପାଇବା ପରେ ଏହି ଖାଲଖମାକୁ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରାଯାଉଛି । ତେବେ ବର୍ଷା ଯୋଗୁଁ ଏହି ରାସ୍ତା ମରାମତି କାର୍ଯ୍ୟ ଅତ୍ୟନ୍ତ ଧିମା ଗତିରେ ଚାଲିଥିବା ଜଣାପଡିଛି ।



# ଡମପଡା ଗଡ଼ଜାତର ହରିହର ପୀଠ ଶ୍ରୀ ମହିମା ମଣି ମନ୍ଦିର ଏବଂ ଶ୍ରୀ ଲୋକନାଥ

## (ତଥ୍ୟ ସ୍ରୋତ - ଶ୍ରୀଯୁକ୍ତ ହରି ସ୍ୱାଇଁଙ୍କ ରଚିତ ଡମପଡା ଇତିହାସ)



ସୁଷମା ପରିଜା

ମନ୍ଦିର ମାଳିନୀ ଆମ ଓଡ଼ିଶା ପ୍ରଦେଶ। ବଣ ଜଙ୍ଗଲ ପାହାଡ଼ ନଦୀ ପରିବେଷ୍ଟିତ ଏହାର ପ୍ରାକୃତିକ ଗଠନ ହିଁ ଅନାଦି କାଳରୁ ପ୍ରେରିତ କରି ଆସିଛି ମୁନି ଋଷି ସାଧୁ ସନ୍ଥ ମାନଙ୍କୁ ଏଠାରେ ବସବାସ କରି ଈଶ୍ୱର ସାଧନାରେ ଲିପ୍ତ ରହିବା ପାଇଁ। ଶୈବ ଶାକ୍ତ ବୈଷ୍ଣବ ଧର୍ମରୁ ଆରମ୍ଭ କରି ବୌଦ୍ଧ ଜୈନ ଧର୍ମର ଅପୂର୍ବ ସମନ୍ୱୟ ଘଟିଛି ଏହି ଭୂଖଣ୍ଡରେ। ସେଥିପାଇଁ ଏହାର ଛତ୍ରେ ଛତ୍ରେ ଗଢି ଉଠିଛି ଅସୁମାରି ମନ୍ଦିର ମଠ ମହାବିହାର। ସ୍ୱାଧୀନତା ପୂର୍ବର ଓଡ଼ିଶାରେ ତତ୍କାଳୀନ ଗଡ଼ଜାତ ମାନଙ୍କ ମଧ୍ୟରେ ଐତିହାସିକ ଭୂଖଣ୍ଡ ଡମପଡା ଗଡ଼ଜାତ। ପ୍ରଥମରୁ ଏହା ଜନଜାତିର ଶାସକଙ୍କ ଅଧୀନରେ ଥିଲେ ମଧ୍ୟ ପ୍ରାୟ ୧୬୫୫ ମସିହାରୁ ଏହା ସ୍ୱର୍ଣ୍ଣ କ୍ଷତ୍ରିୟ ରାଜା ମାନଙ୍କ ଦ୍ୱାରା ଶାସିତ ହେଉଥିବାର ଐତିହାସିକ ତଥ୍ୟ ରହିଛି। ମୋଗଲ ସାମ୍ରାଜ୍ୟର ସେନାପତି ବାଖର ଖାଁଙ୍କ ନିକଟରୁ ବାଙ୍କୀ ଗଡ଼ର ରାଜା ଶ୍ରୀ ଗମେଇ ଧଳ ବାଙ୍କୀ ଏବଂ ଡମପଡା ଉଭୟ ଗଡ଼ଜାତକୁ ନିଲାମ ଧରି ସେଥିରେ ରାଜୁତି କରୁଥିଲେ। ତାଙ୍କ ଅନ୍ତେ ତାଙ୍କର ତିନି ପୁଅଙ୍କ ମଧ୍ୟରେ ଉତ୍ତରାଧିକାରୀ ସ୍ୱତ୍ୱକୁ ନେଇ ଗଣ୍ଡଗୋଳ ଉପୁଜିବାରୁ ମୋଗଲ ସୁବାଦାର ରସଦ୍ ଖାଁ ଏହି ଜମିଦାରୀକୁ ତିନି ଖଣ୍ଡ କରି ସେମାନଙ୍କ ମଧ୍ୟରେ ବାଣ୍ଟିଦେଲେ। ବାଙ୍କୀ ଗଡ଼ ବଡ ପୁଅ ପାର୍ଥ ଶ୍ରୀଚନ୍ଦନଙ୍କ ରାଜତ୍ୱରେ ରହିଲା ବେଳେ ମଝିଆଁ ପୁଅ ଶ୍ରୀ ନରସିଂହ ସାମନ୍ତରାୟଙ୍କୁ ଡମପଡା ଗଡ଼ଜାତର ରାଜତ୍ୱ ଏବଂ ସାନ ପୁଅ ଶ୍ରୀ କୃଷ୍ଣଚନ୍ଦ୍ର ଗଜେନ୍ଦ୍ରଙ୍କୁ ସରଣ୍ଡା ଗଡ଼ର ରାଜତ୍ୱ ମିଳିଲା।

ଏଣୁ ଶ୍ରୀ ନରସିଂହ ସାମନ୍ତରାୟଙ୍କୁ ଡମପଡ଼ା ଗଡ଼ଜାତର ପ୍ରଥମ କ୍ଷତ୍ରିୟ ରାଜା ଭାବରେ ଗ୍ରହଣ କରାଯାଏ। ସେ ୧୬୫୫ ମସିହାରୁ ୧୬୭୧ ମସିହା ପର୍ଯ୍ୟନ୍ତ ରାଜୁତି କରିଥିଲେ। ତାଙ୍କ ଅନ୍ତେ ତାଙ୍କର ଜଣେ ଜ୍ଞାତି ଭାଇ ନନ୍ଦ ପଶ୍ଚିମ କବାଟ ଡମପଡା ସିଂହାସନ ଆରୋହଣ କରିଥିଲେ। ସେ ୧୬୭୭ ମସିହାରେ ଗଜପତି ମହାରାଜ ମୁକୁନ୍ଦ ଦେବ (୧ମ)ଙ୍କ ଶାସନକାଳରେ ପୁରୀ ଯାଇଁ ଗଜପତି ମହାରାଜା ଏବଂ ଶ୍ରୀ ଜିଉ ମାନଙ୍କର ଦର୍ଶନ କରି ଗଜପତିଙ୍କ ଦ୍ୱାରା ଭ୍ରମରବର ରାୟ ଉପାଧି ପ୍ରାପ୍ତ ହୋଇ ତାଙ୍କରି ଅନୁମୋଦନରେ ଶ୍ରୀଜିଉମାନଙ୍କର ଆଜ୍ଞାମାଳ ଆଣି ରାଜବାଟୀରେ ତିନି ବିଗ୍ରହଙ୍କୁ ଆସନରେ ପ୍ରତିଷ୍ଠା କରି ସେବାପୂଜାର ବ୍ୟବସ୍ଥା କରାଇଥିଲେ କିନ୍ତୁ ସେମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ମନ୍ଦିର ନିର୍ମାଣ ହୋଇନଥିଲା।

ଏହି ରାଜବଂଶର ପଞ୍ଚମ ରାଜା ଥିଲେ କୃପାସିନ୍ଧୁ ନରେନ୍ଦ୍ର ଭ୍ରମରବର ରାୟ। ସେ ଜଣେ ପ୍ରଜାବତ୍ସଳ ଏବଂ ଦେବଭକ୍ତ ରାଜା ଥିଲେ। ସେ ସମୟରେ ସେଠାରେ ଜଳକଷ୍ଟ ଭୋଗୁଥିବା ପ୍ରଜା ମାନଙ୍କ ପାଇଁ ଜଙ୍ଗଲ କାଟି ରାସ୍ତା ତିଆରି କରିବା, ପାହାଡ଼ କାଟି ସଫାକରି ତଇଲା ଚାଷ କରିବା, ମହାନଦୀରୁ ପାଣି ଜମିକୁ ନେବା, ପାଟମାନଙ୍କରୁ ଜଳନିଷ୍କାସନ କରି ତାହାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଅନେକ ଜନହିତକର କାର୍ଯ୍ୟ କରିଥିଲେ। ତାଙ୍କ ରାଜତ୍ୱ ସମୟରେ ସେ ମହାନଦୀର ଦେବୀ ଦ୍ୱାରଠାରେ ରାମଚଣ୍ଡୀ ମନ୍ଦିର ତୋଳାଇଥିଲେ। ପୁନଶ୍ଚ ତାଙ୍କରି ରାଜୁତି କାଳ (୧୭୦୭ ମସିହାରୁ-୧୭୧୪ ମସିହା) ମଧ୍ୟରେ ଡମପଡ଼ାରେ ମୁଣ୍ଡିଆ ଉପରେ ଥିବା ତତ୍କାଳୀନ ରାଜବାଟୀକୁ ଲାଗି ଶ୍ରୀ ଜଗନ୍ନାଥ ମନ୍ଦିରର ଶିଳାନ୍ୟାସ ହୋଇଥିଲା। ତେଣୁ ଏହା ଜଗନ୍ନାଥ ମୁଣ୍ଡିଆ ନାମରେ ପରିଚିତ ହେଲା।

ତାଙ୍କ ପରେ ରାଜଗାଦିରେ ବସିଲେ ତାଙ୍କ ଜ୍ୟେଷ୍ଠ ପୁତ୍ର ଯଶୋବନ୍ତ ନରେନ୍ଦ୍ର ଭ୍ରମରବର ରାୟ। ତାଙ୍କର ରାଜତ୍ୱ କାଳ ଥିଲା - ୧୭୧୪ ମସିହାରୁ ୧୭୪୫ ମସିହା। ନିଜର ପୂର୍ବପୁରୁଷ ମାନଙ୍କ ଭଳି ଇଏ ମଧ୍ୟ ଜଣେ ପ୍ରଚଣ୍ଡ ସାହସୀ ଏବଂ ଦକ୍ଷ ଅଶ୍ୱଚାଳକ ଥିଲେ। ହସ୍ତୀ ଚାଳନାରେ ମଧ୍ୟ ତାଙ୍କର ପ୍ରଚଣ୍ଡ ଦକ୍ଷତା ଥିଲା। ରାଜ୍ୟ ଶାସନରେ ନିଜର ପାରଦର୍ଶିତା ଏବଂ ଯୁଦ୍ଧରେ ଦୁଃସାହସିକତା ଯୋଗୁଁ ସେ ଗଜପତି ମହାରାଜାଙ୍କର ନିକଟତର ହୋଇ ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ଗଜପତି ମହାରାଜ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ହାଇଦ୍ରାବାଦର ନିଜାମ ଗଜପତିଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ। ଗଜପତି ମହାରାଜାଙ୍କ ଆହ୍ୱାନରେ ସମସ୍ତ ସାମନ୍ତ ରାଜା ମାନେ ନିଜର ସୈନ୍ୟ ସାମନ୍ତ ଧରି ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରି ନିଜାମଙ୍କୁ ଓଡ଼ିଶାର ଅଭ୍ୟନ୍ତରକୁ ପଶିବା ପାଇଁ ଦେଇନଥିଲେ। ଏହି ଯୁଦ୍ଧ ସମୟରେ ଯଶୋବନ୍ତ ନରେନ୍ଦ୍ର ଭ୍ରମରବର ରାୟଙ୍କ ବୀରତ୍ୱରେ ଅତ୍ୟନ୍ତ ପ୍ରଭାବିତ ହୋଇଥିଲେ। ପୁନଃଶ୍ଚ ସେହି ସମୟରେ ଓଡ଼ିଶାର ସୁବେଦାର ଥିବା ଦୁର୍ଦ୍ଧାନ୍ତ ତକୀ ଖାଁ ବାରମ୍ବାର ଖୋର୍ଦ୍ଧା ଦୁର୍ଗ ଏବଂ ଶ୍ରୀମନ୍ଦିର କୁ ଆକ୍ରମଣ କରିସ ଗଜପତି ରାମଚନ୍ଦ୍ର ଦେବଙ୍କ ଶାସନକୁ ଦୁର୍ବଳ କରି ପକାଇଥିଲା। ୧୭୩୩ ଖ୍ରୀଷ୍ଟାବ୍ଦରେ ତକୀ ଖାଁ ପୁନର୍ବାର ଆକ୍ରମଣ କରିବାର ସୂଚନା ପାଇ ଶ୍ରୀ ବିଗ୍ରହମାନଙ୍କୁ ଆଠଗଡ଼ର ମାରଦାକୁ ସ୍ଥାନାନ୍ତରିତ କରାଯାଇଥିଲା। ତକୀ ଖାଁ କାଳେ ଗଜପତି ମହାରାଜାଙ୍କୁ ବନ୍ଦୀ କରିନେବ ସେହି ଭୟରେ ଖୋରଧା ଏବଂ ଡମପଡ଼ାର ପାଇକମାନେ ମେଳି ହୋଇ ଗଜପତିଙ୍କୁ ରାତାରାତି ଆଣି ଡମପଡ଼ାର ଦାଣ୍ଡିମାଳ ଘନ ଜଙ୍ଗଲ ମଧ୍ୟରେ ସୁରକ୍ଷିତ କରି ରଖିଥିଲେ। ଏ କଥା ପ୍ରଖ୍ୟାତ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ତାଙ୍କର 'ନୀଳଶୈଳ'ରେ ଲେଖିଛନ୍ତି। ୧୭୩୪ ମସିହାରେ ତକୀ ଖାଁର ମୃତ୍ୟୁ ହେବା ପରେ ଗଜପତି ଖୋର୍ଦ୍ଧା ଦୁର୍ଗକୁ ଫେରି ପାଇଥିଲେ। ତାଙ୍କ ଜୀବନର ଘଡିସନ୍ଧି ମୁହୂର୍ତ୍ତରେ ଯଶୋବନ୍ତ ନରେନ୍ଦ୍ର ଭ୍ରମରବରରାୟଙ୍କ ସାହାଯ୍ୟକୁ ସମ୍ମାନ ଜଣାଇ ୧୭୩୫ ମସିହାରେ ତାଙ୍କୁ 'ମାନସିଂହ' ପଦବୀ ପ୍ରଦାନ କରିଥିଲେ। ସେ ପରିଚିତ ହୋଇଥିଲେ ଯଶୋବନ୍ତ ଭ୍ରମରବରରାୟ ମାନସିଂହ ଭାବରେ। ଏହି ରାଜା ଅତ୍ୟନ୍ତ ଲୋକପ୍ରିୟ ଏବଂ ଈଶ୍ୱରଭକ୍ତ ଥିଲେ। ଡମପଡ଼ା ରେ ତାଙ୍କର ପୂର୍ବଜ କୃପାସିନ୍ଧୁ ନରେନ୍ଦ୍ର ଭ୍ରମରବର ରାୟ ଆରମ୍ଭ କରିଥିବା ଜଗନ୍ନାଥ ମନ୍ଦିରଟି ଏହାଙ୍କ ସମୟରେ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ୧୭୪୦ ମସିହାରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ବିଗ୍ରହ ଏଠାରେ ପ୍ରତିଷ୍ଠିତ ହୋଇଥିଲେ। ସେମାନଙ୍କ ନିତ୍ୟ ପୂଜାର୍ଚ୍ଚନା ପାଇଁ ବ୍ରାହ୍ମଣ ସେବକ ମାନଙ୍କୁ ଜମିଜାଗିରୀ ଖଞ୍ଜି ଦେଇଥିଲେ। ଏହି ନୂତନ ପ୍ରତିଷ୍ଠିତ ମନ୍ଦିରର ପ୍ରଥମ ସେବକ ଥିଲେ ଶ୍ରୀ କୃପାସିନ୍ଧୁ ଦାଶ। ପରବର୍ତ୍ତୀ ସମୟରୁ ଏଯାବତ୍ ଏହାଙ୍କର ବଂଶଧର ମାନେ ଠାକୁରଙ୍କ ସେବା କରି ଆସୁଛନ୍ତି। ବର୍ତ୍ତମାନ ଶ୍ରୀ ଶିବ ଦାଶ ଏଠାକାର ବଡ଼ପଣ୍ଡା ସେବକ ଅଛନ୍ତି।

ମୁଣ୍ଡିଆ ଉପର ରାଜପ୍ରସାଦକୁ ଯିବା ପାଇଁ ରାଜା ସେ ସମୟରେ ପାହାଡ଼ କାଟି ପାହାଚ ତିଆରି କରାଇଥିଲେ ! ସେଇ ପାହାଚ ଦେଇ ତଳୁ ପାଣି ବୋହି ନିଆ ଯାଉଥିଲା ରାଜପ୍ରାସାଦରେ ବ୍ୟବହାର କରିମନ୍ଦିର ମାଳିନୀ ଆମ ଓଡ଼ିଶା ପ୍ରଦେଶ। ବଣ ଜଙ୍ଗଲ ପାହାଡ଼ ନଦୀ ପରିବେଷ୍ଟିତ ଏହାର ପ୍ରାକୃତିକ ଗଠନ ହିଁ ଅନାଦି କାଳରୁ ପ୍ରେରିତ କରି ଆସିଛି ମୁନି ଋଷି ସାଧୁ ସନ୍ଥ ମାନଙ୍କୁ ଏଠାରେ ବସବାସ କରି ଈଶ୍ୱର ସାଧନାରେ ଲିପ୍ତ ରହିବା ପାଇଁ। ଶୈବ ଶାକ୍ତ ବୈଷ୍ଣବ ଧର୍ମରୁ ଆରମ୍ଭ କରି ବୌଦ୍ଧ ଜୈନ ଧର୍ମର ଅପୂର୍ବ ସମନ୍ୱୟ ଘଟିଛି ଏହି ଭୂଖଣ୍ଡରେ। ସେଥିପାଇଁ ଏହାର ଛତ୍ରେ ଛତ୍ରେ ଗଢି ଉଠିଛି ଅସୁମାରି ମନ୍ଦିର ମଠ ମହାବିହାର। ସ୍ୱାଧୀନତା ପୂର୍ବର ଓଡ଼ିଶାରେ ତତ୍କାଳୀନ ଗଡ଼ଜାତ ମାନଙ୍କ ମଧ୍ୟରେ ଐତିହାସିକ ଭୂଖଣ୍ଡ ଡମପଡା ଗଡ଼ଜାତ। ପ୍ରଥମରୁ ଏହା ଜନଜାତିର ଶାସକଙ୍କ ଅଧୀନରେ ଥିଲେ ମଧ୍ୟ ପ୍ରାୟ ୧୬୫୫ ମସିହାରୁ ଏହା ସ୍ୱର୍ଣ୍ଣ କ୍ଷତ୍ରିୟ ରାଜା ମାନଙ୍କ ଦ୍ୱାରା ଶାସିତ ହେଉଥିବାର ଐତିହାସିକ ତଥ୍ୟ ରହିଛି। ମୋଗଲ ସାମ୍ରାଜ୍ୟର ସେନାପତି ବାଖର ଖାଁଙ୍କ ନିକଟରୁ ବାଙ୍କୀ ଗଡ଼ର ରାଜା ଶ୍ରୀ ଗମେଇ ଧଳ ବାଙ୍କୀ ଏବଂ ଡମପଡା ଉଭୟ ଗଡ଼ଜାତକୁ ନିଲାମ ଧରି ସେଥିରେ ରାଜୁତି କରୁଥିଲେ। ତାଙ୍କ ଅନ୍ତେ ତାଙ୍କର ତିନି ପୁଅଙ୍କ ମଧ୍ୟରେ ଉତ୍ତରାଧିକାରୀ ସ୍ୱତ୍ୱକୁ ନେଇ ଗଣ୍ଡଗୋଳ ଉପୁଜିବାରୁ ମୋଗଲ ସୁବାଦାର ରସଦ୍ ଖାଁ ଏହି ଜମିଦାରୀକୁ ତିନି ଖଣ୍ଡ କରି ସେମାନଙ୍କ ମଧ୍ୟରେ ବାଣ୍ଟିଦେଲେ। ବାଙ୍କୀ ଗଡ଼ ବଡ ପୁଅ ପାର୍ଥ ଶ୍ରୀଚନ୍ଦନଙ୍କ ରାଜତ୍ୱରେ ରହିଲା ବେଳେ ମଝିଆଁ ପୁଅ ଶ୍ରୀ ନରସିଂହ ସାମନ୍ତରାୟଙ୍କୁ ଡମପଡା ଗଡ଼ଜାତର ରାଜତ୍ୱ ଏବଂ ସାନ ପୁଅ ଶ୍ରୀ କୃଷ୍ଣଚନ୍ଦ୍ର ଗଜେନ୍ଦ୍ରଙ୍କୁ ସରଣ୍ଡା ଗଡ଼ର ରାଜତ୍ୱ ମିଳିଲା।

ଏଣୁ ଶ୍ରୀ ନରସିଂହ ସାମନ୍ତରାୟଙ୍କୁ ଡମପଡ଼ା ଗଡ଼ଜାତ ର ପ୍ରଥମ କ୍ଷତ୍ରିୟ ରାଜା ଭାବରେ ଗ୍ରହଣ କରାଯାଏ। ସେ୧୬୫୫ ମସିହାରୁ ୧୬୭୧ ମସିହା ପର୍ଯ୍ୟନ୍ତ ରାଜୁତି କରିଥିଲେ। ତାଙ୍କ ଅନ୍ତେ ତାଙ୍କର ଜଣେ ଜ୍ଞାତି ଭାଇ ନନ୍ଦ ପଶ୍ଚିମ କବାଟ ଡମପଡା ସିଂହାସନ ଆରୋହଣ କରିଥିଲେ। ସେ ୧୬୭୭ ମସିହାରେ ଗଜପତି ମହାରାଜ ମୁକୁନ୍ଦ ଦେବ (୧ମ)ଙ୍କ ଶାସନକାଳରେ ପୁରୀ ଯାଇଁ ଗଜପତି ମହାରାଜା ଏବଂ ଶ୍ରୀ ଜିଉ ମାନଙ୍କର ଦର୍ଶନ କରି ଗଜପତିଙ୍କ ଦ୍ୱାରା ଭ୍ରମରବର ରାୟ ଉପାଧି ପ୍ରାପ୍ତ ହୋଇ ତାଙ୍କରି ଅନୁମୋଦନରେ ଶ୍ରୀଜିଉମାନଙ୍କର ଆଜ୍ଞାମାଳ ଆଣି ରାଜବାଟୀରେ ତିନି ବିଗ୍ରହଙ୍କୁ ଆସନରେ ପ୍ରତିଷ୍ଠା କରି ସେବାପୂଜାର ବ୍ୟବସ୍ଥା କରାଇଥିଲେ କିନ୍ତୁ ସେମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ମନ୍ଦିର ନିର୍ମାଣ ହୋଇନଥିଲା।

ଏହି ରାଜବଂଶର ପଞ୍ଚମ ରାଜା ଥିଲେ କୃପାସିନ୍ଧୁ ନରେନ୍ଦ୍ର ଭ୍ରମରବର ରାୟ। ସେ ଜଣେ ପ୍ରଜାବତ୍ସଳ ଏବଂ ଦେବଭକ୍ତ ରାଜା ଥିଲେ। ସେ ସମୟରେ ସେଠାରେ ଜଳକଷ୍ଟ ଭୋଗୁଥିବା ପ୍ରଜା ମାନଙ୍କ ପାଇଁ ଜଙ୍ଗଲ କାଟି ରାସ୍ତା ତିଆରି କରିବା, ପାହାଡ଼ କାଟି ସଫାକରି ତଇଲା ଚାଷ କରିବା, ମହାନଦୀରୁ ପାଣି ଜମିକୁ ନେବା, ପାଟମାନଙ୍କରୁ ଜଳନିଷ୍କାସନ କରି ତାହାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଅନେକ ଜନହିତକର କାର୍ଯ୍ୟ କରିଥିଲେ। ତାଙ୍କ ରାଜତ୍ୱ ସମୟରେ ସେ ମହାନଦୀର ଦେବୀ ଦ୍ୱାରଠାରେ ରାମଚଣ୍ଡୀ ମନ୍ଦିର ତୋଳାଇଥିଲେ। ପୁନଶ୍ଚ ତାଙ୍କରି ରାଜୁତି କାଳ (୧୭୦୭ ମସିହାରୁ-୧୭୧୪ ମସିହା) ମଧ୍ୟରେ ଡମପଡ଼ାରେ ମୁଣ୍ଡିଆ ଉପରେ ଥିବା ତତ୍କାଳୀନ ରାଜବାଟୀକୁ ଲାଗି ଶ୍ରୀ ଜଗନ୍ନାଥ ମନ୍ଦିର ର ଶିଳାନ୍ୟାସ ହୋଇଥିଲା। ତେଣୁ ଏହା ଜଗନ୍ନାଥ ମୁଣ୍ଡିଆ ନାମରେ ପରିଚିତ ହେଲା। ତାଙ୍କ ପରେ ରାଜଗାଦି ରେ ବସିଲେ ତାଙ୍କ ଜ୍ୟେଷ୍ଠ ପୁତ୍ର ଯଶୋବନ୍ତ ନରେନ୍ଦ୍ର ଭ୍ରମରବର ରାୟ। ତାଙ୍କର ରାଜତ୍ୱ କାଳ ଥିଲା -୧୭୧୪ ମସିହା ରୁ ୧୭୪୫ ମସିହା। ନିଜର ପୂର୍ବପୁରୁଷ ମାନଙ୍କ ଭଳି ଇଏ ମଧ୍ୟ ଜଣେ ପ୍ରଚଣ୍ଡ ସାହସୀ ଏବଂ ଦକ୍ଷ ଅଶ୍ୱଚାଳକ ଥିଲେ। ହସ୍ତୀ ଚାଳନାରେ ମଧ୍ୟ ତାଙ୍କର ପ୍ରଚଣ୍ଡ ଦକ୍ଷତା ଥିଲା। ରାଜ୍ୟ ଶାସନରେ ନିଜର ପାରଦର୍ଶିତା ଏବଂ ଯୁଦ୍ଧରେ ଦୁଃସାହସିକତା ଯୋଗୁଁ ସେ ଗଜପତି ମହାରାଜାଙ୍କର ନିକଟତର ହୋଇ ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ଗଜପତି ମହାରାଜ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ହାଇଦ୍ରାବାଦର ନିଜାମ ଗଜପତିଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ। ଗଜପତି ମହାରାଜାଙ୍କ ଆହ୍ୱାନରେ ସମସ୍ତ ସାମନ୍ତ ରାଜା ମାନେ ନିଜର ସୈନ୍ୟ ସାମନ୍ତ ଧରି ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରି ନିଜାମଙ୍କୁ ଓଡ଼ିଶାର ଅଭ୍ୟନ୍ତରକୁ ପଶିବା ପାଇଁ ଦେଇନଥିଲେ। ଏହି ଯୁଦ୍ଧ ସମୟରେ ଯଶୋବନ୍ତ ନରେନ୍ଦ୍ର ଭ୍ରମରବର ରାୟଙ୍କ ବୀରତ୍ୱରେ ଅତ୍ୟନ୍ତ ପ୍ରଭାବିତ ହୋଇଥିଲେ।

(କ୍ରମଶଃ)





# ଭାରି ଉପକାରୀ ସାରୁ; ରକ୍ତଚାପକୁ ନିୟନ୍ତ୍ରଣ କରେ, ହୃଦରୋଗକୁ ରୋକେ

ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ସାରୁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଉଛି। ଧୀରେ ଧୀରେ ଏହା ଲୋକଙ୍କ ପ୍ରିୟ ପନିପରିବାରେ ପରିଣତ ହେଉଛି। ତେବେ ସାରୁର ଏହି ଲୋକପ୍ରିୟତା ପଛର କାରଣ ହେଉଛି ଏହାର ଔଷଧୀୟ ଗୁଣ ଯାହା ଏହାକୁ ସ୍ୱତନ୍ତ୍ର କରିଥାଏ। ଓଡ଼ିଆଙ୍କ ରୋଷେଇ ଘରେ ସାରୁ ଅତ୍ୟନ୍ତ ପରିଚୟ ପରିବା। ଗାଁ ଠାରୁ ସହର ଏହାର ଭଲ ଚାହିଦା। ତରକାରୀକୁ ଗ୍ରେଭୀ ଆଉ ସୁଆଦିଆ କରିବାରେ ଏହାର ଅନେକ ଭୂମିକା ରହିଛି। ତଥାପି ଅନେକ ଏହାକୁ ପସନ୍ଦ କରନ୍ତି ନାହିଁ।

ବର୍ତ୍ତମାନ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା ମଧ୍ୟ କରାଯାଉଛି। ଧୀରେ ଧୀରେ ଏହା ଲୋକଙ୍କ ପ୍ରିୟ ପନିପରିବାରେ ପରିଣତ ହେଉଛି। ତେବେ ସାରୁର ଏହି ଲୋକପ୍ରିୟତା ପଛର କାରଣ ହେଉଛି ଏହାର ଔଷଧୀୟ ଗୁଣ ଯାହା ଏହାକୁ ସ୍ୱତନ୍ତ୍ର କରିଥାଏ।

ଫାଇବର, ପ୍ରୋଟିନ୍, ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ୍ ସି, କ୍ୟାଲସିୟମ୍ ଏବଂ ଆଇରନ୍ ପରି ଅନେକ ପ୍ରକାରର ପୋଷକ ତତ୍ତ୍ୱ ଏହି ମୂଳଜାତୀୟ ପରିବାରେ ପ୍ରଚୁର ପରିମାଣରେ ମିଳିଥାଏ।

ବିଶେଷଜ୍ଞଙ୍କ ମତ:

ବିଶେଷଜ୍ଞଙ୍କ ଅନୁଯାୟୀ, ସାରୁରେ ଥିବା ଫାଇବରର ମେଟାବୋଲିଜିମ୍ ?କୁ ମଜବୁତ କରିଥାଏ, ଯାହା ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ। ଏଥିରେ ଥିବା ସୋଡିୟମ୍ ଉପାଦାନଗୁଡ଼ିକ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହାର ନିୟମିତ ବ୍ୟବହାର ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ ଏବଂ ହୃଦୟ ସମ୍ବନ୍ଧୀୟ ରୋଗକୁ ମଧ୍ୟ ରୋକିଥାଏ।

ସାରୁ ମଧୁମେହ ରୋଗୀଙ୍କ ପାଇଁ ବିଶେଷ ଲାଭଦାୟକ ହୋଇଥିଲେ ମଧ୍ୟ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ। ଯଦି ସାରୁ ଖାଇବା ପରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରିବା ଉଚିତ।

ସାରୁ ଖାଇବାର ଉପାୟ:

ସାରୁକୁ ବିଭିନ୍ନ ଉପାୟରେ ରନ୍ଧାଯାଇ ଖିଆଯାଏ। ଏହାକୁ ସିଝାଯାଇ ମସଲା ସହିତ ରନ୍ଧାଯାଏ। ଏହା ବ୍ୟତୀତ ଏଥିରେ ଖିରୀ, ପକୋଡା, ଏବଂ ପାପଡ ମଧ୍ୟ ତିଆରି କରାଯାଏ। ଏଥିରେ କୋଳଥ ଡାଲି ମିଶାଇ ମଧ୍ୟ ରନ୍ଧାଯାଏ, ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ମଧ୍ୟ।



ବଜାରରେ ଏହାର ଚାହିଦା:

ବଜାରରେ ସାରୁ ଚାହିଦା ମଧ୍ୟ ରହିଛି। ସହରଗୁଡିକରେ ଏହା କିଲୋ ପିଛା ୪୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି ଏବଂ ଗ୍ରାହକମାନେ ଏହାକୁ ଅତି ଉତ୍ସାହରେ କିଣୁଛନ୍ତି।

# ଚେହେରାରେ ଚମକ ପାଇଁ ଲଗାଉଛନ୍ତି କି ଭିଟାମିନ-ଇ କ୍ୟାପ୍ସୁଲ ?

ପ୍ରତ୍ୟକ ବ୍ୟକ୍ତି ଚାହାଁନ୍ତି ଚେହେରାରେ ଚମକ। ଏଥିପାଇଁ କିଏ କେତେ ପ୍ରକାରର କେମିକାଲ ପ୍ରଡକ୍ଟ ବ୍ୟବହାର କରନ୍ତି। ଏସବୁ ମଧ୍ୟରେ ବର୍ତ୍ତମାନ ସମୟରେ ଭିଟାମିନ-ଇ କ୍ୟାପ୍ସୁଲର ବ୍ୟବହାର ବହୁଳ ହେଉଛି।

ଅନେକ ଲୋକ ଭିଟାମିନ-ଇ କ୍ୟାପ୍ସୁଲକୁ ସ୍କିନ୍ ଗ୍ଲୋ ପାଇଁ ବ୍ୟବହାର କରୁଛନ୍ତି। କୌଣସି ଫେସ୍ ପ୍ୟାକ୍ ହେଉ କିମ୍ବା ସିଧାସଳଖ ଏହି କ୍ୟାପ୍ସୁଲକୁ ଚେହେରାରେ ଲଗାଉଛନ୍ତି। ତେବେ ଡାକ୍ତରଙ୍କ ବିନା ପରାମର୍ଶରେ କରାଯାଉଥିବା ଏହି ଫେସ୍ ଟ୍ରିଟମେଣ୍ଟ ବାସ୍ତବରେ ଉପକାରୀ ନା ଅପକାରୀ, ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ କଣ କୁହନ୍ତି, ଜାଣନ୍ତୁ...

ଚର୍ମ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଭିଟାମିନ୍-ଇ ଚର୍ମ ପାଇଁ ଅତ୍ୟନ୍ତ ଲାଭଦାୟକ, କିନ୍ତୁ ଭିଟାମିନ୍-ଇ କ୍ୟାପସୁଲକୁ ମୁହଁରେ ଲଗାଇବାର କୌଣସି ଉପକାରିତା ନାହିଁ। ଭିଟାମିନ୍-ଇ ସ୍କିନ୍ କେୟାର ଉତ୍ପାଦରେ ସୋଲେବେଣ୍ଟ ଏବଂ ଇମଲେସିଫାୟାରର ମିଶ୍ରଣ ରହିଥାଏ, ଯାହା ସାହାଯ୍ୟରେ ଭିଟାମିନ୍-ଇ ଚେହେରାରେ ଅବଶୋଷିତ ହୁଏ।

ତେଣୁ କେବଳ ଭିଟାମିନ୍-ଇ କ୍ୟାପସୁଲକୁ ମୁହଁରେ ଲଗାଇବା ଦ୍ୱାରା କୌଣସି ପ୍ରକାର ଲାଭ ମିଳିନଥାଏ, ବରଂ ଏହା ଚର୍ମକୁ କ୍ଷତି ପହଞ୍ଚାଇଥାଏ ଏବଂ ଜ୍ୱଳନ ଭଳି ଉତ୍ତେଜନା ସୃଷ୍ଟି କରୁଥିବା ଆଲର୍ଜି ହୋଇପାରେ ବୋଲି ଚର୍ମ ବିଶେଷଜ୍ଞ କହିଛନ୍ତି।

ଏହା ବ୍ୟତୀତ, କ୍ୟାପ୍ସୁଲ ତେଲିଆ ହୋଇଥିବାରୁ ଏହା ପିମ୍ପଲ୍ସ କିମ୍ବା ବ୍ରଣ କରିପାରେ। ତେଣୁ ଚର୍ମ ବିଶେଷଜ୍ଞଙ୍କମାନେ ଭିଟାମିନ-ଇ କ୍ୟାପ୍ସୁଲକୁ ସିଧାସଳଖ ମୁହଁରେ ଲଗାଇବାକୁ ବାରଣ କରନ୍ତି। ଏହା ବଦଳରେ ଭିଟାମିନ-ଇର ଅନ୍ୟ ଉପାଦାନ ବ୍ୟବହାର କରିପାରିବେ କିମ୍ବା ଭିଟାମିନ-ଇ ମିଳୁଥିବା ତାଜା ପନିପରିବା ଖାଇପାରିବେ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୧ ଅକ୍ଟୋବର ୨୦୨୪, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ଶୁକ୍ର ଅଭିଯାନ

ଶୁକ୍ର ହେଉଛି ସୂର୍ଯ୍ୟଠାରୁ ଦୂରତାକ୍ରମରେ ଦ୍ୱିତୀୟ ଗ୍ରହ ଏବଂ ଆମ ପୃଥିବୀର ଅନ୍ୟତମ ପଡ଼ୋଶୀ ଗ୍ରହ। ଏହାର ଓଜନ ଓ ଆକାର ପୃଥିବୀ ସହିତ ପ୍ରାୟ ସମାନ ଥିବାରୁ ଏହାକୁ ପୃଥିବୀର 'ଯାଆଁଳା ଭଉଣୀ' କୁହାଯାଏ। ଏହା ହେଉଛି ଆକାଶର ତୃତୀୟ ଉଜ୍ଜ୍ୱଳତମ ଜ୍ୟୋତିଷ୍କ। ଏହା ସନ୍ଧ୍ୟା ସମୟରେ କିମ୍ବା ପାହାନ୍ତା ସମୟରେ ଦେଖା ଯାଉଥିବାରୁ ଏହାକୁ ସନ୍ଧ୍ୟାତାରା ବା କୁଆଁତାରା ମଧ୍ୟ କୁହାଯାଏ। ଏହା ପୃଥିବୀବାସୀଙ୍କୁ ବହୁକାଳରୁ ଆକର୍ଷିତ କରି ଆସିଛି। ଏଣୁ ମହାକାଶ ଯୁଗ ଆରମ୍ଭ ହେବା ପରେ ଏହା ନିକଟକୁ କେତୋଟି ମହାକାଶ ଯାନ ପଠାଯାଇ ତଥ୍ୟ ସଂଗ୍ରହ କରାଯାଇଛି। ସୋଭିଏତ୍ ରୁଷ ୧୯୬୧ ମସିହାରେ ପ୍ରଥମେ ଏହା ନିକଟକୁ ଭେନେରା-୧ ଯାନ ପଠାଇଥିଲା। ରୁଷର ଭେନେରା-୩ ଯାନ ୧୯୬୬ ମସିହାରେ ଶୁକ୍ର ପୃଷ୍ଠରେ ଅବତରଣ କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଓ ୟୁରୋପୀୟ ମହାକାଶ ସଂସ୍ଥାର କେତୋଟି କୃତ୍ରିମ ଉପଗ୍ରହ ଶୁକ୍ର କକ୍ଷରେ ଅବସ୍ଥାପିତ ହୋଇଥିଲା। ଏହାସତ୍ତ୍ୱେ ଶୁକ୍ର ସମ୍ବନ୍ଧରେ ବିଶେଷ ତଥ୍ୟ ମିଳିପାରିନାହିଁ। ଏଣୁ ପୁଣି କେତୋଟି ଦେଶ ଶୁକ୍ର ଅଭିମୁଖେ ଯାନ ପଠାଇବା ପାଇଁ ଘୋଷଣା କରିଛନ୍ତି। ମହାକାଶ ଅଭିଯାନ କ୍ଷେତ୍ରରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ହେଉଛି ଏକ ଅଗ୍ରଣୀ ସଂସ୍ଥା। ସଫଳତାର ସହ ଚନ୍ଦ୍ର ଅଭିଯାନ, ମଙ୍ଗଳ ଅଭିଯାନ ଓ ସୌର ଅଭିଯାନ ପରେ ବର୍ତ୍ତମାନ ଏହା ଶୁକ୍ର ଅଭିଯାନ ପାଇଁ ଘୋଷଣା କରିଛି। ଏହି ଅଭିଯାନକୁ ଭାରତ ସରକାର ଚଳିତ ସେପ୍ଟେମ୍ବର ମାସରେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିପାଇଁ ୧୨୩୬ କୋଟି ଟଙ୍କା ଅଟକଳ କରାଯାଇଛି, ଯେଉଁଥିରେ କେବଳ ମହାକାଶ ଯାନ ନିର୍ମାଣ ପାଇଁ ୮୨୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଅଭିଯାନରେ ଗୋଟିଏ ମହାକାଶ ଯାନ ଯାଇ ଶୁକ୍ର ଗ୍ରହ କକ୍ଷରେ ଅବସ୍ଥାପିତ ହେବ ଏବଂ ଏହାକୁ ପରିକ୍ରମଣ କରିବ। ଅଭିଯାନର ନାମ ରଖାଯାଇଛି ଶୁକ୍ରଯାନ-୧। ଏହା ହେଉଛି ଶୁକ୍ର ଗ୍ରହ ଅଭିମୁଖେ ଭାରତର ପ୍ରଥମ ଅଭିଯାନ। ଯାନରେ ସାଂଶ୍ଳେଷିକ ରେଡାର, ଅବଲୋହିତ ଓ ଅତିବାଇଗଣୀ କ୍ୟାମେରା ଏବଂ ସଂବେଦୀ ଖଞ୍ଜାଯିବ। ଏହି ଅଭିଯାନରେ ଶୁକ୍ରର ବାୟୁମଣ୍ଡଳ, ପୃଷ୍ଠ ଓ ଭୂତାତ୍ତ୍ୱିକ ଗଠନ ଆଦିକୁ ଅଧ୍ୟୟନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ମଧ୍ୟ ଗ୍ରହର ଜଳବାୟୁ, ବାୟୁମଣ୍ଡଳୀୟ ଉପାଦାନ ଏବଂ ଆଗ୍ନେୟଗିରି ଉଦ୍‌ଗିରଣ କିମ୍ବା ଭୂକମ୍ପ ସମ୍ବନ୍ଧୀୟ ତଥ୍ୟ ଆହରଣ କରିବ। ଶୁକ୍ରର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ଗନ୍ଧକାମ୍ଳର ଘନ ବାଦଲ ଅଛି। ଏହାକୁ ଏହି ଅଭିଯାନରେ ଅଧ୍ୟୟନ କରାଯିବ। ଏହି ଅଭିଯାନର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ପୃଥିବୀର ଭବିଷ୍ୟତ ସମ୍ବନ୍ଧରେ ଜାଣିବା। ଶୁକ୍ର ଗ୍ରହରେ ପୂର୍ବରୁ ସମୁଦ୍ର ଥିବାର ବିଶ୍ୱାସ କରାଯାଉଥିଲା। କିନ୍ତୁ କୌଣସି କାରଣରୁ ଏଠାରେ ସବୁଜଗୃହ ପ୍ରଭାବରୁ ଏହାର ପୃଷ୍ଠ ତାପମାତ୍ରା ୪୭୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ପହଞ୍ଚୁଛି। ଏହାର ଅତ୍ୟଧିକ ତାପମାତ୍ରା ଏବଂ ଘନ ବାୟୁମଣ୍ଡଳ ଯୋଗୁଁ ଏହାକୁ ଭଲ ଭାବରେ ଅଧ୍ୟୟନ କରାଯାଇପାରି ନାହିଁ। ଶୁକ୍ରର ବାୟୁମଣ୍ଡଳକୁ ପୃଥିବୀର ବାୟୁମଣ୍ଡଳ ସହିତ ତୁଳନା କରି ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳୀୟ ଗତିବିଜ୍ଞାନ ଏବଂ ଗ୍ରାହିକ ବିବର୍ତ୍ତନ ସମ୍ବନ୍ଧରେ ଜାଣିପାରିବେ ବୋଲି ଆଶା କରିଛନ୍ତି। ଶୁକ୍ର, ପୃଥିବୀ ଏବଂ ଏପରିକି ମଙ୍ଗଳର ଆକାର ଓ ଓଜନ ପ୍ରାୟ ସମାନ ହୋଇଥିଲେ ସୁଦ୍ଧା ଶୁକ୍ରର ବାୟୁମଣ୍ଡଳରେ ଅନେକ ପାର୍ଥକ୍ୟ ଅଛି। ଉଦାହରଣ ସ୍ୱରୂପ, ପୃଥିବୀର ବାୟୁମଣ୍ଡଳୀୟ ଚାପ ୧ ବାର ହୋଇଥିବା ବେଳେ ଶୁକ୍ରରେ ଏହା ହେଉଛି ୧୦୦ ବାର। ତୁଳନାତ୍ମକ ଭାବେ ମଙ୍ଗଳରେ ଏହା ହେଉଛି ପୃଥିବୀ ଚାପର ଏକଶହ ଭାଗରୁ ଏକ ଭାଗ। କୌଣସି ଭୌତିକ ପ୍ରକ୍ରିୟା ଯୋଗୁଁ ଏହି ପାର୍ଥକ୍ୟ ଦେଖାଯାଉଛି। ଏହି ପ୍ରକ୍ରିୟା ବୁଝିପାରିଲେ ପୃଥିବୀର ଭବିଷ୍ୟତ ସମ୍ବନ୍ଧରେ ଆକଳନ କରିହେବ ଏବଂ ଆମ ଗ୍ରହ ପ୍ରତି ବଢୁଥିବା ଆଶଙ୍କାର ପ୍ରତିକାର ପାଇଁ ବିହିତ ବ୍ୟବସ୍ଥା କରିହେବ। ଏଣୁ ପୃଥିବୀର ଭବିଷ୍ୟତ ପାଇଁ ତଥ୍ୟ ସଂଗ୍ରହ କରିବା ଭାରତର ଶୁକ୍ର ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଇସ୍ରୋ ଅଧ୍ୟକ୍ଷ ଏସ୍ ସୋମନାଥ କହିଛନ୍ତି। ଶୁକ୍ର ଅଭିଯାନ-୧ ନିଶ୍ଚିତ ଭାବେ ଇସ୍ରୋର ଗୌରବ ବୃଦ୍ଧି କରିବ। ଏହା ମଧ୍ୟ ଇସ୍ରୋର ଭବିଷ୍ୟତ ମହାକାଶ ଅଭିଯାନ ପାଇଁ ସାହାଯ୍ୟ କରିବ। ଭବିଷ୍ୟତରେ ଅଧିକ ପେଲୋଡ୍ ସହିତ ଅଧିକ ସଠିକ କକ୍ଷ ପ୍ରବେଶ ପାଇଁ ଏହି ଅଭିଯାନରୁ ଶିକ୍ଷା ମିଳିବ। ମହାକାଶ ଯାନ ଏବଂ ଉତ୍‌କ୍ଷେପଣ ରକେଟ୍‌ର ନିର୍ମାଣ ଓ ବିକାଶ ସମୟରେ ଭାରତୀୟ ଶିଳ୍ପଗୁଡ଼ିକର ଅନେକ ସମ୍ପୃକ୍ତି ରହିବ। ପୁନଶ୍ଚ ଏହି ଅଭିଯାନର ଡିଜାଇନ୍, ଯାନ ନିର୍ମାଣ, ପରୀକ୍ଷଣ, ଉତ୍‌କ୍ଷେପଣ ଏବଂ ତଥ୍ୟ ସଂଗ୍ରହରେ ଛାତ୍ରଛାତ୍ରୀମାନଙ୍କୁ ସଂଶ୍ଲିଷ୍ଟ କରିବା ପାଇଁ ଇସ୍ରୋ ଘୋଷଣା କରିଛି। ଅଭିଯାନର ତଥ୍ୟ ଭାରତୀୟ ବୈଜ୍ଞାନିକମାନଙ୍କର ଗବେଷଣାରେ ସାହାଯ୍ୟ କରିବ। ଶୁକ୍ରଯାନ-୧କୁ ୨୦୨୮ ମସିହା ମାର୍ଚ୍ଚ ମାସରେ ଉତ୍‌କ୍ଷେପଣ କରିବା ପାଇଁ ଯୋଜନା କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା ୨୦୨୮-୨୦୩୦ ମସିହା ମଧ୍ୟରେ ଶୁକ୍ର ଗ୍ରହକୁ ଡାଭିନ୍‌ସି ଓ ଭେରିଟାସ ଯାନ ପଠାଇବା ପାଇଁ ଯୋଜନା କରିଥିବା ବେଳେ ୟୁରୋପୀୟ ମହାକାଶ ସଂସ୍ଥା ୨୦୩୦ ଦଶକ ଆରମ୍ଭରେ ଏକ ଅଭିଯାନ ପଠାଇବା ପାଇଁ ଘୋଷଣା କରିଛି।

## ସାରସ୍ୱତ ସାଧକ ଗୋଦାବରୀଶ ମହାପାତ୍ର

### ବିଶ୍ୱବିଜୟୀ ଦାଶ

ଆଧୁନିକ ଓଡ଼ିଆ ସାହିତ୍ୟର ଯେଉଁ କେତେଜଣ ଯଶସ୍ୱୀ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏଇ ଉତ୍କଳ ଭୂମିରେ ଜନ୍ମ ଲାଭ କରି ଏ ମାଟିକୁ ଧନ୍ୟ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର ଜଣେ ସାରସ୍ୱତ ବ୍ୟକ୍ତିତ୍ୱ।ସାରସ୍ୱତ ସାଧନା କ୍ଷେତ୍ରରେ ସୁଯୋଗ୍ୟ ବିନ୍ଧାଣି।ନିତିଦିନିଆ ଜୀବନରେ ଯେଉଁ ସାମାଜିକ ଏବଂ ଜାତୀୟ ସମସ୍ୟାର ସମ୍ମୁଖୀନ ହୋଇ ନିଜର ଚିନ୍ତନ ଓ ଅନୁଭୂତିରୁ ସୃଷ୍ଟି କରିଯାଇଥିବା କାଳଜୟୀ ଲେଖାସମୂହ ଆଜି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି, ସେହି ଅନନ୍ୟ ପ୍ରତିଭା ହେଉଛନ୍ତି ଗୋଦାବରୀଶ ମହାପାତ୍ର।ଏକାଧାରାରେ ସେ ଥିଲେ ଶିଶୁ ସାହିତ୍ୟିକ, କବି, ପ୍ରାବନ୍ଧିକ, ଔପନ୍ୟାସିକ, ସମାଲୋଚକ, ସମାଜସେବକ ତଥା ବ୍ୟଙ୍ଗ ରଚନାକାର। ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କୃତି ଥିଲା ସ୍ୱତନ୍ତ୍ର ଏବଂ ଅନବଦ୍ୟ ସର୍ଜନା ସର୍ବବାଦୀ ସମ୍ମତ। ଏହି ପ୍ରତିଭାଦୀପ୍ତ ସାହିତ୍ୟିକଙ୍କର ଜନ୍ମ ହୋଇଥିଲା ୧୮୯୮ ମସିହା ଅକ୍ଟୋବର ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଗ୍ରାମରେ।ତାଙ୍କର ବାଲ୍ୟଜୀବନର ଶିକ୍ଷା ଆରମ୍ଭ ହୋଇଥିଲା ଅବଧାନଙ୍କ ଠାରୁ। ପରେ ତାଙ୍କ ଗ୍ରାମକୁ ଆସିଥିଲେ ଜଣେ ଶିକ୍ଷକ ଏବଂ ଏହି ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଦାବରୀଶଙ୍କ ଜୀବନରେ ବହୁ ପରିବର୍ତ୍ତନ ଘଟିଥିଲା, ଯାହା ଏ ସମାଜରେ ଜଣେ ସଫଳ ମଣିଷ ଭାବରେ ଛିଡ଼ାହେବାର ସମସ୍ତ ଖୋରାକ ହାସଲ କରିବାରେ ସହାୟକ ହୋଇଥିଲା। ଚାଟଶାଳୀ ପାଠ ପରେ ତାଙ୍କ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଖୋଲିବାରୁ ଗୋଦାବରୀଶ ସେହି ବିଦ୍ୟାଳୟରେ ପାଠ ପଢ଼ିବା ଆରମ୍ଭ କଲେ। ବାଲ୍ୟ ଜୀବନରେ ହିଁ ଫୁଟି ଉଠିଥିଲା ତାଙ୍କ ପ୍ରତିଭାର ସ୍ୱର ଏବଂ ସେ ଅନେକ କବିତା ଏହି ସମୟରେ ହିଁ ଲେଖିଥିଲେ।

୧୯୧୩ ମସିହା ପରେ ବାଣପୁର ପ୍ରାଥମିକ ବିଦ୍ୟାଳୟ ମାଇନର ସ୍କୁଲ ରେ ପରିଣତ ହେବା ପରେ ସେଠାରେ ଗୋଦାବରୀଶ ଅଧ୍ୟୟନ କଲେ। ଏହି ବିଦ୍ୟାଳୟରେ ଗଠିତ ପାଠାଗାର ବାଳକ ଗୋଦାବରୀଶଙ୍କ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଲା, ଯଦ୍ୱାରା ସେ ଅନେକ କବିତା ଲେଖିବା ପାଇଁ ମନ ବଳାଇଲେ। ଷଷ୍ଠ ଶ୍ରେଣୀ ର ଛାତ୍ର ଭାବରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ତାଙ୍କ ଜୀବନର ପ୍ରଥମ କାବ୍ୟ 'ବାଣପୁର' ଲେଖି। ଏହି କବିତା ଏତେ ଭାବଗର୍ଭକ ଏବଂ ଚିତ୍ତ ଆର୍କଷକ ଥିଲା ଯେ ତତ୍କାଳୀନ 'ମୁକୁର' ପତ୍ରିକା ର ସଂପାଦକ ବ୍ରଜସୁନ୍ଦର ଦାସ ଏହି କବିତା ଟିକୁ 'ମୁକର'ରେ ସ୍ଥାନିତ କରିବା ସହ 'ମୁକୁର ପ୍ରେସ' ରେ ପୁସ୍ତକ ଆକାର ରେ ଛପାଇଥିଲେ। ଏହି କବିତାର କିଛି ପଂକ୍ତି-

'ନିଃସର୍ଗ ମାଧୁରୀ ଲଳିତ ପ୍ରକୃତି
ସୃଷ୍ଟି ଆଦି ଦିନୁ ବିଶ୍ୱେ ଯା'ର ସ୍ଥିତି।
ଆହା ବାଣପୁର ମୋ' ପ୍ରିୟ ଜନନୀ
ତୋ' ରୂପ ଛଟା କି ବର୍ଣ୍ଣିବ ପୁଣି
ଯହିଁ ଚାହେଁ ଶତ ଶୋଭାର ଭଣ୍ଡାର
ବିଲ, ବଣ,ପଦା, ଶଇଳ,କେଦାର
ଗୋଟିଏ ଗୋଟିକି ବଳି ଶୋଭାବନ
କାନନୁ ଭୂଧର ଭୂଧରୁ କାନନ।'

କଥାରେ ଅଛି, ପ୍ରତି କାବ୍ୟର ସୃଷ୍ଟି ମୂଳରେ ଏକ ଅଚିନ୍ତ୍ୟ ଶକ୍ତି ନିହିତ ଥାଏ ଏବଂ ଏହି ଶକ୍ତିର ଅଧିକାରୀ ହେଉଛି କବି। କବିର ଅନ୍ୟନାମ ସ୍ରଷ୍ଟା। ଏହି ସ୍ରଷ୍ଟା ଗୋଦାବରୀଶ ମହାପାତ୍ର,ଏଇ ଅଚିନ୍ତ୍ୟ ଶକ୍ତିର ପ୍ରଭାବରେ ପାଲଟିଥିଲେ ଏମିତି ଜଣେ କବି, ଯାହାଙ୍କ ସୃଷ୍ଟ ମାନସ ସନ୍ତାନ ମାନଙ୍କୁ ନେଇ ଓଡ଼ିଶା ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ ଆଉ ଆମର ଓଡ଼ିଆ ସାହିତ୍ୟିକମାନେ ତାଙ୍କୁ ନେଇ ଗର୍ବ କରୁ ତାଙ୍କର ଅବର୍ତ୍ତମାନରେ ମଧ୍ୟ।ତାଙ୍କ ଜନ୍ମସ୍ଥାନରେ ସ୍ଥାପିତ ପାଠାଗାର 'କୁମାର ପାଠାଗାର' ଏବେ ବି ଠିଆ ହୋଇଛି ଗର୍ବରେ ଛାତି ଫୁଲେଇ ଓଡ଼ିଶାର ଉନ୍ନତ ପାଠାଗାର ଭାବରେ।ଏହି ପାଠାଗାର ହିଁ ଥିଲା ଗୋଦାବରୀଶଙ୍କ ଚିନ୍ତା ଓ ଚେତନାର ଅଭିବୃଦ୍ଧିର ସହାୟକ।

ଗୋଦାବରୀଶ ୧୯୧୫ ମସିହାରେ ମାଇନର ପାସ୍ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ନାମ ଲେଖାଇଲେ।ଏହି ବିଦ୍ୟାଳୟରେ ପଣ୍ଡିତ ନୀଳକଣ୍ଠ ଦାସ,ଗୋଦାବରୀଶ ମିଶ୍ର,ପଣ୍ଡିତ ବାସୁଦେବ ମହାପାତ୍ର ଏବଂ ଆଚାର୍ଯ୍ୟ ହରିହରଙ୍କ ଭଳି ନାମକରା ଆଦର୍ଶ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନ ରେ କବି ଗୋଦାବରୀଶ ମହାପାତ୍ରଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା।

ଗୋଦାବରୀଶଙ୍କ ଦ୍ୱାରା ରଚିତ 'କଣ୍ଟା ଓ ଫୁଲ' ଏବଂ 'ଉଠ କଙ୍କାଳ' କବିତା ପୁସ୍ତକ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ଶିଶୁ ସାହିତ୍ୟ 'ମୋ ଖେଳ ସାଥି' ଓ 'ବଙ୍କା ଓ ସିଧା' ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ।

ଓଡ଼ିଆ ଭାଷାର ଉନ୍ନତି ପାଇଁ ଲଢୁଥିବା ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସହ ଗୋଦାବରୀଶ ସାକ୍ଷାତ କଲେ ଏବଂ ତାଙ୍କ ପ୍ରେରଣାରେ ବ୍ରହ୍ମପୁରରୁ ତାଙ୍କ ପ୍ରକାଶିତ 'ହିତୈଷିଣୀ' ପତ୍ରିକାରେ କାମ କଲେ। ଏମିତି ପ୍ରାୟ କେତେକ ପତ୍ରିକାରେ ସେ କାମ କରିଥିଲେ। ତେଣୁ ବହୁଦିନର ଅଭିଜ୍ଞତାକୁ ନେଇ ସାମ୍ବାଦିକ ଭାବରେ କାମ କରିବାକୁ ମନ ବଳାଇଲେ। ଦୀର୍ଘ ୨୭ ବର୍ଷ ଧରି ତାଙ୍କ ଦ୍ୱାରା ସମ୍ପାଦିତ 'ନିଆଁଖୁଣ୍ଟା' ପତ୍ରିକା ଥିଲା ସମାଜର ଜାଗ୍ରତ ପ୍ରହରୀ ତଥା ଦୁର୍ନୀତି ଓ ଅବିଚାର ବିରୋଧରେ ସ୍ୱର। ଏଥିରେ ବ୍ୟଙ୍ଗ ଛବି, ସମାଲୋଚନା ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସ୍ଥାନିତ ହେଉଥିଲା। ଆଜି ପର୍ଯ୍ୟନ୍ତ 'ନିଆଁଖୁଣ୍ଟା'ର ସ୍ଥାନ ଅନ୍ୟ କୌଣସି ପ୍ରତ୍ରିକା ନେଇପାରିନାହାନ୍ତି''। ୧୯୩୮ ମସିହା ମାର୍ଚ୍ଚ ୧୨ ତାରିଖରେ ତାଙ୍କ ଦ୍ୱାରା ପ୍ରକାଶିତ 'ନିଆଖୁଣ୍ଟା' ପତ୍ରିକା ତାଙ୍କୁ ଏକ ବିଶାଳ ଜାତିୟବାଦୀ ଅନୁଷ୍ଠାନରେ ପରିଣତ କରିଦେଲା।



'' ଓଡ଼ିଆ ସାହିତ୍ୟରେ ହାସ୍ୟ ଏବଂ ବ୍ୟଙ୍ଗର ଏକ ସମୃଦ୍ଧ ପରମ୍ପରା ରହିଛି। କିନ୍ତୁ ସମାଜର ତୃଣମୂଳ ସ୍ତରରେ ରମ୍ୟ, ବ୍ୟଙ୍ଗ ଏବଂ ହାସ୍ୟକୁ ପହଞ୍ଚାଇବାରେ ଗୋଦାବରୀଶ ମହାପାତ୍ରଙ୍କ ସବୁଠୁ ଅଧିକ ଅବଦାନ ରହିଛି। ଗୋଦାବରୀଶ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ। ବାଲ୍ୟକାଳରୁ ସେ ସତ୍ୟବାଦୀ ବନ ବିଦ୍ୟାଳୟ ସହ ସମ୍ପୃକ୍ତ ଥିଲେ। ଏହି ବିଦ୍ୟାଳୟ ତାଙ୍କ ଜୀବନ ଦର୍ଶନକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲା''। ସେ ଓଡ଼ିଆ ସାହିତ୍ୟ ଆକାଶରେ ନିଜକୁ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଭାବେ ପ୍ରତିଷ୍ଠା କରିପାରିଥିଲେ। ସେ ଅନେକ ଗପ,ଉପନ୍ୟାସ,କବିତା ଆଦି ଲେଖିଛନ୍ତି। ଗୋଦାବରୀଶ ମହାପାତ୍ରଙ୍କ ରଚିତ ଉଠ କଙ୍କାଳ କବିତା ମୋ ଭଳି ଅନେକଙ୍କୁ ପ୍ରଭାବିତ କରିଛି। ସେହି କବିତାର କିଛି ପଂକ୍ତି-

ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର
ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ
ଜାଗ୍ରତ ପୁରବାସୀ !
ପୃଥ୍ୱୀ ବିଦାରି ବାରବାଟୀ ମଡ଼ା
ଉଠ ଉଠ ଚଞ୍ଚଳ,
ଖୋରଧାର ଶତ ସରଦାର
ଶିର କର ଉନ୍ନତତର !
ଉଠ କଙ୍କାଳ, ଛିଡ୍ଡୁ ଶୃଙ୍ଖଳ,
ଜାଗ ଦୁର୍ବଳ ଆଜି,
ଉଠୁ ଗତ ଗୌରବ,
ହୃତ ଗୌରବ, ମୃତ ଗୌରବ।

ଏହି ସାରସ୍ୱତ ସାଧକ ୨୫ ନଭେମ୍ବର ୧୯୬୫ ମସିହାରେ ଦୁନିଆ ଛାଡ଼ି ଚାଲିଯାଇଥିଲେ।ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।

+ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ପିନ୍ ନଂ - ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ସାଉଁଟା ମଣିଷର ଅନୁଭୂତି: ନିଆଁଖୁଣ୍ଟା

### ଶରତ ଚନ୍ଦ୍ର ମିଶ୍ର

ଓଡ଼ିଆ ସାହିତ୍ୟରେ ଏପରି କିଛି ପ୍ରଖ୍ୟାତ ପତ୍ରିକା ଥିଲା ଯାହାର ନାମ ମନକୁ ଆସିବାମାତ୍ରେ ସେହି ପତ୍ରିକାର ସମ୍ପାଦକଙ୍କ ନାମ ସଙ୍ଗେ ସଙ୍ଗେ ଯୋଡ଼ି ହୋଇଯାଏ। ଯେମିତିକି 'ଉତ୍କଳ ସାହିତ୍ୟ' ପତ୍ରିକା ସହ 'ବାଗ୍ମୀ ବିଶ୍ୱନାଥ କର', 'ଉତ୍କଳ ଦୀପିକା' ସହିତ 'ଗୌରୀଶଙ୍କର ରାୟ', 'ସଂସାର' ପତ୍ରିକା ସହିତ 'ରାମକୃଷ୍ଣ ନନ୍ଦ', 'ସମ୍ବଲପୁର ହିତୈଷିଣୀ' ସହିତ 'ପଣ୍ଡିତ ନୀଳମଣି ବିଦ୍ୟାରତ୍ନ' ନାମ ସ୍ୱତଃ ଯୋଡ଼ି ହୋଇଯାଏ। ଠିକ୍ ସେହିପରି ସମାଲୋଚନାଧର୍ମୀ 'ନିଆଁଖୁଣ୍ଟା' ପତ୍ରିକା କଥା ମନକୁ ଆସିଲେ ମନେ ପଡ଼ନ୍ତି ସେହି ନିର୍ଭିକ ସମ୍ପାଦକ ଓ ଆଶୁ କବି। ଯେକି ଏକାଧାରରେ 'ନିଆଁଖୁଣ୍ଟା' ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ, ଲେଖକ, ପ୍ରକାଶକ। ପୃଥିବୀରେ ବୋଧହୁଏ ଏପରି ପତ୍ରିକା ନଥିବ ଯାହାର ସମ୍ପାଦିତ ସମଗ୍ର ପତ୍ରିକାଟି କେବଳ ଜଣେ ଲୋକର ଲେଖାରେ ପରିପୂର୍ଣ୍ଣ। ସେ ହେଉଛନ୍ତି ପ୍ରଚଣ୍ଡ ଜାତୀୟବାଦୀ କବି, ଲେଖକ, ଔପନ୍ୟାସିକ, ଗାଳ୍ପିକ, ଶିଶୁ ସାହିତ୍ୟିକ, ବ୍ୟଙ୍ଗ ଓ ବିଦ୍ରୁପ ସାହିତ୍ୟ ସ୍ରଷ୍ଟା, ବିଶିଷ୍ଟ ସମାଲୋଚକ ଓ ପ୍ରଥମ କାର୍ଟୁନ ଓଡ଼ିଆ ପତ୍ରିକା 'ନିଆଁଖୁଣ୍ଟା'ର ସମ୍ପାଦକ 'ଗୋଦାବରୀଶ ମହାପାତ୍ର'।

ଓଡ଼ିଆ ସାହିତ୍ୟର ସେହି ଲବ୍ଧ ପ୍ରତିଷ୍ଠିତ ସ୍ରଷ୍ଟା ପୁରୀ ଜିଲ୍ଲାର ବାଣପୁରସ୍ଥ ଛୋଟ ଗାଁ କୁମାରଙ୍ଗ ଶାସନରେ ଜନ୍ମ ନେଇଥିଲେ। ସେଦିନ ଥିଲା ଅକ୍ଟୋବର ମାସର ପହିଲା, ଅର୍ଥାତ ଏକ ତାରିଖ। ୧୮୯୮ ମସିହାର ଘଟଣା। ଦେଢ଼ ବର୍ଷ ତଳେ ବାପା ଆରପାରିକୁ ଚାଲିଗଲେ। ମା' ଓ ଆଈଙ୍କ କୋଳରେ ବଢ଼ି ଗାଁରେ ଚାଟଶାଳୀ ପଢ଼ା ଶେଷ କରି, ବାଣପୁର ସ୍କୁଲରେ ପଢ଼ିଲେ। ପାରିବାରିକ ଅସୁବିଧା ଓ ଆର୍ଥିକ ଅନାଟନ ଯୋଗୁଁ ପାଠରେ ଡୋରି ବନ୍ଧା ହେଲା। ଡାକ ନାମ ଥିଲା 'ଗୋଦେଇ'। ଗାଁରେ ରହି 'ଗୋଦେଇ' ଲୋକଙ୍କ ସହ କାମଧନ୍ଦା କଲେ, ହେଲେ ପଢ଼ା ପ୍ରତି ଝୁଙ୍କ ଲାଗି ରହିଥାଏ। ସୌଭାଗ୍ୟକୁ ସତ୍ୟବାଦୀ ବନ ବିଦ୍ୟାଳୟର ଗୁରୁଜୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନଜରକୁ ସେ ଆସିଲେ। ଏବେ ବନ ବିଦ୍ୟାଳୟରେ ପୁଣି ଶିକ୍ଷା ଆରମ୍ଭ ହେଲା। ସେଠାରେ ଅଧ୍ୟୟନ ସମୟରେ ତାଙ୍କର ବୈପ୍ଳବିକ ଜୀବନର ପରିଚୟ ମିଳିଥିଲା।

ଇଂରେଜ ମାନଙ୍କର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସେ ଲେଖନୀ ଚାଳନା ଆରମ୍ଭ କଲେ। ରାଜନୈତିକ ବ୍ୟକ୍ତିମାନଙ୍କର ବିଚ୍ୟୁତି, ଶାସନର ସ୍ଖଳନ, ଜନ ଜୀବନର ହାହାକାର ଓ ସର୍ବୋପରି ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାକୁ ସେ ଅଙ୍ଗେ ଲିଭାଇଥିଲେ। ତାଙ୍କର ବ୍ୟକ୍ତିଗତ ଅନୁଭୂତି ଓ ଅଙ୍ଗେଲିଭା ଅଭିଜ୍ଞତାକୁ ପୁଞ୍ଜିକରି ସେ ଜଣେ ନିର୍ଭିକ ସାହିତ୍ୟିକଟିଏ ହେବାକୁ ଶପଥ ନେଲେ। ସେ ଶାସକ ଓ ଶୋଷକଙ୍କ ବିରୁଦ୍ଧରେ ଲେଖନୀ ଚାଳନା ଆରମ୍ଭ କଲେ। ତାଙ୍କ ଲେଖନୀରୁ ଅଗ୍ନିବର୍ଷୀ ବାଣୀ ପ୍ରଚାରିତ ହେଲା। ସେହି ବାଣୀ ହିଁ ସମାଜର ବିପ୍ଳବର ଝଙ୍କାର ତୋଳିଲା। ସେ ସମୟରେ ତାଙ୍କର ଏକ ପ୍ରେରଣାଦାୟୀ କବିତ ଥିଲା-

'ଉଠ କଙ୍କାଳ, ଛିଡ୍ଡୁ ଶୃଙ୍ଖଳ-ଜାଗ ଦୁର୍ବଳ ଆଜି,
(ଉଠୁ) ହୃଦ ଗୌରବ, ଗତ ଗୌରବ- ମୃତ ଗୌରବ ରାଜି।'

ଏହି ଅଗ୍ନିବର୍ଷୀ କବିତା ସବୁରି ହୃଦୟରେ ଶକ୍ତି ସଂଚାର କରେ। ସେ ଓଡ଼ିଶାର ସାହିତ୍ୟ ସଂସ୍କୃତି, ରାଜନୀତି ଓ ସମାଜନୀତି ଆଦିର ଶାଣିତ ବ୍ୟଙ୍ଗ କରୁଥିଲେ। ଯାହାକି ସମାଜରେ ଏକ ନୂତନ ତଥା ସଚେତନ ରୁଚିବୋଧର ପରମ୍ପରା ସୃଷ୍ଟି କରିଥିଲା। ଜଣେ ଏକନିଷ୍ଠ ସମାଜ ସଚେତନ ଶିଳ୍ପୀ ଭାବରେ ଓଡ଼ିଆ ସମାଜ ଜୀବନର ମାର୍ମିକ ଅଭିବ୍ୟକ୍ତି ତାଙ୍କ ଲେଖାର ସମ୍ବେଦନା ସତରେ ଅନନ୍ୟ ଓ ଅପୂର୍ବ।

ତାଙ୍କ ସମୟରେ ଯେଉଁମାନେ କି ସମାଜର ରାଜନୀତି, ସାହିତ୍ୟ, ଶିକ୍ଷା, ଧର୍ମ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ଥିଲେ ସେ ସେମାନଙ୍କର ଦୋଷ ଓ ଦୁର୍ବଳତାକୁ ବ୍ୟଙ୍ଗ କରି 'ନିଆଁଖୁଣ୍ଟା'ରେ ପ୍ରକାଶ କରୁଥିଲେ। ସେ ସମୟରେ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବିରେନ୍ ମିତ୍ର, ସରଳା ଦେବୀ, ସଦାଶିବ ମିଶ୍ର, ନିତ୍ୟାନନ୍ଦ କାନୁନଗୋ, ପ୍ରାଣକୃଷ୍ଣ ପରିଜା, ଗୋପାଳ ପ୍ରହରାଜ, ବସନ୍ତ ମଂଜରୀ ଦେବୀଙ୍କଠାରୁ ଆରମ୍ଭ କରି ଦୁର୍ନୀତିଗ୍ରସ୍ତ ସରକାରୀ ହାକିମବାବୁଙ୍କୁ ସମାଲୋଚନା କରୁଥିଲେ। ଉଦ୍ଦେଶ୍ୟ ଥିଲା ସେମାନଙ୍କର ଦୋଷ ଦୁର୍ବଳତାକୁ ସୁଚାଇବା ଓ ସୁଧାରିବା। ଏଣୁ ସରକାରୀ ବାବୁ ଓ ନେତାମାନେ ସର୍ବାଧିକ ଭୟ କରୁଥିଲେ 'ନିଆଁଖୁଣ୍ଟା'କୁ। ଏହି ପତ୍ରିକାଟି ଥିଲା ତାଙ୍କର ସର୍ବାଧିକ ପ୍ରିୟ ମାନସ ସନ୍ତାନ। ଏପିରିକି ସେ ମରିବା ପରେ ବି ପୁଣି ନିଜ ଗ୍ରାମ କୁମାରଙ୍ଗରେ ଜନ୍ମହୋଇ 'ନିଆଁଖୁଣ୍ଟା' ପୁନଃ ପ୍ରକାଶ କରିବାର ଦୃଢ଼ ଆଶା ବି ବ୍ୟକ୍ତ କରିଯାଇଛନ୍ତି।

ତାଙ୍କର ପ୍ରତିଟି ରଚନାରେ ସମାଜ ଉପଯୋଗୀ ବାର୍ତ୍ତାମାନ ପ୍ରକାଶ ପାଇଥାଏ। ସାହିତ୍ୟର ପ୍ରାୟ ପ୍ରତ୍ୟେକ ବିଭାଗରେ ସେ ଲେଖନୀ ଚାଳନା କରିଯାଇଛନ୍ତି। ଉପନ୍ୟାସରେ- ରକ୍ତପାତ, ବିଦ୍ରୋହ, ବନ୍ଦୀର ମାୟା, ବୀର ଯୁବକ, ରାଜଦ୍ରୋହୀ, ପ୍ରେମ ପଥେ ଆଦି ପ୍ରଧାନ। ସେହିପରି ଗଳ୍ପରେ ଈଶ୍ୱରଙ୍କ ପାଖକୁ ଚିଠି, କଥା କାହାଣୀ, ମାଗୁଣିର ଶଗଡ଼, ନୀଳ ମାଷ୍ଟ୍ରାଣୀ, ମୁଁ ଦିନେ ମନ୍ତ୍ରୀ ଥିଲି ଓ ଏବେ ମଧ୍ୟ ବଂଚିଛି ଆଦି ବେଶ ଜନାଦୃତ। କବି ଭାବରେ ସେ ଅଧିକ ପରିଚିତ। ଅନେକ କବିତା ଲେଖିଛନ୍ତି। ସେ ୧୯୫୯ ମସିହାରେ 'କଣ୍ଟା ଓ ଫୁଲ' କବିତା ସଂକଳନ ପାଇଁ ଓ ୧୯୬୨ ମସିହାରେ 'ଉଠ କଙ୍କାଳ' କବିତା ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସେହିପରି ୧୯୬୬ରେ କବିତା ସଂକଳନ 'ବଙ୍କା ଓ ସିଧା' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ଦୀର୍ଘ ପଚାଶ ବର୍ଷରୁ ଊର୍ଦ୍ଧ୍ୱକାଳ ସେ ଲେଖନୀ ଚାଳନା କରି ଓଡ଼ିଶାର ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଯାଇଛନ୍ତି। ତଥାକଥିତ ଶିକ୍ଷିତ, ଅବସ୍ଥା ସମ୍ପନ୍ନ ତଥା ପ୍ରତିଷ୍ଠିତ ବ୍ୟକ୍ତି ବା ଶାସକ ଗୋଷ୍ଠୀଙ୍କର ଦେଶର ଅଗଣିତ, ଦରିଦ୍ର, ନିରକ୍ଷରଙ୍କ ପ୍ରତି ପ୍ରତ୍ୟକ୍ଷ ବା ପରୋକ୍ଷ ଶୋଷଣ ଓ ଅପରାଧ ପାଇଁ ସେହିମାନେ ହିଁ ଦାୟୀ। ତେଣୁ ତାଙ୍କର ସମସ୍ତ ସମାଲୋଚନା, ଗଳ୍ପ, କବିତା, ଉପନ୍ୟାସ, ସମ୍ପାଦକ ଓ ଲେଖାରେ ବ୍ୟଙ୍ଗ, ଉପହାସ ସହ ସୁଧୁରିବାର ଛୁଙ୍କ ବି ରହିଥାଏ। ତାଙ୍କର ଲେଖା ମଧ୍ୟରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ତାଙ୍କର ଅନୁଭବ, ଅନୁଭୂତି ସହ ଚିନ୍ତନ ବେଶ୍ ପ୍ରକଟିତ। ନିଜେ ଆଜି ସେ ଶରୀରରେ ଦଗ୍ଧ ହୋଇଯାଇଲେ ବି ତାଙ୍କ ବିଦଗ୍ଧ ଲେଖନୀର ଉତ୍ତାପ ଆଜି ମଧ୍ୟ ସମାଜର କଳଙ୍କ ରାଶିକୁ ଦଗ୍ଧ କରିବାପାଇଁ ବେଶ୍ ଅପ୍ରଶମିତ।

ସେହି ସାରସ୍ୱତ ତଥା ଯଶସ୍ୱୀ ସ୍ରଷ୍ଟା ୧୯୬୫ ମସିହା ନଭେମ୍ବର ମାସ ପଚିଶ ତାରିଖରେ ସାରସ୍ୱତ ପ୍ରାଣକେନ୍ଦ୍ର କଟକ ସହରରେ ପ୍ରାଣତ୍ୟାଗ କରିଥିଲେ। କଟକର 'ସତୀଚଉରାଠାରେ ତାଙ୍କର ନଶ୍ୱର ଶରୀର ପାଉଁଶରେ ପରିଣତ ହେଲା। ଯେଉଁଠାରେ ଚିରନିଦ୍ରାରେ ଶୋଇଛନ୍ତି କବିବର ରାଧାନାଥ ରାୟ, ପଲ୍ଲୀକବି ନନ୍ଦକିଶୋର ବଳ, ବିଶ୍ୱନାଥ କର, ସୁରେନ୍ଦ୍ର ମହାନ୍ତି, ବିନୋଦ କାନୁନ୍‌ଗୋ ଓ କାଳନ୍ଦୀ ପାଣିଗ୍ରାହୀଙ୍କ ପରି ଅନେକ। ସେ ଆଉ ଫେରିବେ ନାହିଁ। ତଥାପି ଏ ପ୍ରଦୂଷଣ ଯୁଗ ଦେଖି ମନକୁ ଆସୁଛି 'ନିଆଁଖୁଣ୍ଟା'ର ମହାପାତ୍ରେ ଆଉଥରେ ଆସନ୍ତେ କି? ଜାତୀୟବୋଧ, ସମାଜଚେତନା, ପଲ୍ଲୀ ଜୀବନ ପ୍ରତି ଗଭୀର ଆକର୍ଷଣ, ମଣିଷ ପ୍ରତି ଆନ୍ତରିକ ସମବେଦନା, ଶୋଷଣ, କଷଣ ଓ ବିକାଶ ନାମରେ ବିନାଶର ଧାରାକୁ ହାସ୍ୟରସର ମସଲା ଦେଇ ଲେଖନ୍ତେ ଓ ପ୍ରକାଶ କରନ୍ତେ 'ନିଆଁଖୁଣ୍ଟା'ର ପୁନଃ ସଂସ୍କରଣ 'ନିଆଁ ଚେଙ୍କା'।

+'ପ୍ରଜ୍ଞାନୀଡ଼'
(ବସନ୍ତ ବିହାର)
ଶୋଭାରାମପୁର, ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪






### ଅହିଂସାର କର୍ଣ୍ଣଧାର

#### ଆଦ୍ୟାଶା ମହାପାତ୍ର

ସତ୍ୟର ପୂଜାରୀ ଜାତିର ଜନକ
ଅହିଂସାର କର୍ଣ୍ଣଧାର
ସାବରମତିର ସନ୍ଥ ପରା ସିଏ
ଯୋଗଜନ୍ମା ଅବିସ୍ମର ।

ପରାଧୀନତାର ଦୁଃଖ ଦୃଶ୍ୟେ ତାଙ୍କ
ପରାଣ ହୋଇଲା ଘାରି
ଅହିଂସା ହୋଇଲା ଆୟୁଧ ତାଙ୍କର
ବିଦେଶୀ ଉପରେ ଭରି ।

ଲୁଣ ମାରିବାକୁ ଦାଣ୍ଡି ଯାତ୍ରା କଲେ
ସ୍ୱରାଜ ପ୍ରତୀକ ହୋଇ
ଗାଆଁରେ ରହିଛି ଏ ଦେଶର ଆତ୍ମା
ଗଲେ ଏ ଜାତିକୁ କହି ।

ସ୍ୱରାଜ ପାଇଁ କି ଥିଲେ ପ୍ରତିବଦ୍ଧ
ସତ୍ୟାଗ୍ରହେ ଅଗ୍ରଦୂତ
ବିଦେଶୀ ବସ୍ତ୍ରକୁ ତ୍ୟାଜ୍ୟ ଥିଲା ପରା
ଅସହଯୋଗର ସୂତ୍ର ।

ଅରଟ ଚଲାଇ ସୂତା ସେ କାଟିଲେ
ଖଟି ଖାଇବାକୁ କହି
ନିଜ କାମ ନିଜେ କରିଲେ ଦୃଷ୍ଟାନ୍ତେ
କୋଟି ପ୍ରାଣ ଗଲେ ଛୁଇଁ ।

କର ଅବା ମର ଆହ୍ୱାନ ଶ୍ରବଣେ
ଦେଶ ହେଲା ଉଦ୍ରେକିତ
ନାରୀକୁ ସମ୍ମାନ ସ୍ୱଚ୍ଛତାରେ ଧ୍ୟାନ
ଥିଲା ତାଙ୍କ ମହାମନ୍ତ୍ର ।

କହିଲେ ବୁଝାଇ ଏକତାରେ ଶକ୍ତି
ନିହିତ ପ୍ରଗତି ମାର୍ଗ
ଭେଦଭାବ ହୀନ ସମାଜେ ନିଶ୍ଚିତ
ସ୍ୱପ୍ନଲଭ୍ୟ ରାମରାଜ୍ୟ ।

+ନୂଆପଡା, କଟକ

### ଏଠି...ଏଇ ପୃଥିବୀରେ

#### ଦୀପ୍ତି ମିଶ୍ର

ଏଠି ସତ୍ୟରେ ଚାଲିବା ଅର୍ଥ
ଭୀଷ୍ମଙ୍କ ଶରଶଯ୍ୟାକୁ ବରଣ କରିବା
ଏଠି ଚକ୍ରବ୍ୟୁହକୁ ସାମନା
କରିବା ଅର୍ଥ
ଜୀବନର ଚ୍ୟାଲେଞ୍ଜକୁ
ଗ୍ରହଣ କରିବା।

ଏଠି କେତେବେଳେ ନିଜ ଶବକୁ
ନିଜେ କାନ୍ଧେଇ ଚାଲିବାକୁ ପଡ଼େ ତ,
କେତେବେଳେ ସାପ ସିଡ଼ି ଖେଳରେ
ସାପ ପେଟରେ ପଶି ପୁଣି ଥରେ
ମୂଳରୁ ଯାତ୍ରା ଆରମ୍ଭ କରିବାକୁ ହୁଏ।

ଏଠି ଜନ୍ମ ମୃତ୍ୟୁର ଖେଳ ଚାଲିଥାଏ
ସାପ ସିଡ଼ି ର ଖେଳ ଭଳି ,
କାହାଣୀ ସରିଗଲା ପରି
ଲାଗୁଥିଲେ ବି....
ବାସ୍ତବରେ ସରିବା ବେଳକୁ
ନୂଆ କିଛି ଆରମ୍ଭ ହୋଇ ଯାଇଥାଏ।

ଏଠି ଫୁଲ ଅବା କଣ୍ଟା ...
ସତ ଅବା ଛଳନା ....
ସତେ ଅବା ଜୀବନର
ନିଶ୍ଚିତ ପାଉଣା,
ଭିତରେ ହଜେଇ ବାହାରେ ଖୋଜିବା
ଜୀବନର ଅନିଶ୍ଚିତ ଗ୍ରହ ମାନଙ୍କର
ଏ ଯେ ଗୋପନ ମନ୍ତ୍ରଣା ।

ଏଠି ମଉଳିଲେ ଦିନ
ମଉଳି ଯାଏ ନିପାରିଲା ପଣ
ରାତି ଗାଏ ନୂଆ ଏକ
ସକାଳର ଗାଥା,
ଏଠି ନଈ ବହିଯାଏ....
ସବୁ କୋଳାହଳ କୁ ଡେଇଁ
କାରଣ ସାଗର ହିଁ ତାର ଶେଷ କଥା।

+ବାରିପଦା

### ଶାରଦୀୟ ପାର୍ବଣ

#### ନିରଞ୍ଜନ ସାହୁ



ଶରତ ଆକାଶେ ଛେନାଛିଣ୍ଡା ମେଘ
ଖଣ୍ଡଖଣ୍ଡ ହୋଇ ଭାସିଲା
କାଶତଣ୍ଡି ଧଳା ଚାମର ଢାଳିକି
କହିଲା, ' ପାର୍ବଣ ଆସିଲା ।'

ଦିଗ ନିରିମଳ ସାଜିଲେ ଏକାଳେ
ଆକାଶ ସୁନୀଳ ହୋଇଲା
ବେଳେବେଳେ ପୁଣି ଅସରାଏ ବର୍ଷା
ଶୁଖିଲା ମାଟିକୁ ଧୋଇଲା
ନଦୀ, ପୁଷ୍କରିଣୀ ଗୋଳିଆ ପାଣି ଯେ
କାଚକେନ୍ଦୁ ପରି ଦିଶିଲା ।

ସୁଷମା ମଣ୍ଡିତ ପ୍ରକୃତି ସୁନ୍ଦରୀ
ସଭିଙ୍କର ମନ ମୋହିଲା
ଦେବୀ ଆଗମନ ଜାଣିଛି ପ୍ରକୃତି
କାର୍ପଣ୍ୟ ହେବା ତ ନୋହିଲା
ଘରଦ୍ୱାର ଲିପାପୋଛା କରି କିଏ
ଭଙ୍ଗାକାନଛ ମାଟି ନେସିଲା ।

ପୂଜା ମଣ୍ଡପରେ ମୃଣ୍ମୟୀ ପ୍ରତିମା
ମୂର୍ତ୍ତି କାରିଗର ଗଢ଼ିଲା
ମା ' ସିଂହବାହିନୀ ସିଂହର ପୃଷ୍ଠରେ
ଯୁଦ୍ଧ ଲଢ଼ିବାକୁ ଚଢିଲା
ମହିଷା ଅସୁର ଯୁଦ୍ଧରେ ହାରିଲା
ତ୍ରିଶୂଳ ତା ପେଟେ ଭୁଷିଲା ।

ଶକ୍ତିପୀଠ ସାଥେ ପୂଜାମଣ୍ଡପରେ
ସାଜସଜ୍ଜା ଶୋଭା ପାଇଲା
ନୂଆନୂଆ କେତେ ଭଜନ ଜଣାଣ
କଳଗାଉଣାଟା ଗାଇଲା
ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗିଗଲା
ଆଖି ସାଥେ ଆଖି ମିଶିଲା ।

ସଭିଙ୍କ ମନରେ ଖୁସିର ଜୁଆର
ପାରବଣ ଆସି ଭରିଲା
ଦେବୀଙ୍କ ଦର୍ଶନ କରିବ ଭକତ
ଏକଥା ମନସ୍ଥ କରିଲା
ବରଷା କାଳୀନ କଷ୍ଟରୁ ନିଶ୍ଚୟ
ଶରତ ପାର୍ବଣ ନାଶିଲା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

## ସୁନାଝିଅ
### ଅଧ୍ୟାପକ ଶରତ କୁମାର ଦାସ



ଝିଅ ବୋଲି ତୁ କ'ଣ ଅଖୋଜା ଅଲୋଡା
ମଧ୍ୟାହ୍ନ ମରୁଭୂମିର ଖରା ଟାଇଁଟାଇଁ !
ତୁ କ'ଣ ବାଟଭଙ୍ଗା ନଇଟିଏ
ଧାଉଁଥାଉ ଅବିରତ ଦୁଇକୂଳ ଖାଇ !

ତୁ କ'ଣ ଚତୁର୍ଦ୍ଦଶୀ ଜହ୍ନର ସଫେଦ ଆଲୁଅ
ନା କଳା କିଟିକିଟି ଉଆଁସ ଅନ୍ଧାର !

କେମିତି କହିବି ତତେ ମୁଁ
ତୁ ପରା ମୋ ପୃଥିବୀର ଅକ୍ଷ୍ୟାଂଶ ଦ୍ରାଘିମା ;
ତୁ ଥିଲେ ପାଖେ ମୋ ଇଚ୍ଛାମାନଙ୍କର
ଲାଗେ ଲମ୍ବା ପଟୁଆର
ପୀୟୂଷର ଧାରେ ଭିଜୁଥାଏ ନିତି ବାରବାର।

ତୁ ମୋ ଝିଅ, ସୁନାଝିଅ
ଆଷାଢର ଆଶାବରି
ପହିଲି ବର୍ଷାର ମଧୁର ମୂର୍ଚ୍ଛନା
ଶ୍ୟାମଳ ଶ୍ରାବଣ ସଂଜର ମେଘକୁ ଆଡେଇ
ମାଟିମଗ୍ନା ମୁଠାଏ କଅଁଳ ମଧୁର ଜୋଛନା।

ତୋ ହସରେ ହସେ କିରିକିରି
ଅଶିଣ ଆକାଶର ସୋରିଷ ରଙ୍ଗର ଖରା,
ଖୁସିରେ ତଲ୍ଲୀନ ନୀଳକଇଁ
ବାଟଚାହିଁ ବସିଥାଏ ଛୁଇଁବାକୁ ଜହ୍ନର ପସରା।

ଶୀତ ସକାଳର ଢଳଢଳ କାକର ବିନ୍ଦୁରେ
ତୁ ଝଲମଲ ଅମୂଲ୍ୟ ମୁକୁତା
ମାର୍ଗଶିର ମାଣବସା ଗୁରୁବାରେ
ଦାଉଦାଉ ଦିଶୁଥିବା ମୋ ଅଗଣାର
ତୁ ଧୋବ ଫରଫର ଲକ୍ଷ୍ମୀପାଦ ଚିତା ।

ତୁ ମୋ ନିଃଶ୍ୱାସର ପୁଲକିତ ବିଶ୍ୱାସ
ମୋ ଆତ୍ମାର ତୁ ଛାଜ୍ୱଲ୍ୟ ପ୍ରକାଶ
ତୁ ମୋ ହୀରା ତୁ ମୋ ମୋତି
ମୋ ଜୀବନର ତୁ ଅସରନ୍ତି ପୁଣ୍ୟଗୀତି ।

ତୋତେ ଦେଖି ଫଗୁଣର ଚଲାବାଟେ
ବସେ ଫୁଲଙ୍କର ମନରୋମ ହାଟ
ମହମହ ବାସ୍ନାରେ ଭିଜୁଥାନ୍ତି ଯେତେ
ନଈ, ନାଳ, ବିଲ, ବଣ,ପାଟ ।

ଏମିତି ତୁ କଥାକୁହା କଣ୍ଢେଇଟିଏ
ମୋ ମୂର୍ଚ୍ଛାହତ କ୍ଷତାକ୍ତ ପ୍ରାଣର
ତୋ ଦରୋଟି କଥାରେ ଦୂରହୁଏ
ନିଶାଦର ଆରଣ୍ୟକ ଭୋକ ।

ତୋ କାନ୍ଦୁରା ହସର କାଉଁରୀ ଛୁଆଁରେ
ହଟିଯାଏ ଅବସୋସ, ଅନ୍ତର୍ଦାହ ଯେତେ
ଲମ୍ଫ ଦିଅନ୍ତି ଅବିଶ୍ୱାସର ଅଶୌଚ ଆଚରଣ
ଅଆତ୍ମୀୟତାର ଉଚ୍ଚାଙ୍ଗ ଉଚ୍ଚାରଣ।

ଦୂରେଇଯାଏ ବିଷାଦିତ ସ୍ୱପ୍ନ
ମୋ ଆଖିହଳକରୁ,
ହାତଠାରି ଡାକୁଥାଏ ଗୋଟେ କୁସୁମିତ
ସରଳ ବିଶ୍ୱାସର ଦେଶ।

ଶତାବ୍ଦୀର ସବୁତକ ସ୍ୱପ୍ନ ପରଝାଡି
ଉଡୁଥା'ନ୍ତୁ ଫଡଫଡ ତୋ ଆଖିହଳକରେ
ପାହାନ୍ତିଆ ତାରା ପରି ଝଲମଲ ହେଉଥା'
କାକରପଖଳା ରାତିର ଶେଷ ପହରରେ ।

ମୋ ଆୟୁଷକୁ ତୋ ଆୟୁଷରେ ଯୋଡ଼ିଦେଇ
ହସୁଥା' ତୁ ଚିରକାଳ ପାଇଁ
ରତ୍ନଗର୍ଭା ପୃଥିବୀର ସବୁଜ ଛାତିରେ ।


♥ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଅଧୁରା ସପନ
### ଦିବାକର ନାୟକ



କିଛି ସପନ ମୋ ଅଧୁରା ଅଧୁରା
ରାତି ଅଧେ ଆସି କାନରେ କହେ
ଅଧୁରା ମୂରତି ଦିଶଇ ଯେମିତି
ଜୀବନ ସେମିତି ଅଧାରେ ରହେ ।

ଅଧୁରା ଚାଲିରେ ଠିକଣା ମିଳେନା
ଅଧୁରା କଥାରେ ଏ ମନ ବୁଝେନା ।
ଅଧୁରା ଚାହାଣୀ ଦିଏ ସିନା ହାଣି
ଅଧୁରା କାହାଣୀ ପାରେନାହିଁ ଜିଣି ।

ଅଧୁରା ପ୍ରୀତିରେ ଅତୀତ ଜଳିଲେ
ପ୍ରତାରଣା ନିତି ହୃଦୟ ଦହେ..
କିଛି ସପନ ମୋ ଅଧୁରା ଅଧୁରା
ରାତି ଅଧେ ଆସି କାନରେ କହେ ।

ଅଧୁରା ଦେଖାରେ ନୟନ ଅଧୀର
ଅଧୁରା ମିଳନେ ପରାଣ ବିଧୁର ।
ଅଧୁରା ଗୀତରେ ଭରେ ନାହିଁ ମନ
ଅଧୁରା ସୁରକୁ ଝୁରେ ନାହିଁ କାନ ।

ଅଧୁରା ପ୍ରେମର ମରୀଚିକା ପଛେ
ତଥାପି ଏ ମନ କାହିଁକି ଧାଏଁ..
କିଛି ସପନ ମୋ ଅଧୁରା ଅଧୁରା
ରାତି ଅଧେ ଆସି କାନରେ କହେ ।


♥ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧




## ଏଠି କେହି ନୁହେଁ କାହାର
### ରତ୍ନାକର ରାଉତ



ଯେପରି ସଭିଏଁ ଯାଉଛନ୍ତି
ମୁଁ ଦିନେ ଏଠାରୁ ଯିବି
ନିଶ୍ଚୟ ଯିବି
କୁଆଡ଼େ ଯିବି ଏବେ ମୋତେ ଜଣାନାହିଁ
ହୁଏତ ଯିବା ବେଳେ ତାହା ଜାଣି ପାରିବି
କୁଆଡ଼େ ମୁଁ ଯାଉଛି
ହୋଇପାରେ ମୁଁ ଏହିଠାରେ ହିଁ ଥିବି
କୁଆଡ଼େ ଯାଇ ନଥିବି ।

ମାତ୍ର ମୁଁ କୁଆଡ଼େ ଗଲି
କେହି ଜାଣି ପାରିବେନି
ମୋତେ ଯେଉଁଠି ଖୋଜିଲେ ମଧ
ମୁଁ ଗଲାପରେ ଆଉ କାହାକୁ ମିଳିବି ନାହିଁ
ସମସ୍ତେ ଧରି ନେବେ ମୁଁ ନାହିଁ
କାରଣ ମୁଁ ଦେଖା ଯାଉନି
ମୁଁ କେବେ ଦେଖାଯାଏଁ ଯେ
ସେବେ ଦେଖା ଯିବିନି ।

ପରନ୍ତୁ ମୁଁ ଏଇଠି କେଉଁଠି ଥାଇପାରେ ଅବା
ରହିପାରେ
ଦେଖାଯିବା ନ ଯିବା ଭିତରେ
ମୁଁ ଥିବା ନଥିବାର କିଛି ସଂପର୍କ ନାହିଁ
ମୁଁ ଯେମିତି ଜଣାଶୁଣା ଓ ପରିଚିତ
ମୁଁ ବିଲକୁଲ ସେମିତି ନୁହେଁ
ଯେଉଁ ରୂପରେ ମୁଁ ଦେଖାଯାଉଛି ସଭିଙ୍କୁ
ସେ ରୂପ ମୁଁ ନୁହେଁ
ସେ ମୋ ଖୋଳପା
ମୁଁ ତା ଭିତରେ ଅଦୃଶ୍ୟ ଅଜ୍ଞାତରେ ଅଛି
ତା ବାହାରେ ମଧ ପରିପୂର୍ଣ୍ଣ ହୋଇ ରହିଛି ।

ମୁଁ ଅଛି ବୋଲି ସେ ପରିଚାଳିତ ହେଉଛି
ତା ଭିତରେ ମୁଁ ଥିଲେ ସେ ଚେହେରା
ଦେଖାଯାଉଛି
ତାର ଗୋଟେ ପରିଚିତି ଅଛି
ସେହି ରୂପରେ ସଭିଙ୍କ ମଧ୍ୟରେ ସେ ଜଣାଶୁଣା,
ଚିହ୍ନା ତାର ଅନ୍ୟମାନଙ୍କ ସହିତ ସଂପର୍କ
ସେସବୁ ସହିତ ମୋର କିଛି ଯାଏ କି' ଆସେନି
ମୁଁ ମୋ ନିଜ ଭିତରେ ମସ୍ତ
ମୋ ଇଚ୍ଛାରେ ମୁଁ ଅଛି ।

ମୋ ଇଚ୍ଛା ନହେଲେ ରହିବାକୁ
ମୁଁ ତାକୁ ଛାଡ଼ି ଚାଲିଯିବି ମୁହୂର୍ତ୍ତକେ
କେବଳ ଏହି ଥରକ ନୁହେଁ
ଏମିତି କେତେ କେତେ ଥର ମୁଁ ଆସି
ପଥିକ ଭାବେ ଏଠିକାର ପାନ୍ଥଶାଳାରେ ରହି
ପୁଣି ତାକୁ ଛାଡ଼ି ଦେଇ ଫେରି ଗଲିଣି ।

ଏଥର ମଧ ଯିବି
ମୋତେ କେହି ଅଟକେଇ ପାରିବେ ନାହିଁ
ମୋତେ ବାନ୍ଧି ରଖିବାକୁ କୌଣସି ଶିକୁଳି
ବାହାରି ନାହିଁ
ମୁଁ ଚାହିଁଲେ ସବୁ ଶିକୁଳିକୁ ତୁଟେଇ ଦେଇ
ନିମିଷକେ ଚାଲିଯିବି
ମୋତେ ଜଣା, ମୁଁ ଗଲେ ତାର ସ୍ଥିତି
ମାତ୍ର କେତେ ଘଣ୍ଟା
ତାପରେ ସେ ପାଣି, ପବନ, ମାଟି
ଓ ଆକାଶରେ ମିଳେଇ ଯିବ
ବାକି ଯାହା ରହିବ ଅବଶିଷ୍ଟ
କିଛି ସ୍ମୃତି ହୋଇ ଅନ୍ୟମାନଙ୍କ ମନରେ
ଆଉ ତାର କିଛି କୃତି ଓ କୀର୍ତ୍ତି
ସେସବୁ ସ୍ମୃତି, କୃତି ଓ କୀର୍ତ୍ତି
କ୍ରମେ କ୍ରମେ ଲୁଭେଇ ଯିବ କାଳ ଗର୍ଭରେ
କେବେ ନା କେବେ ।

ସେସବୁ ସହିତ ନା କେବେ କିଛି ମୋର
ସଂପର୍କ ଥିଲା ନା କେବେ ରହିବ
ତାପରେ ଶୂନ ହୋଇଯିବ ମୋର ଇତିବୃତ୍ତି
ମୁଁ ମହାଶୂନ୍ୟରେ ଶୂନ ହୋଇ ରହିଥିବି
ପୁଣି କେବେ କାଳକୋଳରେ ଉଇଁବାକୁ
ହେଲେ
ସେହି ଶୂନ୍ୟରୁ ସଂଭୂତ ହୋଇ
ଫେରିବି କୌଣସି ଏକ ରୂପ ଧରି
ଅଦୃଶ୍ୟରୁ ଦୃଶ୍ୟମାନ ହେବି ।

ନା ମୁଁ କାହା ସାଥୀରେ କେବେ ଥାଏ
ନା କେବେ କାହା ସହିତ ରହିବି
ମୁଁ ଏକଲା ଥିଲି ସଦାକାଳେ
ଏକଲା ହୋଇ ହିଁ ରହିଥିବି
ଏବଂ ଶୂନ ହୋଇ ମହାଶୂନ୍ୟରେ
ଲୀନ ହେଉଥିବି, ଏକାକାର ହେଉଥିବି ।

ଏହି ଖେଳ ମୁଁ ଖେଳୁଛି କାଳକୋଳାନ୍ତର
ଏକଣ କେଉଁ ନୂଆ କଥା ଅବା ନୂଆ ଗୁମର
ସଂସାରରେ ଜନ୍ମ ହୋଇ
ଏ ଜଟିଳ ଭେଦ ସଭିଏଁ ବୁଝିବା ଦରକାର
ଏଠି କେହି ନୁହେଁ କାହାର
ଏଠି କିଛି ନୁହେଁ କାହାର
ସକଳେ ଯିଏ ଯାହା ନିଜେ ନିଜର
ସବୁ ତାର ଯିଏ ଖେଳଉଛି
ସଭିଙ୍କ ଏତେ ଖେଳ
ମୁଁ ତାର ବୀଜ
ସେହି ବୀଜ ଯେମିତି ଏଠି ଅନ୍ୟ ସଭିଏଁ ।


ଭୁବନେଶ୍ୱର


## ମୃତ୍ୟୁ
### ନଳିନୀ କାନ୍ତ ପାଢ଼ୀ



ଯଦି ଦୁନିଆରେ
କଟୁ ସତ୍ୟ ଥାଏ
ତେବେ ମୃତ୍ୟୁ ।

ତାକୁ କେହି ଅଟକାଇ ପାରେନା
ପଥରୋଧ କରି
ଅବାଟରେ ଯିବାକୁ
କହି ପାରେନା ।

ସମୟ ଓ ମୃତ୍ୟୁ
ଛନ୍ଦାଛନ୍ଦି ଖେଳ ଖେଳନ୍ତି
ଚିତ୍ରଗୁପ୍ତ ଲେଖନ୍ତି ହିସାବକିତାବ
ଗୁପ୍ତ ପଞ୍ଜିକାରେ
କିଏ ବା ଠଉରାଇପାରିବ
ଜୀବନର ଗୀତା
ଭଲମନ୍ଦ,ଲାଭ କ୍ଷତି,
ଉଠାପକା ଛାତିର ଅକୁହା
ନିବେଦନରେ ? ?

ହଁ, ସେ ଛପିଛପି ଆସେ
ହସେ, ମଇତ୍ର ବସାଏ
କୁହୁକ ପେଡିଖୋଲେ
ଅଚାନକ ଡାକିନିଏ
କୁଆଡେ ଜାଣିହୁଏନି ।

ଗଳ୍ପ, କବିତା ସବୁ
ପଡ଼ିରୁହେ ଏଇଠି
କରେଇ, ପରିବା, ଚାଉଳ ଗ୍ୟାସ,ଡିକଚି
ସବୁ ପଡ଼ିରୁହେ
ପଡ଼ିରୁହେ ଲୁଗାପଟା,ଖଟ ପଲଙ୍କ
ପଡ଼ିରୁହେ ଓଦା ଗାମୁଛା,
ଛାଞ୍ଚୁଣି ଓ ସପ ।

ଏସବୁ ବି ଯାଏନି ସାଥିରେ
ଆକାଶରେ ଚକର କାଟେ
ଅଦିନିଆ ମେଘ ।

ଶେଷ ହୁଏ ଏକ ଯୁଗ ! !

ସ୍ୱପ୍ନରହିଯାଏ ଅଧା ଅଧା
କିଏ କହେ ହଁ,
ସେ ପୁଣି ଫେରିବ,
କିଏ କହେ ଭଲ ହେଇଛି
ସେ ଚାଲିଗଲା ।

କିଂତୁ, ମୁଁ କବି
ନିଶ୍ଚଳ ଥାଏ ଏସବୁ କଥାରେ
ଜନ୍ମ ମୃତ୍ୟୁର
ଛାଇ ଖେଳକୁ ନ ଥାଏ
ଜମାରୁ ଭୟ ।

ଜନ୍ମ ମାନେ ମୃତ୍ୟୁ
ଥାଏ ଲୁଚି ଆମ ନିକଟରେ
ବେଳକାଳ ଦେଖି ଡାକିନିଏ
ଅତର୍କିତ ଭାବେ
ଜାଣିହୁଏନି ! !

ଧ୍ରୁବ ସତ୍ୟ ଏ ମୃତ୍ୟୁ
ଯାହାର ଉପମା ନାହିଁ ।

ସେ ଅତି ଶାନ୍ତ, ଅତି ନମ୍ର,
କମନୀୟ
କିଂତୁ କବିର ହୁଏ ମୃତ୍ୟୁ
ପ୍ରତି ଶବ୍ଦ କୋଣେ
ପୁଣି ନିଏ ଜନ୍ମ
ତାର ନ ଥାଏ ଜମାରୁ ଭୟ,
ଜମାରୁ ଭୟ ।


♥ଗୋଶାଣୀବିନ୍ଧା, ଜଗାଇ,
ପ୍ରତାପପୁର ବାଲିଆପାଳ,
ବାଲେଶ୍ୱର ୭୫୬୦୮୩
ମୋ: ୯୭୭୭୫୧୪୫୭୬


## କାଶତଣ୍ଡି ରଖିଛି
### ମୋହନ ଚରଣ ବିଷି



ସମ୍ଭାବନାର ପସରା ମେଲାଇ ଶରତ ଆସିଛି ମରତେ
ମହମହ ଗହଗହ ଲାଗୁଛି ପବନ ଖେଳୁଛି ପଣତେ
ଶୁଭ୍ର ଆକାଶ ମନକୁ କିଣୁଛି ଆମୋଦ ପ୍ରମୋଦେ ବିତେ
ମନ ଗହନରେ କଥାକୁ ନିରେଖି ମୁରୁକି ମୁରୁକି ହସେ
ବଡ ନିରିମାଖି ବିଲବାଡ ସବୁ ସବୁଜିମାରେ ମହକେ
କୁଆଁରୀ ଝିଅଟେ ବୋହୂ ହେବା ପାଇଁ ସଜଳ ସପନ ମାଖେ
ଗାଁ ପୋଖରୀରେ କଇଁର ଶୋଭା ଜହ୍ନ ଆଲୁଅରେ ଦିଶେ
ପଦୁଅଁ ପତରେ କାକର ବିନ୍ଦୁ ସୁରୁଜ କିରଣେ ଝଟକେ
ଚଷା ପୁଅଟେ ବିଲ ପାଖରେ ଫସଲକୁ ଦେଖି ହସେ
ଓଦା ଓଦା ଘାସେ ପାଦର ଚିହ୍ନରେ ଅଳତାର ରଂଗ ଫୁଟେ
ତୃଣ ପଶୁ ପକ୍ଷୀ କୀଟ ଯେ ପତଙ୍ଗ ଭ୍ରମନ୍ତି ଆନନ୍ଦ ଚିତ୍ତେ
ଅପୂର୍ବ ସମ୍ଭାର ଶୋଭା କଳେବର କେତେ ଫୁଲଫୁଟି ବାସେ
ଅଳସ ପଣରେ ଥିରି ଥିରି ନାଚେ ଘୁଙ୍ଗୁର ନଥାଇ ପାଦେ
ଶୁଭ୍ର ସତେଜ ମେଘର ଚାଦର ତୋଫା ତୋଫା ହେଇ ଖସେ
ମନର କଲମେ ହୃଦୟ କାଗଜେ ପ୍ରିୟା ପାଇଁ ଚିଠି ଲେଖେ
ଏମିତି ଆସନି ଗୋ କରୁଣାମୟୀ କୁହୁକ ଛୁଆଁ ପରଶେ
ଆବେଗ ଅମାପ ପ୍ରେମର ପୁଲକ ରହିହେବ ନାହିଁ ସତେ
ମହକେ ମହକ ସୁଗନ୍ଧେ ସୁଗନ୍ଧ କାଶତଣ୍ଡି ମନ ରୋଷେ
ଉଚ୍ଛନ୍ନ ମନକୁ ଖିଆଲି ଆଖିରେ ମାଁର ରୂପ ଖାଲି ନାଚେ
ଲୁହ ଗଡେଇଲେ ଆକୁଳେ ଡାକିଲେ ଯାଏକି ତମର କେତେ
ସଜଳ ସଂଜରେ ଦୀପ ଜାଳି ମାଁ ଗୋ ଅପେକ୍ଷା କରିବି କେତେ
ମିଛ ଅଭିମାନ ମିଛ ଯେ ସପନ ତଥାପି ନିରବେ ହସେ
ଗୁମାନ କରିଛି କାଶତଣ୍ଡି ଆଜି ଗୁମୁରି ଗୁମୁରି ରଷେ ।


♥ଗଡରାମାଲ, କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧


## ଆଜିର ସୀତା
### ଅଳକା ରାୟ



ଆଜୀର ସୀତା
ନା ଉପେକ୍ଷିତା ନା ପ୍ରତ୍ୟାକ୍ଷିତା
ସ୍ୱାଧିନଚେତା ସେ
ବାଛିନିଏ ନିଜପାଇଁ ନିଜେ ରାସ୍ତା
ସିକୃତି ଦିଏନାହିଁ ସ୍ୱୟମ୍ବରକୁ
ଚୟନ କରେ ନିଜ ଇଛାକୁ
ଦେବାକୁ ଚାହେଁନାହିଁ
ସେ, ଅଗ୍ନି ପରିକ୍ଷା
ଚାଲୁଥାଏ ଅଗ୍ନି ପଥେ ପଥେ
ବଜାୟ ରଖିବାକୁ ସ୍ୱକିୟ ସତ୍ତା
ମର୍ଯ୍ୟାଦାର ଏକ ଶକ୍ତ ସୀମାରେଖା ଟାଣି
ଅତିକ୍ରମ କରେସେ ଲକ୍ଷଣରେଖା
ଭୃଣ ଶିଖା ଉଜ୍ଜୀବିତ କରିବା ନିମନ୍ତେ
ଜଳାଏ ହୃଦୟରେ ଦୀପଶିଖା
ଏକକ ମାତୃତ୍ୱ ଶଂଖନାଦରେ
ଓହ୍ଲାଏ ଯୁଦ୍ଧଭୂମିକୁ
ନିଜର ବହ୍ନି ବଳୟ ବଳରେ
ପ୍ରତିଷ୍ଠିତ କରାଏ ନିଜକୁ
ଗଢିତୋଳେ ସ୍ୱହସ୍ତରେ
ଉତ୍ତମ ପୁରୁଷୋତ୍ତମ
ଆଜିର ସୀତା
ଏକ ଅଗ୍ନି ଶିଖା
ବାଛିନିଏ ଅଗ୍ନି ପଥ
ଚାଲୁଥାଏ ଜଳି ଜଳିକା....


♥ ମୋ: ୭୯୭୮୩୩୨୦୬୧


## ନାରୀ
### ପ୍ରିୟଙ୍କା ପୃଷ୍ଟି

ନାରୀ ନୁହେଁ ସେହି ସହନଶିଳା
ସେତ ସ୍ୱର୍ଗର ଅପସରୀ
ଜନମ ବେଳ ହୁଁ ସହନଶିଳା
ସେତ ମା ଜନ୍ମଭୂମି ।

ଯୌବନ କାଳେ ସ୍ୱର୍ଗର ଅପସରୀ
ବିଭା ପରେ ମା ପାର୍ବତୀ
ସ୍ୱାମୀ ସହବସେ ମା ସୀତା ରୂପୀ
ଗର୍ଭ ସମୟେ ଜନନୀ ।

ବାତ୍ସଲ୍ୟ ମମତା ନାହିଁ ପଟାନ୍ତର
ସେତ ମା ରୋହିଣୀ ସମ
ବିପଦ କାଳେ ଶତ୍ରୁ ନାଶ କରି
ବୋଲାଏ ସେ କାଳୀ ନାମ ।

ସାଜି ଧର୍ଯ୍ୟଶିଳା ସହନଶିଳା ଯେ
ପ୍ରତିକ୍ଷଣେ ରଖେ ମାନ
ପୁଣି କାହିଁ ପାଇଁ ସମାଜର ଏହି
ନରପିଶାଚ ଗଣ ଶରୀରଟି ତାର
କରିଥାନ୍ତି ଛିନ୍ନ ଭିନ୍ନ ।

ଛିନ୍ନ ଭିନ୍ନ କରି କାଗଜଟି ପରି
ଫିଙ୍ଗିଥାନ୍ତି ତାର କାୟା
ପୁଣି ସେ ପିଶାଚ ସମାଜ ଆଖିରେ
ଧୂଳି ଦେଲା ପରି ରଚିଥାଏ ତାର ମାୟା ।

ସମାଜରେ ଥିବା ସେହି ନର ଆଜି
ଧରି ପିଶାଚର ରୂପ
ପାଣି ଭାବି କରି ଜୀବନ ଶୋଷନ୍ତି
ଦେଇ ଛଳନାର ଧୂପ ।

ଆଜିର ସମାଜ ସାଜିଛି ରାବଣ
ରାମ ହେଲେ ସାତ ପର
ନାରୀ ର ଜୀବନ ପ୍ରତ୍ୟେକ କ୍ଷେତ୍ରରେ
ସଂଘର୍ଷ ରେ ପରି ପୂର୍ଣ୍ଣ ।

ପ୍ରତିଟି ସମୟେ ପ୍ରତିଟି କ୍ଷଣ ରେ
ଦେବାକୁ ଯେ ପଡେ ପରୀକ୍ଷା
ସମାଜ ଆଗରେ ମୁଣ୍ଡକୁ ନୁଆଇଁ
କରେ ସମ୍ମାନକୁ ରକ୍ଷା ।

ଦୈହିକ ଲାଳସା ମେଣ୍ଟୁ ନାହିଁ ତାଙ୍କ
ଲଜ୍ଜା ନାହିଁ ତାଙ୍କ ମୁଖେ
ରକ୍ତ ରେ ବୁଡାଇ ଥାନ୍ତି ତା ଶରୀର
ନିଜର ଖଣିକ ସୁଖେ ।

କାମନା ର ଅନ୍ତ ନାହିଁ ଏ ଜଗତେ
ଅନ୍ତର ବାସନା ସରୁନି ତାର
ସମାଜ ସମ୍ମୁଖେ ଉଲଗ୍ନ କରି
ନାରୀର ସମ୍ମାନକୁ କରି ସର୍ବସାର।

କାଲି ର ସେ ପୂଜନୀୟ ନାରୀ
ସମାଜ ରେ ଆଜି ଅବଳା , ଦୁର୍ବଳା
ସଜାଇଛନ୍ତି ଯେ କାପୁରୁଷଗଣ
ସମାଜ ରେ ଏହି ରୀତି ନ ହେଲେ ବି
ଚାଲି ଅଛି ପ୍ରତିକ୍ଷଣ।


♥ ଜିଲ୍ଲା - ଜଗତସିଂହପୁର
ପିନ୍ -୭୫୪୧୦୨


## ସେ କେବଳ ବାପା
### ଅନସୂୟା ପଣ୍ଡା



କଳ୍ପ କଳ୍ପ ଇଛାର
ବିକଳ୍ପ ବାପା ମୋ'ର
ସାମର୍ଥ୍ୟରୁ ଉର୍ଦ୍ଧ୍ୱରେ
ଲାଗେ ପ୍ରୟାସ ଯାହାର।

ସ୍ୱେଦଭିଜା ଅଦଢ ଦେହରେ
ଯିଏ ବାଣ୍ଟେ ଖୁସିର ଅତର
ନିରଭିମାନ ଭୂରିଭୂରି ବାସ୍ନାରେ
ଜୀବନ ମହକେ ନାନା ମତେ
ସମ୍ପର୍କ ରକ୍ଷାରେ ଭଲ ପାଇବାରେ
ଆଶିଷ ଯାହାର ସାହା
ସେ କେବଳ ବାପା।

ଅନ୍ଧାରକୁ ଦୂରେଇପାରେ
ଗାମୁଛାଏ ଭରସା ଯାହାର
ମଉଳା ଜୀବନେ କରିପାରେ
ପ୍ରାଣର ସଂଚାର ନୂତନ ଆଲୋକେ
କଳ୍ପବଟ ପରି କରୁଥାଏ
ପୂରଣ କାମନାର ସଳଖ ବାଟରେ
ସେ କେବଳ ବାପା।

ସଂସାରର ଭରପୁର କ୍ରୁରତାରେ
ନିଜକୁ ଢାଳି ନିଃସ୍ୱାର୍ଥ ଅନୁକମ୍ପାରେ
ଲହରିତ ଶୀତଳ ସମୀର ରୂପେ
ସେ କେବଳ ବାପା।


♥ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧

# ନୂଆପଡା ପ୍ରସ୍ତାବିତ ରେଳପଥ ପ୍ରତି ଅବହେଳା

ବଲାଙ୍ଗିର, ୩୦/୦୯ (ନି.ପ୍ର): ବଲାଙ୍ଗିର-ନୂଆପଡା ପ୍ରସ୍ତାବିତ ରେଳପଥ ପ୍ରତି ରେଳ ବିଭାଗ ଚରମ ଅବହେଳା ପ୍ରଦର୍ଶନ କରିଛି ବୋଲି ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏକ ପ୍ରେସ ବିବୃତିରେ କହିଛନ୍ତି । ଏହି ପ୍ରସ୍ତାବିତ ରେଳପଥର ପ୍ରାରମ୍ଭିକ ବୈଷୟିକ ଓ ଯାତାୟତ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇ ୨୦୧୬ ମସିହା ମେ ୨୪ ଦିନ ରେଳବାଇ ବୋର୍ଡ କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା ବୋଲି ସୂଚନା ଅଧିକାର ଆଇନରେ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା । ଏହା ମଧ୍ୟରେ ୮ ବର୍ଷରୁ ଅଧିକ ସମୟ ବିତି ଯାଇଛି କିନ୍ତୁ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ । ପ୍ରସ୍ତାବିତ ରେଳପଥକୁ ବଲାଙ୍ଗିର ଜିଲ୍ଲାର ହର୍ଡାଟାଲ, ଚୁଡାପାଲି, ଭଇଁଷା, ପାଟଣାଗଡ ଗମ୍ଭାରୀ, ହରିଶଙ୍କର ଏବଂ ଲଖନା ଦେଇ ନିର୍ମାଣ କରିବା ପାଇଁ ପ୍ରାରମ୍ଭିକ ସର୍ଭେ ରିପୋର୍ଟରେ ପ୍ରସ୍ତାବ ରହିଛି । ଖୋର୍ଦ୍ଧା-ବଲାଙ୍ଗିର ନିର୍ମାଣାଧିନ ରେଳପଥ ଭଳି ସମଦଶା ଭୋଗ କରି ସାରିଛି ପ୍ରସ୍ତାବିତ ବଲାଙ୍ଗିର-ନୂଆପଡା ରେଳପଥର ଭାଗ୍ୟ ବୋଲି ପଣ୍ଡା କହଛନ୍ତି । ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପ୍ରକଳ୍ପ ମଧ୍ୟ ପ୍ରାରମ୍ଭିକ ସର୍ଭେ ହେଲା ପରେ ବହୁ ବର୍ଷ ଧରି ରେଳ ବିଭାଗରେ ପଡି ରହିବା ପରେ ୧୯୯୩ ମସିହାରେ ମଞ୍ଜୁରି ପାଇଥିଲା ଓ ପ୍ରକଳ୍ପକୁ ଦିଆଯାଇଥିବା ମଞ୍ଜୁରୀ ଅନୁସାରେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନିର୍ମାଣ କାର୍ଯ୍ୟ କରାଯାଇଥାନ୍ତା ତାହେଲେ ବଲାଙ୍ଗିରବାସୀ ଏହି ବର୍ଷ ଖୋର୍ଦ୍ଧାରୁ ବଲାଙ୍ଗିର ପର୍ଯ୍ୟନ୍ତ ରେଳ ଚଳାଚଳର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରିଥାନ୍ତେ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ରେଳ ବିଭାଗର ବଲାଙ୍ଗିର ପ୍ରତି ଅତୀତର ଅବହେଳାକୁ ଅବଲୋକନ କଲେ ବଲାଙ୍ଗିର-ନୂଆପଡା ରେଳପଥ କେବେ ହେବ ଏହା ଅନିଶ୍ଚିତ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

# ଧର୍ମ ଜାଗରଣ ସମନ୍ୱୟ ସଂସ୍କୃତି ବିଭାଗର ରାଜ୍ୟସ୍ତରୀୟ କର୍ମଶାଳା

କେନ୍ଦ୍ରାପଡା , ୩୦/୦୯ (ନି.ପ୍ର): ଧର୍ମ ଜାଗରଣ ସମନ୍ୱୟ ସଂସ୍କୃତି ବିଭାଗର ରାଜ୍ୟ ସ୍ତରୀୟ ୨ ଦିନିଆ କର୍ମଶାଳା କେନ୍ଦ୍ରାପଡା ରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଣ୍ଟିଲୋ ଆଇବି ଠାରେ ଅନୁଷ୍ଠିତ କର୍ମଶାଳା ବୈଠକେର ଆସାମ, ଓଡିଶା, ବିହାର ପୂର୍ବକ୍ଷେତ୍ର ର ସଂଗଠନ ମନ୍ତ୍ରୀ ବିନୟ କୁମାର ଭୂୟାଁ ମୁଖ୍ୟ ଅତିଥି ଭଠାବେ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତି ରେ ଧର୍ମ ଜାଗରଣ ର ଆବଶ୍ୟକତା ସମ୍ବନ୍ଧେର ଅଠାଲୋକପାତ କରିବା ସହ ପ୍ରତି ଗ୍ରାମେର ଧର୍ମ ରକ୍ଷା ସମିତି ଗଠନ କରି ଜନ ସାଧାରଣଙ୍କ ମଧେ୍ୟର ସେଚତନତା ଓ ସକ୍ରିୟତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାନ୍ତ ସଂସ୍କୃତି ପ୍ରମୁଖ ସ୍ମୃତି ସାଗର ମହାରାଜ କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରିଥିବା ବେେଳ ପ୍ରାନ୍ତ ସହ ସଂଯୋଜକ ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ଅଠାଲୋକ କୁମାର ଖଟୁଆ, ସହ ସଂସ୍କୃତି ପ୍ରମୁଖ ଶରତ କୁମାର ମହାପାତ୍ର, ପ୍ରାନ୍ତ ସଦସ୍ୟ ତେୈଲୋକ୍ୟ ଭାରତୀ ପ୍ରମୁଖ ଅତିଥି ଭଠାବେ ଯୋଗ ଦେଇଥିଲେ । ଏହି ବୈଠକେର କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା ଓ ଭୁବେନଶ୍ୱର ପ୍ରଭୃତି ପ୍ରମୁଖ କାର୍ଯ୍ୟକର୍ତା ମଠାନେ ଅଂଶ ଗ୍ରହଣ କରିଥିଲେ ।

# କ୍ଲିନ୍ ସୋନପୁର ଗ୍ରିନ ସୋନପୁର ପାଇଁ ସଙ୍କଳ୍ପ ନେଲେ ଯୋଗୀ ଓ ବରିଷ୍ଠ ନାଗରିକ

ସୁବର୍ଣ୍ଣପୁର, ୩୦/୦୯ (ନି.ପ୍ର): ଶ୍ରୀ ଗୋପାଳଜୀ ତମଶ୍ୱା ଯୋଗାଳୟ, ବରିଷ୍ଠ ନାଗରିକ ସଂଘ, ସ୍ୱଚ୍ଛ ଭାରତ ସଂଗଠନ ଏବଂ ବନ ବିଭାଗ ସୋନପୁରର ମିଳିତ ଉଦ୍ୟମରେ ତଥା ସର୍ବ ବରିଷ୍ଠ ୮୫ ବର୍ଷୀୟ ଯୋଗୀ ମୃତ୍ୟୁଞ୍ଜୟ ନାରାୟଣ ଦାସଙ୍କ ଦୃଢ଼ ଇଚ୍ଛାରେ ବଳିଷ୍ଠ ନେତୃତ୍ୱରେ ଏକ ସବୁଜ ସୋନପୁର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ମହାନଦୀ ସେତୁ ଠାରୁ ତେଲ ନଦୀ ସେତୁ ପର୍ଯ୍ୟନ୍ତ ଏକ ଗ୍ରୀନ କରିଡ଼ର ଲକ୍ଷ୍ୟ ନେଇ ନିର୍ମାଣଧିନ ରିଂ ରୋଡ଼ର ଉଭୟ ପାର୍ଶ୍ୱରେ ଫଳ ଓ ଛାୟା ପ୍ରଦାନ ପାଇଁ ବୃକ୍ଷ ଗୁଆ, ନଡ଼ିଆ, ପିଜୁଳି, ଆତ, କଦମ୍ବ, ବଉଳ ପ୍ରଭୃତି ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ସବୁଜ ସୋନପୁର ବିପ୍ଳବ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାଟି ମା ଙ୍କୁ ପୁଜାର୍ଚ୍ଚନା କରି ଏକ ନଡ଼ିଆ ଚାରା ରୋପଣ କରି ଏହାର ଶୁଭାରମ୍ଭ କରିଛନ୍ତି ଓ ଏବଂ ଏଇ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରି ଆଗାମୀ ଦିନରେ ସୋନପୁର ପର୍ଯ୍ୟଟନର ବିକାଶ ଦିଗରେ ସହାୟକ ହେବା ସହ ଗ୍ରୀନ କରିଡ଼ର ମିଶନ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି କହିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଯୋଗାଳୟର ଅଧକ୍ଷ ଡ.ସନ୍ତୋଷ କୁମାର ପାଢ଼ୀ, ସଭାପତି ହରିହର ଶତପଥୀ, ସମ୍ପାଦକ ଡ଼ଃ. ଆର୍ତତ୍ରାଣ ବାବୁ, ଏହି ଗ୍ରୀନ ମିଶନ ର ମୁଖ୍ୟ ପୁରୋଧା ଯୋଗୀ ମୃତ୍ୟୁଞ୍ଜୟ ଦାସ, ବରିଷ୍ଠ ନାଗରିକ ସଂଘ ସଭାପତି ଡଃ. ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସ୍ୱଚ୍ଛ ଭାରତ ସଭାନେତ୍ରୀ ଇନ୍ଦୁମତୀ ପୁରୋହିତ, ଡ଼ା. ସରୋଜ ପଟେଲ, ପ୍ରତାପ ଦାଶ, ବନପାଳ ଭକ୍ତବନ୍ଧୁ ମିଶ୍ରଙ୍କ ସମେତ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଦୟାନିଧି ସେଠୀ, ପ୍ରଦୀପ ପୁରୋହିତ, ବିଭୂତି ଶତପଥୀ, ପ୍ରଶାନ୍ତ ସାହୁ, ନିରଞ୍ଜନ ତ୍ରିପାଠୀ, ସୁବାଷ ଧରୁଆ, ଅମର ଭୁତ, ନରେଶ୍ ଅଗ୍ରୱାଲ, ସୁରେଶ ମେହେର ପ୍ରମୁଖ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ । ଯୋଗୀ ଶ୍ରୀ ମୃତ୍ୟୁଞ୍ଜୟ ଦାସ ନିଜ ପେନସନ ଟଙ୍କା ରେ ଏଇ ମିଶନ ଆରମ୍ଭ କରି ଥିବାରୁ ଓ ସୋନପୁର ବନ ବିଭାଗ ର କଠିନ ପରିଶ୍ରମ, ଯତ୍ନ,ଓ ଏହାର ରକ୍ଷଣା ବେକ୍ଷଣର ସମ୍ପୂର୍ଣ୍ଣ ସହଯୋଗ ପାଇଁ ସଂକଳ୍ପ ନେଇଥିବାରୁ ସହରର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି ।

# ଆରଏସପି ଦୁର୍ଘଟଣାକୁ ନେଇ ଶ୍ରମ କମିଶନରଙ୍କ ଚିଠି: ଶୀଘ୍ର ଜଣାଅ କଣ ହୋଇଛି

ରାଉରକେଲା, ୩୦/୦୯ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାରେ ଗତକାଲି ହୋଇଥିବା ଭୟଙ୍କର ଦୁର୍ଘଟଣା ସଂପର୍କରେ ମିଡିଆରୁ ଖବର ପାଇ ରାଜ୍ୟ ଶ୍ରମ ବିଭାଗ ତାଙ୍କ ଅଫିସରୁ ରାଉରକେଲା ଡିଏଲସିକୁ ଚିଠି କରିବା ସହ ଏହି ଦୁର୍ଘଟଣା ବିଷୟରେ ସବିଶେଷ ତଥ୍ୟ ମାଗିଥିବା ଜଣାପଡିଛି । ଗତକାଲି ଭୁବନେଶ୍ୱରରୁ ହୋଇଥିବା ଚିଠି ଅନୁଶାରେ, ଆରଏସପିର କେଉଁଠାରେ ଦୁର୍ଘଟଣା ହୋଇଛି, କିଭଳି ହୋଇଛି, ଦୁର୍ଘଟଣାର କାରଣ କଣ, କେତେ ଶ୍ରମିକ ଆହତ ହୋଇଛନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଣ, ସେମୋନେ କେଉଁଠି ଅଛନ୍ତି, ସେମାନେ କିଏ, ତାଙ୍କର କି ପ୍ରକାର କାମ ସେଠାରେ ଥିଲା, କାମ ସମୟରେ ସବୁ ପ୍ରକାର ସୁରକ୍ଷା ନିଆଯାଇଥିଲା କି ନାହିଁ, ସେମାନେ କେତେ ଦରମା ପାଆନ୍ତି, ସରକାରଙ୍କ ଘୋଷଣା ଅନୁଶାରେ ସେମାନେ ସୁବିଧା ସୁଯୋଗ ପାଆନ୍ତି କି ନାହିଁ, ପ୍ରଶାସନ ପକ୍ଷରୁ ସେମାନଙ୍କୁ କି ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି । ଏହି ଭଳି ନାନା ପ୍ରଶ୍ନ ସହ ବିସ୍ତୃତ ତଥ୍ୟ ଜାଣିବା ଲାଗି ରାଜ୍ୟ ଶ୍ରମ କମିଶନର ରାଉରକେଲା ଶ୍ରମ ବିଭାଗକୁ ଚିଠି କରି ତୁରନ୍ତ ସମସ୍ତ ତଥ୍ୟ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ରାଜ୍ୟ ଫାକ୍ଟ୍ରି ବୟଲର ବିଭାଗ ମଧ୍ୟ ଏହିଭଳି ନାନା ପ୍ରଶ୍ନ ସହ ସୁରକ୍ଷା କେଉଁଠାରେ ଢିଲା ଥିଲା, ସମସ୍ତ ଆଇନକୁ ଆରଏସପି ମାନିଥିଲା କି ନାହିଁ, ଏହି ଦୁର୍ଘଟଣାରେ କାହାର କିପ୍ରକାର ଭୁଲ ଥିଲା, ଏହିଭଳି ନାନା ତଥ୍ୟ ଜାଣିବାକୁ ସ୍ଥାନୀୟ ଫାକ୍ଟ୍ରୀ ବୟଲର ବିଭାଗକୁ ରିପୋର୍ଟ ତଲବ କରାଯାଇଥିବା ଖବର ମିଳିଛି । ତେବେ ଆରଏସପି ଏହି ଦୁର୍ଘଟଣା ସଂପର୍କରେ ପଦେ ହେଲେ ମୁହଁ ଖୋଲି ନଥିବା ବେଳେ କିଏ କହୁଛି ତରଳ ଲୁହା ଓ ଗରମ ପାଣିରେ ୫ ଜଣ ଆହତ ହୋଇଛନ୍ତି ଆଉ କିଏ କହୁଛି କନଭର୍ଟର ଫାଟି ଜିବାରୁ ବିଶାକ୍ତ ଗ୍ୟାସ ସେମାନଙ୍କୁ ପୋଡି ପକାଇଲା । ସେ ଯାହା ବି ହେଉନା କାହିଁକି ଦୁର୍ଘଟଣା ସବୁବେଳେ ଦୁର୍ଘଟଣା, ଆଧୁନିକ ଯୁଗରେ ଏତେ ପ୍ରକାର ସୁବିଧା ସୁଯୋଗ ଆସିବା ପରେ ମଧ ଆରଏସପିରେ ଏଭଳି ଦୁର୍ଘଟଣା ହେବାକୁ ବହୁ ପୁରାତନ କାରଖାନା ସୁରକ୍ଷା ଅଧିକାରୀ ମାନେ ଗ୍ରହଣ କରିପାରୁ ନାହାନ୍ତି । ସେମାନଙ୍କ ଭିତରେ ଥିବା ଅବସରପ୍ରାପ୍ତ ଫାକ୍ଟ୍ରୀ ବୟଲର ଅଧିକାରୀଙ୍କ କହିବା କଥା, ରାଜ୍ୟ ସରକାରଙ୍କର ଫାକ୍ଟ୍ରୀ ବୟଲର ବାବୁ ଆଦୌ ଏହି କାରଖାନା ଉପରେ ନଜର ଦେଉନାହାନ୍ତି ତେଣୁ ଏଭଳି ଘଟୁଛି । ଅନ୍ୟ ପଟେ କିଛି ପୁରାତନ ଶ୍ରମିକ ନେତା କହୁଛନ୍ତି, ଯେଉଁଠି ପ୍ରାୟ ୪୦ ହଜାର ନିୟମିତ ଶ୍ରମିକ ଥିଲେ ସେଠି ସେମାନଙ୍କ ସଂଖ୍ୟା ମାତ୍ର ୯ ହଜାର, କିଛି ଜାଣି ନଥିବା ଠିକା ଶ୍ରମିକ ମାନଙ୍କୁ ନେଇ ଠିକାଦାର ମାନେ କାମ କରୁଛନ୍ତି , ଏତେ ବଡ ପ୍ଲାଣ୍ଟ ଚଳାଯାଉଛି କେବଳ ଠିକାଦାର ଓ ସେମାନଙ୍କ କର୍ମଚାରୀ ମାନଙ୍କ ଭରଷାରେ, ଶ୍ରମିକ ମାନଙ୍କର କିଛି ହୋଇଗଲେ ତାଙ୍କ ପରିବାର ପାଉଥିବା କ୍ଷତିପୂରଣ ସମୁଦ୍ରକୁ ଶଂଖେ । ଏସବୁ ସମସ୍ୟାକୁ ନେଇ ଶ୍ରମିକ ସଙ୍ଗଠନ ମାନଙ୍କ କାର୍ଯ୍ୟ କେତେ ତାହା ସହରବାସୀ ଓ ବୁଦ୍ଧିଜୀବି କହିବେ । ସବୁ କଥାକୁ ଛାଡି ଦେଲେ କାରଖାନାର ମୁଖ୍ୟ ଯଦି ଦୁର୍ଘଟଣା ଓ ଏଭଳି କାରବାର ଉପରେ ଦୃଷ୍ଟି ରଖନ୍ତେ ତେବେ ଅନେକ ସୁଧାର ହୋଇପାରନ୍ତା, କିନ୍ତୁ ତାଙ୍କର କାର୍ଯ୍ୟକଳାପ ମଧ ଆଦୌ ସନ୍ତୋଷଜନକ ନୁହେଁ ତେଣୁ ବିଜେପିର ଉଭୟ ସରକାର ଆରଏସପିର ନୂଆ କାରଖାନା କରିବା ଆଗରୁ ଏଠାରେ ଥିବା ସମସ୍ୟାକୁ ସମାଧାନ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

# ନାଳରେ ବୁଡି ଛେଳି ଚରାଳୀ ମୃତ

ଘଟଗାଁ , ୩୦/୦୯ (ନି.ପ୍ର): ରବିବାର ନାଳରେ ବୁଡିଯାଇ ଜଣକର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ହେଲେ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଥାନା ଅନ୍ତର୍ଗତ ଗୁଳାବନ୍ଧ ଗ୍ରାମ ର ଅଜୟ ନାଇକ (୪୦) ସେ ଶୁକ୍ରବାର ଦିନ ଗ୍ରାମରୁ ଛେଳି ଚରାଇବା ପାଇଁ ତରଡିଆ ନାଳ ନିକଟକୁ ଯାଇଥିଲା ସେଠାରେ ଶୌଚ କରିବା ପାଇଁ ଯାଇଥିବା ବେଳେ ନାଳରେ ଅଧିକ ପାଣି ଆସିଥିବା କାରଣରୁ ସେଠାରେ ସେ ବୁଡିଯାଇ ଥିଲା ସଂନ୍ଧ୍ୟା ହେବାରୁ ପରିବାର ଲୋକେ ଖୋଜା ଖୋଜି କହିଥିଲେ ମଧ ପାଇନଥିଲେ । ରବିବାର ସକାଳୁ ତରଡିଆ ନାଳ କୂଳରେ ଏକ ଶବ ଭାସୁଥିବା ଖବର ପାଇବା ପରେ ଅଜୟର ପରିବାର ଲୋକ ପହଂଚି ପୁଲିସ କୁଖବର ଦେଇଥିଲେ । ଆନନ୍ଦପୁର ପୋଲିସ ଙ୍କ ସହଯୋଗରେ ଶବକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ କୁ ବ୍ୟବଛେଦ ପାଇଁ ଆଣିଥିବା ବେଳେ ଉକ୍ତ ଶବ କୁ ପୁଲିସ ଶବ ବ୍ୟବଛେଦ କରି ପରିବାର କୁ ହସ୍ତାନ୍ତର କରିଛନ୍ତି ।

# ଶିକ୍ଷା ସ୍ୱାସ୍ଥ୍ୟ ଆମ ସରକାରଙ୍କ ପ୍ରାଥମିକତା : ସାଂସଦ, ପଡିଆରେ ନୂତନ ମେଡିକାଲର ଉଦ୍‌ଘାଟନ

ମାଲକାନଗିରି, ୩୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାର ସୀମାବର୍ତ୍ତୀ ପଡିଆ ବ୍ଲକରେ ନୂତନ ଭାବେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଜି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଉଦଘାଟନ କରିଛନ୍ତି ।ଏଥିପାଇଁ ଆଜି ସକାଳୁ ନୂତନ ମେଡିକାଲ କୋଠାକୁ ସୁସଜ୍ଜିତ କରାଯିବା ସହ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, କର୍ମଚାରୀ ଓ ଆଶା ଦିଦି ଙ୍କ ଭିଡ ଦେଖିବାକୁ ମିଳିଥିଲା । ପ୍ରଥମେ ସାଂସଦ ଶ୍ରୀ ମାଝୀ ଓ ମାଲକାନଗିରି ବିଧାୟକ ନରସିଂହ ମାଡକାମିଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଧନେଶ୍ୱର ପାତ୍ର, ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ଦାସ, ବିପିଏମ ମହାନନ୍ଦ ମିସ୍ତ୍ରୀ, ସ୍ଥାନୀୟ ଆଶା ଓ ଏଏନଏମ କର୍ମୀ ମାନଙ୍କ ପକ୍ଷ୍ୟରୁ ନୂତନ ମେଡିକାଲ ପରିସରରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହାପରେ ସାଂସଦ ଶ୍ରୀ ମାଝୀ ନୂତନ ମେଡିକାଲ କୋଠା ନିମନ୍ତେ ଫଳକ ଉନ୍ମୋଚନ କରିବା ସହ ଫିତା କାଟି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହାପରେ ଅୟୋଜିତ ସଭାରେ ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ହିଁ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ସାଂସଦ ଶ୍ରୀ ମାଝୀ ନିଜ ଉଦବୋଧନରେ କହିଛନ୍ତି । ଅନ୍ୟପଟେ ସକାଳୁ ସାଂସଦ ଶ୍ରୀ ମାଝୀ ଓ ମାଲକାନଗିରି ବିଧାୟକ ପ୍ରଥମେ ପଡିଆ ସ୍ଥିତ ଆଂଚଳିକ ମହାବିଦ୍ୟାଳୟକୁ ଯାଇ ସେଠାରେ ଥିବା ସହିଦ ତାମା ଦୋରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ କଲେଜ ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହାପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ତଥା ଦୃଢ଼ମନା ହେବାକୁ କହିଥିଲେ । ଏହାପରେ କଲେଜର ଅଧକ୍ଷ ପରମାନନ୍ଦ ମହାପାତ୍ର ସମେତ ଅନ୍ୟାନ୍ୟ ଜନ ପ୍ରତିନିଧି ଙ୍କ ଉପସ୍ଥିତରେ କଲେଜର ଭିତ୍ତିଭୂମି ସମୀକ୍ଷା କରିବା ସହ ଆଗାମୀ ଦିନରେ ହଷ୍ଟେଲର ଉନ୍ନତିକରଣ ଦିଗରେ ଦୃଷ୍ଟି ଦିଆଯିବା ନେଇ ଆଶ୍ୱସନା ଦେଇଥିଲେ ।

# କୁଶଙ୍ଗାଇ ଶକ୍ତି ପୀଠରେ ଷୋହଳ ପୂଜା

ବଲାଙ୍ଗିର, ୩୦/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କୁଶଙ୍ଗ ଗ୍ରାମରେ ରହିଛି ମାଁ କୁଶଙ୍ଗାଇ ଙ୍କ ପ୍ରାଚୀନ ପୀଠ । ହଜାରେ ବର୍ଷ ପୁରୁଣା ଏହି ଦେବୀ ପୀଠରେ ରୀତିନିତି ଅନୁସାରେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ (ପୁଅଜିଉଁତିଆ) ତିଥି ଠାରୁ ମାଁ ଙ୍କର ଖଣ୍ଡା ବସା ଯାଇ ଷୋହଳ ପୂଜା ଆରମ୍ଭ ହୋଇଯାଇଛି । ଏହି ଷୋହଳପୂଜା ଚଳିତ ମାସ ମହାଷ୍ଟମୀ ତିଥି ପର୍ଯ୍ୟନ୍ତ ଚାଲିବ । ଷୋଡଶ ଉପଚାରରେ କୁଶଙ୍ଗାଇ ଦେବୀଙ୍କର ଶାରଦୀୟ ପୂଜା ନିଷ୍ଠାର ସହିତ ଅନୁଷ୍ଠିତ ହୋଇଥାଏ । ମନ୍ଦିର ପରିସର ରେ ଭାଗବତ ପାରାୟଣ, ସନ୍ଧ୍ୟାରେ ଭଜନ, କିର୍ତ୍ତନ ଏବଂ ମାଁ ଙ୍କର ପୂଜାବିଧି ଯଥା ରୀତି ଅନୁସାରେ ଅନୁଷ୍ଠିତ ହେଉଛି । ଏହି ଶାରଦୀୟ ପୂଜା ସମୟରେ ଦୂର ଦୂରାନ୍ତରୁ ଭକ୍ତମାନେ ମାଁ ଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ପାଇଁ ଆସିଥାନ୍ତି । କୁଶଙ୍ଗାଇ ଦେବୀଙ୍କର ସେବାୟତମାନେ ନିଷ୍ଠାର ସହିତ ସେବାପୂଜା କରିଥାନ୍ତି । ମନ୍ଦିର ପରିସର ଢୋଲ, ନିଶାନ, ମହୁରୀ ବାଦ୍ୟରେ ମୁଖରିତ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ । ଏହି ଷୋହଳପୂଜା ସମୟରେ କୁଶଙ୍ଗାଇ ଦେବୀଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା ତଥା ପୀଠରେ ଚଣ୍ଡିପାଠ କଲେ ପୂଣ୍ୟଫଳ ମିଳେ ଏବଂ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି । ଆଦ୍ୟାଶକ୍ତି ମହିମାମୟୀ କୁଶଙ୍ଗାଇ ଦେବୀ ଙ୍କ ମହିମା କେଉଁ ଆବହମାନ କାଳରୁ ବଲାଙ୍ଗିର ଜିଲ୍ଲାରେ ପ୍ରସିଦ୍ଧି ରହିଛି । ଏହା ଏକ ପ୍ରସିଦ୍ଧ ତନ୍ତ୍ର ପୀଠ ଭାବରେ ମଧ ପୂର୍ବରୁ ଖ୍ୟାତି ରହି ଆସିଛି । ଚଳିତ ଷୋହଳପୂ ସମୟରେ ବରିଷ୍ଠ ପୂଜକ ଲୋକନାଥ ଦେହେରୀଙ୍କ ପରୁଆଁ (ଜ୍ୟେଷ୍ଠ) ପୁଅ ଦେବଦତ୍ତ ଦେହେରୁଙ୍କୁ ପ୍ରଥମ କରରି ବଇଲ (ବରୁଆ) ଭାବରେ ଅଧିଷ୍ଠିତ କରାଯିବ । ପ୍ରକାଶ ଥାଉକି ଦେହେରୀ ପରିବାରର ବଂଶାନୁକ୍ରମିକ ଓ ପରଂପରା ଭାବରେ ଜ୍ୟେଷ୍ଠ ପୁତ୍ର କୁଆଁର ବା ଅବିବାହିତ ସମୟର ରେ ଏହି ବଇଲ ବସାଯାଇଥାଏ । ଏହି ବଇଲବସା ପର୍ବ ପ୍ରାୟ ୪୦ ବର୍ଷ ଅନ୍ତରରେ ଥରେ ଦେଖିବାର ସୁଯୋଗ ମିଳିଥାଏ । ତେଣୁ ନୁଆଁ ବଇଲ ଆସନ୍ତା ଆଶ୍ୱିନ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେବାର ସ୍ଥିରିକୃତ ହୋଇଛି । ମାଁ ଙ୍କର ଷୋହଳ ପୂଜାର ଅନ୍ତିମ ତିଥି ମହାଷ୍ଟମୀ ରିତିରେ ସର୍ବ ସାଧାରଣଙ୍କ ଦର୍ଶନ ନିମନ୍ତେ ବଇଲଯାତ୍ରା ଅନୁଷ୍ଠିତ ହେବ । କୁଶଙ୍ଗାଇ ଦେବୀଙ୍କର ଷୋହଳ ପୂଜା ମନ୍ଦିର କମିଟି, ଗ୍ରାମବାସୀ ତଥା ସେବାୟତମାନଙ୍କ ସହଯୋଗରେ ମହାଆଡମ୍ବର ରେ ସଂପାଦିତ ହୋଇଥାଏ । ତେଣୁ ଏହି ଶାରଦୀୟ ପୂଜା ଅବସରରେ ଚଳଚଂଚଳ ହୋଇ ଉଠେ କୁଶଙ୍ଗାଇ ମନ୍ଦିର ପରିସର । କୁଶଙ୍ଗାଇ ମନ୍ଦିର ପରିସରରେ ଥିବା କୁଶଳେଶ୍ୱର ମୁନ୍ଦିର ବୁଢାରଜା ମନ୍ଦିର, ଗଣେଶ ମନ୍ଦିର, ଖମ୍ବେଶ୍ୱର ମନ୍ଦିର ଏବଂ ହନୁମାନ ମୁର୍ତ୍ତି ରହିଛି । ଉକ୍ତ ଦେବା ଦେବୀଙ୍କର ମଧ ପୂଜାର୍ଚ୍ଚନା କରି ଦର୍ଶନାର୍ଥୀ ତଥା ଭକ୍ତମାନେ ସୌଭାଗ୍ୟ ମନେ କରନ୍ତି । କୁଶଙ୍ଗାଇ ଦେବୀ ପୀଠ ଏକ ପ୍ରଚୀନ ପୀଠ ହୋଇଥିବାରୁ ଭକ୍ତଉପାସକ ବହୁ ସଂଖ୍ୟାରେ ଏହି ଶକ୍ତିପୀଠ କୁ ଆସି ଏହି ସମୟରେ ଦର୍ଶନ କରିଥାନ୍ତି ।

# ସିପିଆଇର ଦୁଇ ଦିନିଆ ସାଂଗଠନିକ କର୍ମଶାଳା ଉଦ୍‌ଯାପିତ ଶତବାର୍ଷିକୀ ପାଳନ ପାଇଁ ଖସଡ଼ା ପ୍ରସ୍ତୁତ

ଜୟପୁର , ୩୦/୦୯ (ନି.ପ୍ର): ସିପିଆଇ କୋରାପୁଟ ଜିଲ୍ଲା ଓ ମାଲକାନଗିରି ଜିଲ୍ଲା ପରିଷଦ ର ଶାଖା , ଜୋନ୍ ଓ ଜିଲ୍ଲା ପରିଷଦ ସଭ୍ୟ ମାନଙ୍କୁ ନେଇ ଦୁଇ ଦିନିଆ ସାଂଗଠନିକ କର୍ମଶାଳା ଶ୍ରୀ ରାମକୃଷ୍ଣ ଦାସ ଙ୍କ ସଭାପତିତ୍ୱରେ ସହୀଦ୍ ଭଗତ୍ ସିଂ ଙ୍କ ଜୟନ୍ତୀ ଦିବସ ୨୮ ସେପ୍ଟେମ୍ବର ରେ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ରେ ଆରମ୍ଭ ହୋଇଥିଲା । ରାଜ୍ୟ ସମ୍ପାଦକ ଶ୍ରୀ ଆଶିଷ କାନୁନଗୋ ଉଦଘାଟନ କରି କହିଛନ୍ତି ଯେ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତାର ଶହେ ବର୍ଷ ପୂର୍ତ୍ତି ଉତ୍ସବ ଆସନ୍ତା ଡିସେମ୍ବର -୨୬ ରୁ ଆରମ୍ଭ ହୋଇ ୨୦୨୫ ରେ ସମାପନ ହେବ । ଏଥିପାଇଁ ନଭେମ୍ବର ସାତ ତାରିଖରୁ ସବୁ ଶାଖାରେ ଲାଲ୍ ପତାକା ଉତ୍ତୋଳନ କରି ସଭ୍ୟ ନବୀକରଣ ସହ ନୂତନ ସଭ୍ୟ ସଂଗ୍ରହ ଅଭିଯାନ କୁ ତ୍ୱରାନ୍ୱିତ କରାଯିବ । ଡିସେମ୍ବର - ୨୬ ରେ ସମସ୍ତ ପାର୍ଟି ସଭ୍ୟ ଘରେ ଲାଲ୍ ପତାକା ଉଡେଇବା ସହ ଶାଖାରେ ସଭା ଶୋଭାଯାତ୍ରା ଆୟୋଜନ କରିବେ । ମହାନ୍ ସମାଜ ବିଜ୍ଞାନୀ ଦାର୍ଶନିକ କାର୍ଲ୍ ମାର୍କସ୍ , ଏଙ୍ଗେଲ୍ସ ଓ ଲେନିନ୍ ଶିକ୍ଷା କୁ ପାଥେୟ କରି ସମାଜବାଦ ପ୍ରତିଷ୍ଠା ପାଇଁ ଆନ୍ଦୋଳନ କରି କମ୍ୟୁନିଷ୍ଟ ପାର୍ଟି ଶହେ ବର୍ଷ ପୁର୍ତ୍ତି କରିବାକୁ ଯାଉଛି । ଠିକ୍ ସେତିକି ବେଳେ ଆର୍ ଏସ୍ ଏସ୍ ମଧ ଶହେ ବର୍ଷ ପୂର୍ଣ୍ଣ କରିବ । ବାସ୍ତବ ସତ୍ୟ ହେଉଛି ଆର୍ ଏସ୍ ଏସ୍ ନିତୀ ରେ ପରିଚାଳିତ ବିଜେପି ଶାସନ କ୍ଷମତା ଦଖଲ କରିଥିବା ବେଳେ କମ୍ୟୁନିଷ୍ଟ ମାନଙ୍କ ସଂଖ୍ୟା ସର୍ବକାଳୀନ ନିମ୍ନ ସ୍ତରକୁ ଖସିଛି । ସମାଜବାଦ ଓ ଧର୍ମନିରପେକ୍ଷତା ର ରକ୍ଷା ହେବ ନା ମନୁବାଦୀ ଅନ୍ଧବିଶ୍ୱାସ ବିଚାର ଧାରା ଶାସନକୁ କବଳିତ କରିବ ଏହି ବିଚାରଧାରା ର ସଂଘର୍ଷ ରେ କମ୍ୟୁନିଷ୍ଟ ମାନଙ୍କୁ ଦୃଢ଼ତାର ସହ ଛିଡା ହେବାକୁ ହେବ ଏବଂ ସେଥିପାଇଁ ପାର୍ଟି ର ଜାତୀୟ ଓ ରାଜ୍ୟ ନେତୃତ୍ୱ ଯେଉଁ ନିତୀ ନିର୍ଦ୍ଧାରିତ କରିଛନ୍ତି ତାକୁ ଅନୁପାଳନ କରି ଜନସାଧାରଣଙ୍କ ନିକଟକୁ ଯିବାକୁ ହେବ । ଶ୍ରୀଲଙ୍କା ରେ କମ୍ୟୁନିଷ୍ଟ ରାଷ୍ଟ୍ରପତି ନିର୍ବାଚିତ ହେବା ଆମ ପାଇଁ ପ୍ରେରଣା । ସାମ୍ପ୍ରଦାୟିକ ହିଂସା ଘୃଣା ବଢ଼ି ଚାଲୁଥିବା ବେଳେ ମୋଦୀ ସରକାର ଙ୍କ ନିତୀ ଦେଶର କତିପୟ ପୁଞ୍ଜିପତି ଙ୍କୁ ସକଳ ସମ୍ପଦର ଅଧିକାରୀ କରିଛି । ଦରଦାମ୍ ବୃଦ୍ଧି, ବେକାରୀ ବୃଦ୍ଧି ଉତ୍କଟ ହୋଇଛି । ଏଣୁ ଜନସାରଣ ନିତିଦିନିଆ ଜୀବନରେ ସମସ୍ୟା କୁ ନେଇ ଲଗାତାର ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟ ଏଆଇଟିୟୁସି ର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଜେନା କହିଛନ୍ତି ଯେ ମୋଦୀ ସରକାର ଆଣିଥିବା ଚାରୋଟି ଶ୍ରମ କୋଡ୍ ଶ୍ରମିକ ମାନଙ୍କ ସମସ୍ତ ଅଧିକାର କୁ କ୍ଷୁର୍ଣ୍ଣ କରିବ । ଏଆଇଟିୟୁସି ସେବା କାଗଜ କଳ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ କୁ ସଫଳ ହେବା ପର୍ଯ୍ୟନ୍ତ ସମର୍ଥନ କରିବ ଏବଂ ଏଥିପାଇଁ ରାଜ୍ୟ ସ୍ତରରେ ସରକାର ଙ୍କ ସହ ଆଲୋଚନା କରି ହସ୍ତକ୍ଷେପ ଲୋଡ଼ାଯାଇଛି । କୋରାପୁଟ ଓ ମାଲକାନଗିରି ଜିଲ୍ଲା ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ ଆନ୍ଦୋଳନ ର କାର୍ଯ୍ୟ କ୍ରମ ସ୍ଥିର ହୋଇଛି । ଆଲୋଚନା ରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ହଳଧର ପୂଜାରୀ,କୁମର ଜାନୀ, ପବନ ମହୁରିଆ,ଦୟାମଣୀ ଗୋଲରୀ, ସତ୍ୟବ୍ରତ ନନ୍ଦ,ବୁଦ୍ରା ବଡନାୟକ,ସୁନୀତା ନାଗ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଜଗନ୍ନାଥ ସାଗର, ସେବା କାଗଜ କଳ, ସ୍ଥାନୀୟ ନିଯୁକ୍ତି, ଏବଂ ଉଭୟ ଜିଲ୍ଲା ର ବିଭିନ୍ନ ସମସ୍ୟା ଉପରେ ପ୍ରସ୍ତାବ ପାରିତ କରି ୨୯ ତାରିଖ ମଧ୍ୟାହ୍ନ ରେ ସଭା ସମାପ୍ତି ହୋଇଛି ।

# ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା , ୩୦/୦୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ମହାଲକ୍ଷ୍ମୀ ପୂଜା କମିଟିର ପ୍ରସ୍ତୁତି ବୈଠକ ଗୁଲନଗର ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକେର ସଭାପତି ନିତ୍ୟାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱେର ଅନୁଷ୍ଠିତ ହୋଇଥିଲା । ସଭାପତିଙ୍କ ନିଷ୍ପତି କ୍ରେମ ଗଜଲକ୍ଷ୍ମୀ ପୂଜା କିପରି ସୂଚାରୁ ରୂପେ ହେବ କମିଟି ସଦସ୍ୟମାନଙ୍କ ମଧେ୍ୟର ଅଠାଲାଚନା ହୋଇଥିଲା । ଏହି ବୈଠକେର ପୂଜା ଉପଲେକ୍ଷ ବିଭିନ୍ନ କମିଟି ଗଠନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ମେଲଣ ଓ ଭସାଣୀ, ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱ ଆୟ ଓ ବ୍ୟୟ ଅଟକଳ ଉପେର ବିସ୍ତୃତ ରୂପେ ଆାଲାଚନା କରାଯାଇଥିଲା । ସମ୍ପାଦକ ଗେଣଶ କୁମାର ସାହୁ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ । ପ୍ରଶାସନର ନିଷ୍ପତି ଅନୁଯାୟୀ ସମସ୍ତ ପୂଜାକାର୍ଯ୍ୟ ସହ ମେଲଣ କାର୍ଯ୍ୟ ସୁରୁଖୁରୁେର କରିବା ପାଇଁ ଉପସଭାପତି ପ୍ରଦୀପ ସାହୁ ଅନୁେରାଧ କରିଥିଲେ । ଏହି ବୈଠକେର ସହସମ୍ପାଦକ ନିରଞ୍ଜନ ବାରିକ, କୋଷାଧକ୍ଷ ରେଜନ୍ଦ୍ର ଦାସ, ରାଜୁ କଟୁେର, ମାଗୁଣି ବେେହରା, ହେରକୃଷ୍ଣ ନାୟକ, ପ୍ରଶାନ୍ତ ସାହୁ ପ୍ରମୁଖ ଅଠାଲାଚନେର ଭାଗ ନେଇ ନିଜ ନିଜର ମତାମତ ଦେଇଥିଲେ । ଏହାପେର ସଦସ୍ୟମାନଙ୍କ ମଧେ୍ୟର ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବ ନ କରାଯାଇଥିଲା । ଏହି ବୈଠକେର ଗୁଲନଗର ପ ।ୟତର ସମସ୍ତ ସଦସ୍ୟମଠାେନ ଉପସ୍ଥିତ ଥିଲେ । ଶେଷେର ସଦସ୍ୟ ସନ୍ଦୀପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଦସ୍ୟ ସେରାଜ କୁମାର ସାହୁ, ଅଭୟ କୁମାର ଦାସ, ମାଗୁଣି ଚରଣ ସାହୁ, ପଶୁରାମ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରଜା ଆନ୍ଦୋଳନର ୮୬ ବର୍ଷ ପୂର୍ତ୍ତୀ ଉତ୍ସବ

ବଲାଙ୍ଗିର, ୩୦/୦୯ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ହାଇସ୍କୁଲ ପଡିଆ ରେ ପ୍ରଜା ଆନ୍ଦୋଳନର ୮୬ ବର୍ଷ ପୂର୍ତ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ପ୍ରଜା ଆନ୍ଦୋଳନର ସୂତ୍ରଧର ସ୍ୱାଧିନତା ସଂଗ୍ରାମୀ ଯୋଗେଶ୍ୱର କୁମୁରା ୧୯୩୮ ମସିହା ସେପ୍ଟେମ୍ବର ୨୯ ତାରିଖ ଦିନ ଚୁଡାପାଲି ଠାରେ ବ୍ରିଟିସ ସରକାର ତଥା ରାଜତନ୍ତ୍ର ବିରୁଦ୍ଧରେ ମହାପ୍ରଜାମେଳିର ଡାକରା ଦେଇଥିଲେ । ଏହାର ଉଦ୍ଦେଶ୍ୟ ଥିଲା ପ୍ରଜା, କୃଷକ, ଶ୍ରମିକ, ସାଧାରଣ ଜନତାଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ବେଠି, ଖଜଣା, ଶୋଷଣ, ଲୁଣ୍ଠନକୁ ରୋକିବା ଦିଗରେ ପ୍ରଥମ କରି ଶ୍ରୀ କୁମୁରାଙ୍କ ନେତୃତ୍ୱରେ ସ୍ୱର ଉଠିଥିଲା । ଯଦ୍ୱାରା ଚୁଡାପାଲିରୁ ଶହ ଶହ ହଳଗାଡିରେ ଏବଂ ଚାଲି ଚାଲି ପ୍ରଜାମାନେ ଆସି ବଲାଙ୍ଗିର ରେ ପ୍ରଜାମେଳି କରିଥିଲେ । ଯାହା ଆଜି ମଧ୍ୟ ବଲାଙ୍ଗିର ଇତିହାସରେ ଲିପିବଦ୍ଧ ହୋଇ ରହିଛି । ଏହି ଦିନଟିକୁ ସ୍ମରଣ କରିବା ପାଇଁ ସ୍ୱାଧିନତା ସଂଗ୍ରାମୀ ଯୋଗେଶ୍ୱର କୁମୁରା ସ୍ମୃତି କମିଟି ସଭାପତି ଲୋକନାଥ କୁମୁରା ଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ବରେଣ୍ୟ ଅତିଥି ଐତିହାସିକ ତଥା ସାଂସ୍କୃତିକ ଗବେଷକ ଡ. ଶିବ ପ୍ରସାଦ ନନ୍ଦ ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିଦ୍ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ , ଚୁଡାପାଲି ଯୁକ୍ତ ଦୁଇ ଅଧକ୍ଷ କିଶୋର କୁମ୍ଭାର, ସଂଗ୍ରାମୀ ପରିବାର ମାଧୁରୀ କୁମୁରା, ଚନ୍ଦ୍ରିକା କୁମୁରା, ଆଦ୍ୟାସ କୁମୁରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ତରଣୀସେନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ବକ୍ତବ୍ୟରେ ମାନ୍ୟବର ମନ୍ତ୍ରୀ ଏ ଅଂଚଳର ସାମୁହିକ ଉନ୍ନତି ପାଇଁ ଏଭଳି ଜଣେ ମହାନ ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ଏବଂ ଉତ୍ସବ ପାଳନ କରିବା ଦ୍ୱାରା ଅନେକ ଲୁକ୍କାୟିତ ତଥ୍ୟ ସାରା ବଲାଙ୍ଗିର ଜିଲ୍ଲା ପାଇଁ ଶିକ୍ଷଣୀୟ ବିଷୟବସ୍ତୁ ହୋଇ ରହିବ ଏବଂ ସରକାର ଆଗାମୀ ଦିନରେ ନିଶ୍ଚୟ ସଂସ୍କୃତି ବିଭାଗ ଏହି ଐତିହାସିକ ପୀଠକୁ ଉଚିତ ସମ୍ମାନ ଦେବ ବୋଲି ପ୍ରତିଶୃତି ଦେଇଥିଲେ । ଡ. ନନ୍ଦ ଙ୍କ ବକ୍ତବ୍ୟରେ ବଲାଙ୍ଗିର ଇତିହାସ ପୃଷ୍ଠାରେ ଶ୍ରୀ କୁମୁରା ଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଏଥି ପାଇଁ ସ୍ୱାଧିନତା ପୂର୍ବରୁ ତାଙ୍କ ନେତୃତ୍ୱରେ ବହୁ ଆନ୍ଦୋଳନ ହୋଇଥିଲା ଏବଂ ସ୍ୱାଧିନତା ପରେ ଲୋକଙ୍କୁ ନ୍ୟାୟ ଦେବା ପାଇଁ ନିର୍ବାଚନରେ ମଧ ଭାଗ ନେଇଥିଲେ । ଜିବନ ର ଶେଷ ପର୍ଯ୍ୟନ୍ତ ଲୋକଙ୍କ ସେବା ପାଇଁ ନିଜ ଜିବନଟିକୁ ଉତ୍ସର୍ଗ କରିଥିଲେ । କମିଟି ସଂପାଦକ ଶରତ ନନ୍ଦ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଚୁଡାପାଲି ହାଇସ୍କୁଲ, ଯୁକ୍ତ ଦୁଇ ବିଦ୍ୟାଳୟ, ଶିଶୁ ମନ୍ଦିର ର ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସାମାଜିକ କର୍ମୀ ଜୟକୃଷ୍ଣ ମିଶ୍ର, ଲମ୍ବୋଦର ପଟେଲ, ଅକ୍ଷୟ କୁମାର ଘିଭେଲା, ଶୁଶିଲ କୁମାର ବେହେରା, ବିଜୟ କୁମାର ନାହାକ, ମଦନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୁନିତା ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଣି ବାଘ ଆତଙ୍କ: ଷଣ୍ଢା ଡ୍ୟାମ୍‌ରେ ବୁଲୁଛି ମହାବଳ

ଖୋର୍ଦ୍ଧା, ୩୦/୦୯ (ନି.ପ୍ର): ପ୍ରାୟ ଏକ ମାସ ହେବ ଖୋର୍ଦ୍ଧା ବନଖଣ୍ଡ ଅଧିନ ବାଲୁଗାଁ ଓ ଟାଙ୍ଗୀ ବନାଚଂଳ ଅନ୍ତର୍ଗତ ବାଣପୁର ବ୍ଲକର ବରବରା ଓ ଶୂଳିଆ ଜଙ୍ଗଲରେ ଗୋଟିଏ ମହାବଳ ବାଘ ଘୁରି ବୁଲୁଛି । ତେବେ ଗତ ୨୧ ତାରିଖରେ ବାଘଟି ସଲପଡ଼ିହ ଗ୍ରାମର ଏକ ଷଣ୍ଢକୁ ମାରି ଖାଇଦେଇଥିବା ବେଳେ ବାଘକୁ କେହି ଦେଖି ନଥିଲେ ମଧ ପାଦ ଚିହ୍ନରୁ ମହାବଳ ବାଘର ଉପସ୍ଥିତି ସ୍ପଷ୍ଟ ହୋଇଥିଲା । ପୁଣି ଉକ୍ତ ବାଘଟି ଶୂଳିଆ ଜଙ୍ଗଲରୁ ଆସି ଗମ୍ଭାରୀମୁଣ୍ଡା ନିକଟସ୍ଥ ଷଣ୍ଢା ଡ୍ୟାମ ଅଂଚଳରେ ବୁଲୁଥିବାର ପାଦ ଚିହ୍ନରୁ ଜଣାପଡିଛି । ବାଲୁଗାଁ ବନାଚଂଳ ପଦ୍ମପୁର ସେକ୍ସନ ଅନ୍ତର୍ଗତ ଷଣ୍ଢା ଡ୍ୟାମ ନିକଟରେ ଥିବା ପ୍ରଦୀପ ସାମନ୍ତସିଂହାରଙ୍କ ଫାର୍ମ ହାଉସର ପୋଖରୀ ରାସ୍ତାରେ ବାଘର ପାଦଚିହ୍ନ ପଡ଼ିଥିବାର ଖବର ପାଇ ବନବିଭାଗ ଅଧିକାରୀମାନେ ତଦନ୍ତ କରିବା ପରେ ସ୍ପଷ୍ଟ କରିଛନ୍ତି । ତେବେ ଜଙ୍ଗଲରେ ମହାବଳ ବାଘ ବୁଲୁଥିବାର ଖବର ପ୍ରସାରିତ ହେବା ପରେ ଆଖପାଖ ଅଂଚଳର ଗ୍ରାମବାସୀ ଏବେ ଆତଙ୍କିତ ହୋଇପଡ଼ିଛନ୍ତି । ଏପରିକି ଜଙ୍ଗଲ ନିକଟରେ ଥିବା ଚାଷ ଜମିକୁ ଯିବାକୁ ଚାଷୀମାନେ ଭୟ କରୁଛନ୍ତି । ସ୍ଥାନୀୟ ଜଙ୍ଗଲରେ ମହାବଳ ବାଘ ବୁଲୁଥିବା ସ୍ପଷ୍ଟ ହେବା ପରେ ବନ ବିଭାଗ ପକ୍ଷରୁ ଟ୍ରାକ ଏବଂ ଡ୍ରୋନ୍ କ୍ୟାମେରା ଦ୍ୱାରା ବାଘର ଗତିବିଧିକୁ ଅନୁଧାନ କରାଯାଉଛି । ବିଭାଗୀୟ ଅଧିକାରୀମାନେ ଜଙ୍ଗଲ ମଧ୍ୟରେ ଫୁଟ ପାଟ୍ରୋଲିଂ ଚଳାଇଥିଲେ ମଧ ବାଘକୁ ଠାବ କରି ପାରିନାହାନ୍ତି । ଶୂଳିଆ ଜଙ୍ଗଲର ଡ୍ରୋନ୍ ଓ ଟ୍ରାକ୍ କ୍ୟାମେରା ହେଉ କି ବରବରା ଜଙ୍ଗଲରେ ଲାଗିଥିବା ଟ୍ରାକ୍ କ୍ୟାମେରାରେ ଏପର୍ଯ୍ୟନ୍ତ ବାଘର ଚିତ୍ର ଦେଖିବାକୁ ମିଳୁନାହିଁ । ଏକ ସପ୍ତାହ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ବାଘର ଗତିବିଧି କିମ୍ବା ବାଘକୁ ଠାବ କରିବାରେ ବନ ବିଭାଗ ବିଫଳ ହୋଇଛି । ବାଘକୁ ଶୀଘ୍ର କାବୁ କରି ନନ୍ଦନକାନନ ନେବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ । ତେବେ ବାଘ ଜଙ୍ଗଲରେ ବୁଲୁଛି, ଲୋକ କିଛି ଭୟଭୀତ ହେବାର ଆବଶ୍ୟକତା ନାହିଁ । ପାଦ ଚିହ୍ନ ଦେଖିବା ପରେ ବାଲୁଗାଁ ବନାଚଂଳର ଧୂଆଁନଳୀ ସେକ୍ସନ, ପଦ୍ମପୁର ସେକ୍ସନ ଓ ବାଲୁଗାଁ ଅଂଚଳରେ ୩ଟି ଦଳ ଫୁଟ ପାଟ୍ରୋଲିଂ କରୁଛନ୍ତି ।

# ବାରିପଦାରେ ଶ୍ରୀଗୁରୁ ଭାଗବତ ପାଲିଙ୍କି ଶୋଭାଯାତ୍ରା



ବାରିପଦା , ୩୦/୯ (ନି.ପ୍ର): ବଡବଜ଼ାର ସ୍ଥିତ 'ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ' ରୁ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ନଅ ଖଣ୍ଡ ଶ୍ରୀଗୁରୁ ଭାଗବତ ଗ୍ରନ୍ଥକୁ ଏକ ସୁସଜ୍ଜିତ ପାଲିଙ୍କିରେ ଶତାଧିକ ଭକ୍ତ ପାଲିଙ୍କି ଶୋଭାଯାତ୍ରା ରେ ବାହାରି ବଡବଜ଼ାର, ମା ଅମ୍ବିକା ମନ୍ଦିର, ବେଲଗାଡ଼ିଆ, ବାଘଘର ରାସ୍ତା ହୋଇକି ଭୁଗୁଡ଼ାକଟା ସ୍ଥିତ 'ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଭଂଜପୁର' ରେ ଶ୍ରୀଗୁରୁ ଭାଗବତ ପାରାୟଣ ସହ ସମାପ୍ତ ହୋଇଥିଲା । ଗୁରୁ ତତ୍ତ୍ୱ, ଗୁରୁ ପରମ୍ପରା ତଥା ଗୁରୁ ଶିଷ୍ୟର ସମ୍ପର୍କ ଆଦି ପୁରାତନ ସଂସ୍କୃତିକୁ ବଞ୍ଚାଇବା ଓ ଆଜିର ସମାଜରେ ଏହାର ଆବଶ୍ୟକତାକୁ ଦେଖି ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଏବେ ଓଡିଶାର ବିଭିନ୍ନ ସ୍ଥାନରେ ଗଢିଉଠିଲାଣି ଓ ବାରିପଦାରେ ମଧ ଗତ ଅଗଷ୍ଟ ୧୨ ତାରିଖରେ ଉକ୍ତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଦୁଇଟି ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ଉଦଘାଟିତ ହୋଇଥିଲା । ଏହି ଟୁଙ୍ଗୀରେ ପ୍ରତି ସନ୍ଧ୍ୟାରେ ଶ୍ରୀ ଗୁରୁ ଭାଗବତ ପରାୟଣ ସହ ଛୋଟ ଛୋଟ ପିଲାଙ୍କୁ ଛଉ ନାଚ, ସଂଗୀତ ଶିକ୍ଷା ସହ ତବଲା, ହରମୋନିୟମ ବାଦ୍ୟ ଯନ୍ତ୍ର ଚଳନର ଶିକ୍ଷା ଦିଆଯାଉଛି ।

# ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ



ମୟୁରଭଞ୍ଜ, ୩୦/୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ବାରିପଦା ସ୍ଥିତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଅଛି । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଲୋକ ନୃତ୍ୟ ପ୍ରତିଯୋଗିତା କୁ ଉଦଘାଟନ କରିବା ସହ କଳା ସଂସ୍କୃତି ଜିଲ୍ଲା ମୟୁରଭଞ୍ଜ ର ବିଭିନ୍ନ ଲୋକ ନୃତ୍ୟ ର ବିଶେଷତ୍ୱ ସମ୍ପର୍କ ରେ ଆଲୋକପାତ କରିଥିଲେ । ଅତିଥି ଭାବେ ଏମ. ପି. କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ତାପସ କୁମାର ନାଏକ ଓ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା ଯୋଗ ଦେଇଥିଲେ । କଣ୍ଟାପାଳ ହାଇସ୍କୁଲ ର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । କେ. ସି. ଏମ.,ବାଲିଡିହାର ପ୍ରଧାନଶିକ୍ଷକ ନଳୀନ କୁମାର ଚୌଧୁରୀ ଓ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୃତୀଶିକ୍ଷକ ଡ଼ ଶଶୀଧର ବିଶ୍ୱାଳ ଅତିଥିପରିଚୟ ପ୍ରଦାନ କରିଥିଲେ । ବିଚାରକ ଭାବେ ପ୍ରଧାନ ଶିକ୍ଷୟତ୍ରୀ ଆରତୀ ଟୁଡୁ, ନୃତ୍ୟ ନିର୍ଦ୍ଦେଶକ ଅନ୍ନଲା ମହାନ୍ତି ଓ ସୁଜିତ କୁମାର ମହାନ୍ତ ଯୋଗ ଦେଇଥିଲେ । ଶିକ୍ଷୟତ୍ରୀ ଅତସୀ କୁଣ୍ଡୁ,ଶିକ୍ଷକ ନୟନ ଗିରି, ବସନ୍ତ ଦତ୍ତ,ଦୀପକ ରାମ, ମନୋଜ କୁମାର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କୃତୀ ଦଳକୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ବହଳଦା ବିଇଓ ଶୁଭଶ୍ରୀ ସିଂହ ଯୋଗ ଦେଇଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ , ଦାନ୍ତିଆମୁହାଁ ପ୍ରଥମ , ବାରିପଦା ସ୍ଥିତ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ , ଓଏଭି , ମୋରଡା ତୃତୀୟ ସ୍ଥାନ ଅଧିକାର କରିଛି । ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବ ।

# ଭାରରେ ବୁହାହେଲେ ରୋଗୀ

ମାଲକାନଗିରି, ୩୦/୯ (ନି.ପ୍ର): ଭାରରେ ବୁହାହେଲେ ରୋଗୀ, ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଂଚାୟତର ରଥଗୁଡା ଗ୍ରାମରେ। କୋରୁକୋଣ୍ଡା ବ୍ଲକ ନିଲାକାମ୍ବେରୁ ପଂଚାୟତ ସାରିଆପାଲ୍ଲୀ ଗ୍ରାମରୁ ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଂଚାୟତର ଆରଏସସି-୧୦ କୁ ପାହାଡ଼ କାଟି ଏକ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ହୋଇଛି। ଏହି ସଡକଟି ନିର୍ମାଣ ହୋଇଛି ସତ, କିନ୍ତୁ ନିଲାକାମ୍ବେରୁ ପଂଚାୟତର ମନ୍ତ୍ରୀପୁଟ ଗ୍ରାମ ନିକଟରେ ଏକ ସେତୁ ନିର୍ମାଣ କାର୍ଯ୍ୟ କରାଯାଇନାହିଁ। ଯାହା ଫଳରେ ଏହି ବ୍ରିଜର କାର୍ଯ୍ୟ ହୋଇନଥିବା ଯୋଗୁଁ ଏହି ଝରଣା ଦେଇ ଲୋକେ କେବଳ ବାଇକରେ ହିଁ ଯାତାୟାତ କରିପାରୁଛନ୍ତି। ରାସ୍ତା କାମ ସମ୍ପୂର୍ଣ ହୋଇ ବି ଏହି ସେତୁ କାର୍ଯ୍ୟ ଆରଡି ବିଭାଗ ପକ୍ଷରୁ କରାଯାଉ ନଥିବାରୁ କୌଣସି ଚାରି ଚକିଆ ଯାନ କିମ୍ବା ଆମ୍ବୁଲାନ୍ସ ଗ୍ରାମକୁ ପହଂଚିପାରୁନାହିଁ। ତେଣୁ ବାଧ ହୋଇ ଗ୍ରାମର ଯଦି କାହାର ସ୍ୱାସ୍ଥ୍ୟବସ୍ଥା ଖରାପ ହୁଏ ତେବେ ଏହିପରି ଭାବେ ଭାରରେ ବୁହା ହୋଇ ରୋଗୀଙ୍କୁ ଆଣୁଛନ୍ତି। ପରେ ସେଠାରୁ ଆସି ଆମ୍ବୁଲାନ୍ସ ରୋଗୀଙ୍କୁ ମେଡିକାଲ ନେଇଯାଉଥିବା ଗ୍ରାମବାସୀ କହିଛନ୍ତି। ଆଜି ରଥଗୁଡା ଗ୍ରାମର ଡମ ପୂଜାରୀ(୫୦)ଙ୍କ ସ୍ୱାସ୍ଥ୍ୟାବସ୍ଥା ଭୀଷଣ ଖରାପ ହୋଇଥିଲା। ଆମ୍ବୁଲାନ୍ସ ଡାକି ଥିଲେ ଗାଁ ଲୋକେ, କିନ୍ତୁ ଆମ୍ବୁଲାନ୍ସ ଗାଁରେ ପହଂଚି ପାରି ନଥିଲା। ବାଧ ହୋଇ ଗ୍ରାମବାସୀମାନେ ଏକ ଭାର ସାହାଯ୍ୟରେ ଗାଁରୁ କିଛି ଦୂର ଚାଲିଚାଲି ଆସିବା ପରେ ନାଳ ପାର କରାଇ ଆମ୍ବୁଲାନ୍ସ ନିକଟରେ ଡମୁ ପୂଜାରୀଙ୍କୁ ପହଂଚାଇଥିଲେ। ସେଠାରୁ ତାଙ୍କୁ ବାଲିମେଳା ମେଡିକାଲକୁ ନିଆଯାଇଥିଲା । ତେବେ ତୁରନ୍ତ ଗ୍ରାମବାସୀ ଏହି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି।

# ଉଦ୍ଧାର ହେଲା ଏକ ଟନ୍ କଇଁଛ:୨ ଗିରଫ

ଚିତ୍ରକୋଣ୍ଡା, ୩୦/୯ (ନି.ପ୍ର): ପ୍ରଥମ ଥର ଚିତ୍ରକୋଣ୍ଡା ବନାଚଂଳ ପକ୍ଷରୁ ଉଦ୍ଧାର ହେଲା ଏକ ଟନ କଇଁଛ। ବଡ ସଫଳତା ମିଳିଛି ବନ ବିଭାଗକୁ। ଧରାପଡିଲେ ଆନ୍ତଃ ରାଜ୍ୟ କଇଁଛ ଚାଲାଣକାରୀ। ଆନ୍ଧ୍ର ପ୍ରଦେଶ ନରସିପାଟଣାରୁ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମଭି ୭୯କୁ କଇଁଛ ଚୋରା ଚାଲାଣ ପାଇଁ ଯାଉଥିବା ବେଳେ ଚିତ୍ରକୋଣ୍ଡା ସୀମାନ୍ତ ରାଜୁଲକୋଣ୍ଡା ଠାରେ ଜବତ କଲେ ରେଞ୍ଜର ଓ ବନ କର୍ମଚାରୀ।କଇଁଛ ଚାଲାଣ ପାଇଁ ଆସୁଥିବା ଏକ ବିଶେଷ ସୂତ୍ର ଖବର ପାଇ ଚିତ୍ରକୋଣ୍ଡା ରେଞ୍ଜର ବଳରାମ ନାୟକ, ବନପାଳ ନିରଞ୍ଜନ ସାରକା ଏକ ଟିମ ପ୍ରସ୍ତୁତ କରି ଓଡିଶା ଓ ଆନ୍ଧ୍ର ସୀମାନ୍ତ ରାଜୁଲକୋଣ୍ଡା ଠାରେ ଆଜି ସକାଳେ ଜଗି ରହିଥିଲେ । ଏହି ସମୟରେ ଏକ ମେକ୍ସ ପିକ ଅଫ ଗାଡି ନମ୍ବର ଏପି ୩୯ଏନ ଏସ ୧୫୬୬ ଦ୍ରୁତ ଗତିରେ ଓଡିଶା ଆଡେ ପ୍ରବେଶ କରୁଥିଲା ।ତାପରେ ଗାଡିଟିକୁ ଚେକିଂ ବେଳେ ସେଥିରେ ୩୫ଟି ବସ୍ତାରେ କଇଁଛ ଥିବା ଦେଖିବାକୁ ପାଇଥିଲେ । ଏହି ବସ୍ତାରେ ଥିବା ମୋଟ ଏକ ଟନ କଇଁଛ ଜବତ କରିବା ସହ ଏହି ଚୋରା ଚାଲାଣରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି ଚିତ୍ରକୋଣ୍ଡା ବନ ବିଭାଗ ।

# ପ୍ରଯୋଜକଙ୍କ ଦୁର୍ଗାପୂଜା ଭେଟି ଗୋଟିଏ ଫିଲ୍ମ ଦେଖିଲେ ଆଉ ଗୋଟେ ଫିଲ୍ମ ଟିକେଟ ଫ୍ରୀ

ଭୁବନେଶ୍ୱର, ୩୦/୯ (ନି.ପ୍ର): ଲୋକଙ୍କୁ ଆକୃଷ୍ଟ କରିବାକୁ ପ୍ରଯୋଜକଙ୍କ ନୂଆ ଉପାୟ । ଗୋଟିଏ ଟିକେଟରେ ଦର୍ଶକ ମାଗଣାରେ ଦେଖିବେ ଆଉ ଏକ ସିନେମା । ଚକ୍ର ନିର୍ଦ୍ଧାରଣ କରିବ ୪ ଟି ସିନେମା ଭିତରୁ କେଉଁ ଟିକେଟ ମିଳିବ ତେବେ ଅକ୍ଟୋବର ୪ ତାରିଖରେ ରିଲିଜ ହେଉଛି ସିନେମା 'ସନମ ତୁ ସୁହାନା' । ଏହି ଅବସରରେ ଆସନ୍ତା ୪ ରୁ ୬ ତାରିଖ ପର୍ଯ୍ୟନ୍ତ ସ୍ପିନ ଅଫର ଘୋଷଣା କରିଛନ୍ତି ପ୍ରଯୋଜକ ବିନି ପଟ୍ଟନାୟକ । ଦଶହରାରେ ତଥା ଅକ୍ଟୋବର ୯ ତାରିଖରେ ଆସୁଥିବା ଅନ୍ୟ ୪ ଟି ଫିଲ୍ମ କର୍ମ, ଭିଲେନ, ଖୋକାଭାଇ ତୁମ ପାଇଁ ଓ ଦୁର୍ଗା ସିନେମାକୁ ମଧ ସେ ନିଜ ଫିଲ୍ମ ମାଧମରେ ପ୍ରମୋସନ କରୁଛନ୍ତି । ଆଜି ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ବିନି ପଟ୍ଟନାୟକ ଏବଂ ମିଡିଆ ପ୍ଲାନର ପ୍ରଣୟ ଜେଠୀ ଉପସ୍ଥିତ ରହି ସବିଶେଷ ବର୍ଣ୍ଣନା କରିଛନ୍ତି । ତେବେ ଆଗାମୀ ୪ ରୁ ୬ ତାରିଖ ଭିତରେ ଯେଉଁ ଦର୍ଶକ 'ସନମ ତୁ ସୁହାନା' ସିନେମାର ଟିକେଟ କାଟି ଦେଖିବାକୁ ଆସିବେ ସେମାନେ ଏକ ସ୍ପିନ ଗେମ ଖେଳିବାର ସୁଯୋଗ ପାଇବେ । ଏହି ସ୍ପିନର ତଥା ଚକ୍ର ଘୁରାଇବା ଫଳରେ ଯେଉଁ ଫିଲ୍ମରେ ତୀର ଚିହ୍ନ ଅଟକିବ ସେହି ଫିଲ୍ମର ଟିକେଟ ମାଗଣା ମିଳିବ ବୋଲି ପ୍ରଯୋଜକ କହିଛନ୍ତି । ଏହି ଚକ୍ରରେ କର୍ମ, ଭିଲେନ, ଖୋକାଭାଇ ତୁମପାଇଁ ଓ ଦୁର୍ଗାର ୪ ଟି କ୍ଲକ୍ସସକ୍ସଭ ରହିବ କିନ୍ତୁ ଚକ୍ର ନିର୍ଦ୍ଧାରଣ କରିବ ଭାଗ୍ୟ । ଚକ୍ର ଯେଉଁଠି ଅଟକିବ ଓ ତୀର ଚିହ୍ନ ଅନୁସାରେ ଅନ୍ୟ ଫିଲ୍ମର ଟିକେଟ ପାଇବେ ଦର୍ଶକ । ଏହା ପାଇଁ କୌଣସି ଲିମିଟ ନାହିଁ ବରଂ ଗୋଟିଏ ଟିକେଟ ପିଛା ଅନ୍ୟ ଗୋଟିଏ ଟିକେଟର ବମ୍ପର ଅଫର ବୋଲି ସେ କହିଛନ୍ତି । ଅନ୍ୟ ପ୍ରଯୋଜକ ମାନଙ୍କ ସହ ଏ ବିଷୟରେ ଆଲୋଚନା ସରିଛି ସେମାନଙ୍କ ସହ ମିଳିତ ସହଯୋଗରେ ଏହି ଅଫର ଘୋଷଣା ହୋଇଥିବା ସେ ଜଣାଇଛନ୍ତି । ଏମିତି କରିବା ଫଳରେ ଲୋକମାନେ ତାଙ୍କ ଫିଲ୍ମ ସାଙ୍ଗକୁ ଅନ୍ୟ ଫିଲ୍ମ ଦେଖିବାର ସୁଯୋଗ ପାଇବେ ତା ସହ ଓଡ଼ିଆ ଫିଲ୍ମର ଲଢେଇ ନୁହଁ ବରଂ ଚଳିତବର୍ଷ ଦଶହରାରେ ଭାଇଚାରା ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି ।

# ୪ ପାଣି ପମ୍ପ ଚୋର ଗିରଫ : ୭ ପାଣିପାମ୍ପ ଓ କେବୁଲ ଉଦ୍ଧାର

ଭବାନୀପାଟଣା, ୩୦/୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ପାଣି ପମ୍ପ ଚୋରୀ ଘଟଣାରେ କେସିଙ୍ଗା ପୋଲିସ ଏହି ପାଣିପମ୍ପ ଚୋର ରେକେଟକୁ ଠାବ କରି ଆଜି ୪ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଲୁଟେରା ୪ ଜଣ ହେଲେ ବୋରିଙ୍ଗ ପଦରର ନେପାଳ ବନଛୋର, କ୍ଷୀର ସିନ୍ଧୁ ମାଝୀ, ଶେଖର ବନଛୋର ଓ କମେଶ୍ୱର ବନଛୋର। ଏମାନେ ବିଭିନ୍ନ କୂପ, ଗଭୀର ବୋର ୱେଲ ରୁ ଅନେକ ଦିନଧରି ପମ୍ପ ଓ କେବୁଲ ଚୋରୀ କରି ନେଉଥିଲେ। ଯାହାକି ପୋଲିସ ଏମାନଙ୍କର ଖବର ପାଇ ପାରୁନଥିଲା। ଏମାନେ ବହୁତ ଦିନରୁ ଚୋରୀ କରୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଏମାନଙ୍କୁ ଠାବ କରି ଗିରଫ କରିଛି। ଏମାନଙ୍କ ଠାରୁ ୭ଟି ଚୋରୀ ପମ୍ପ, କେବୁଲ ସବୁ ଉଦ୍ଧାର ହୋଇଛି। ଜିଲ୍ଲାର ବିଭିନ୍ନ ବ୍ଲକ ରେ ଏହି ରେକେଟ ର ଚେର ଲମ୍ବିଛି। ଗୁରୁତ୍ୱର ସହ ପୋଲିସ ତଦନ୍ତ କଲେ ଅଧିକ ତଥ୍ୟ ମିଳିପାରେ।

# ଆଦିବାସୀ ଗାଁ କଂଟାଝରୀ ଅବହେଳିତ: ଲୋକଙ୍କୁ ମିଳୁନି ମୌଳିକ ସୁବିଧା

ହରିଚନ୍ଦନପୁର, ୩୦/୯ (ନି.ପ୍ର): ଦେଶ ସ୍ୱାଧୀନତାର ଦିର୍ଘ ବର୍ଷ ପରେ ମଧ ସ୍ୱାଧୀନତାର ଅମୃତ ଚାଖି ପାରିନାହାଁନ୍ତି ଦୁର୍ଗମ ଅଂଚଳବାସୀ, ପ୍ରତି ମୂହୁର୍ତରେ ଜୀଉଁଛନ୍ତି ଅଭିଶପ୍ତ ଜୀବନ । କେବେ ମିଳିବ ସେମାନଙ୍କୁ ମୌଳିକ ସୁବିଧା, ସେ ନେଇ ଚାତକ ପରି ଚାହିଁ ରହିଛନ୍ତି। ଆମେ କହୁଛୁ କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧୁଷିତ ହରିଚନ୍ଦନପୁର ବ୍ଲକ ବରେଇଗୋଡା ପଂଚାୟତ ଅନ୍ତର୍ଗତ ତାଳପଦାର ଦୁର୍ଗମ 'କଂଟାଝରୀ' ସାହିର କଥା । ଏହି ପଂଚାୟତର ଦୁର୍ଗମ ବଡ଼ଜେମେଇର ଜୁଆଙ୍ଗ ଜନଜାତିମାନଙ୍କ ପାଖରେ ପହଂଚି ପାରୁନାହିଁ ସରକାରୀ ସୁବିଧା ସୁଯୋଗ । ଯାହା କେନ୍ଦୁଝର ଜିଲ୍ଲାର ନଗଡ଼ା ଭାବେ ପୂର୍ବରୁ ବେଶ୍ ପରିଚିତ। ତେବେ ହରିଚନ୍ଦନପୁର ଠାରୁ ଦୈତାରୀ ମାଇନ୍ସ ଯିବା ବାଟରେ ପଡ଼େ କଂଟାଝରୀ ସାହି, ଦୈତାରୀ ଖଣି ଠାରୁ ମାତ୍ର ଚାରି କିଲୋମିଟର ଦୂରରେ ରହିଛି ଏହି ସାହି । ହେଲେ ଆଜିବି ଏଠାରେ ଦେଖିବାକୁ ମିଳେନାହିଁ ବିକାଶର ପାଦ ଚିହ୍ନ । ପାନୀୟ ଜଳ, ଶିକ୍ଷା, ଗମନାଗମନ ସହିତ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧା ଏଠାରେ ଅପହଂଚ ହୋଇ ରହିଛି । ଏଠାରେ ଗମନାଗମନ ପାଇଁ ତାଳପଦା ଦୈତାରୀ ରାସ୍ତା ଠାରୁ ପାଖାପାଖି ଏକ କିଲୋମିଟର କଂଟାଝରୀ ପର୍ଯ୍ୟନ୍ତ ରାସ୍ତା ଏବଂ ପୋଲ ନିର୍ମାଣ ନିମନ୍ତେ ବ୍ୟୟବରାଦରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ସ୍ଥାନୀୟ ନାଳରେ ପୋଲ ନିର୍ମାଣ ହୋଇପାରିନାହିଁ ଯାହା ଫଳରେ ବର୍ଷା ହେଲେ ଉକ୍ତ ସାହି ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଥାଏ । ଲୋକେ ପିଡିଏସ୍ ସାମଗ୍ରୀ, ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା କିମ୍ବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ଆସିବା ପାଇଁ ଏଠାରେ ଜୀବନ ବାଜିରେ ଲାଗୁଥିବା ଦୃଶ୍ୟ ଦେଖିବାକୁ ମିଳେ । ରୋଗୀ କିମ୍ବା ଗର୍ଭବତୀ ମହିଳାମାନଙ୍କ କଥା ନ କହିବା ଭଲ, ନାଳ ପାର ହୋଇ ଆମ୍ବୁଲାନ୍ସ ପାଖରେ ପହଂଚିଲେ ଜୀବନ ବଂଚେ, ନଚେତ୍ ଜୀବନ ଯିବାଟି ନିଶ୍ଚିତ ବୋଲି ଦେଖିଲେ ଜାଣି ହେଉଛି । ସାହିରେ ନା ସ୍ୱଚ୍ଛ ପାନୀୟ ଜଳ, ଫଳରେ ପାଖ ନାଳରୁ ଚୂଆ କରି ବର୍ଷ ଯାକ ପାଣି ବ୍ୟବହାର କରିଥାନ୍ତି । ବର୍ଷା ହେଲେ ପାଣି ଗୋଳିଆ ହେଉଥିବା ବେଳେ ବାଧ ହୋଇ ସେହି ପାଣିକୁ ପିଇ ଜୀବନ ବଂଚାଇଥାନ୍ତି । ପୂର୍ବରୁ ଥିବା ଏକ ମାତ୍ର ନିର୍ଭର ଯୋଗ୍ୟ ନଳକୂପ, ଦିର୍ଘ ଦିନରୁ ଅଚଳ ହୋଇପଡିଛି, ନା ହେଉଛି ତାର ମରାମତି, ନା ନୂଆ ନଳକୂପ ଖନନ କରାଯାଉଛି । ଯାହା ଫଳରେ ପିଇବା ପାଣି ପାଇଁ ସାହିବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଅନେକ ସମୟରେ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ପୀଡିତ ହେଉଥିବାର ନଜିର ମଧ ରହିଛି । ବିଜୁଳି ଆଲୁଅ ଏମାନଙ୍କ ପାଇଁ ସାତସପନ ପାଲଟିଥିବା ବେଳେ ସଞ୍ଜ ନଇଁବା ମାତ୍ରେ ବନ୍ୟଜନ୍ତୁ ଭୟରେ ଘରର କବାଟ ପଡିଯାଏ । କେତେ ଗୁଡିଏ ସୋଲାର ଲାଇଟ ଛଡା ଆଉ କିଛି ନାହିଁ, କାହିଁ କେତେ କାଳରୁ ବିଦ୍ୟୁତ ଖୁଂଟ ପୋତା ଯାଇଛି ହେଲେ ବିଦ୍ୟୁତ ସଂଯୋଗ କେବେ ହେବ ତାହା କାହାକୁ ବର୍ତମାନ ପର୍ଯ୍ୟନ୍ତ ଜଣାନାହିଁ । ଗୋଟିଏ ପଟେ ରାଜ୍ୟ ସରକାର ଆଦିବାସୀମାନଙ୍କ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ଉପରେ ଯୋଜନା କରି ରାଜସ୍ୱ ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ ଏବେବି ଆଦିବାସୀମାନଙ୍କ ବିକାଶ ହୋଇପାରିନାହିଁ । ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି କାର୍ଯ୍ୟ କରୁଥିବା ବେଳେ ଦୈତାରୀ ଖଣିର ଛାତି ଉପରେ ଥିବା କଂଟାଝରୀ ଗାଁ ଖଣି ପ୍ରଭାବିତ ଅଂଚଳ ହୋଇଥିଲେ ମଧ ବିକାଶ ଶୂନ୍ୟ ହୋଇପଡିଛି । ତେବେ ସାହିବାସୀ ଏ ସମ୍ପର୍କରେ ବାରମ୍ବାର ଦୈତାରୀ ଓଏମସି କର୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳ ଏବଂ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଏଠାରେ ପହଂଚି ପାରିନାହିଁ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସାହି ବାସିନ୍ଦାଙ୍କ ସମେତ ଅଂଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଭରତପୁର ଥାନା ଘଟଣା: ସତ୍ୟପାଠ ...

ସଂପର୍କରେ ପ୍ରଥମେ ସତ୍ୟପାଠ ପାଇଁ ଆହ୍ୱାନ କରାଯିବ। ସତ୍ୟପାଠ ନେଇ ଆସନ୍ତାକାଲି ବିଜ୍ଞପ୍ତି ପ୍ରକାଶ କରାଯିବ। ଏହା ସହ ଆସନ୍ତାକାଲିଠାରୁ ୨୧ ଦିନ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ କରାଯିବ। ଘଟଣା ସଂପର୍କରେ ଯିଏ ଜାଣିଥିବେ ବା କହିବାକୁ ଚାହୁଁଥିବେ, ସତ୍ୟପାଠ ଦେବେ। ସତ୍ୟପାଠ ଆସିବା ପରେ ତାକୁ ଯାଞ୍ଚ କରାଯାଇ ତଦନ୍ତ ଆଗେଇବ। ସତ୍ୟପାଠ ଯାଞ୍ଚ ପରେ ସାକ୍ଷ୍ୟଗ୍ରହଣ ଆରମ୍ଭ କରାଯିବ ବୋଲି କହିଛନ୍ତି ଜଷ୍ଟିସ ସିଆର୍ ଦାସ କମିଶନଙ୍କ ସଚିବ। ଏହି ମାମଲାରେ ନିଲମ୍ବିତ ପୁଲିସ ଅଧିକାରୀମାନଙ୍କୁ ମଧ ପଚରାଉଚରା କରାଯିବ। ଏହା ସହ ଅନ୍ୟ ପକ୍ଷମାନଙ୍କୁ କମିଶନରେ ହାଜର ପାଇଁ ସମନ କରିବା ସହ ସାକ୍ଷ୍ୟଗ୍ରହଣ ଏବଂ ତଦନ୍ତ ପରେ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି କମିଶନଙ୍କ ସଚିବ। ଅନ୍ୟପକ୍ଷରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ନିଲମ୍ବିତ ଥାନାଧିକାରୀ ଆଇଆଇସି ଦୀନକୃଷ୍ଣ ମିଶ୍ର। ତାଙ୍କ ସହିତ ନିଲମ୍ବିତ ଏସଆଇ ବୈଶାଳିନୀ ପଣ୍ଡା, ଏଏସଆଇ ସଲିଲାମୟୀ ସାହୁ, ଏଏସ୍ ?ଆଇ ସାଗରିକା ରଥ ଓ କନଷ୍ଟେବଳ ବଳରାମ ହାଁସଦା ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି। ସେନା ଅଧିକାରୀ ଗୁରୁବଂଶ ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦେବା ଅଭିଯୋଗ ପରେ କ୍ରାଇମବ୍ରାଞ୍ଚ ଏହି ୫ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କନଷ୍ଟେବଳ ବଳରାମ ହାଁସଦାଙ୍କୁ ଛାଡ଼ି ଦେଲେ ଅନ୍ୟ ନିଲମ୍ବିତ ପୁଲିସ ଅଧିକାରୀମାନଙ୍କର ପଲିଗ୍ରାଫ ଟେଷ୍ଟ ହେବ। ସେଥିପାଇଁ ସେମାନେ ଗୁଜରାଟ ଯାଇଛନ୍ତି। ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ନାର୍କୋ ଆନାଲିସିସ ଓ ବ୍ରେନ୍ ମ୍ୟାପିଂ ଟେଷ୍ଟ ମଧ ହେବ।

### ସୁବର୍ଣ୍ଣଶ୍ରୀ ପ୍ରକାଶିନୀରୁ ...

ଏକ ସୂକ୍ଷ୍ମାତିସୂକ୍ଷ୍ମ ତର୍ଜମା ମଧରେ ତୁଳନାତ୍ମକ ଆଲୋଚନା କରିଥିଲେ। ଲେଖିକା ଶିକ୍ଷୟିତ୍ରୀ କମଳିନୀ କାସ୍ତ ତାଙ୍କ କବିତା ରଚନାର ଅନ୍ତରାଳରେ ଥିବା ତାଙ୍କ ପରଲୋକଗତ ପିତା ଆଡ଼ଭୋକେଟ ଅନିରୁଦ୍ଧ କାସ୍ତଙ୍କ ପ୍ରେରଣାକୁ ମନେପକାଇ ତାଙ୍କ ଚଲାପଥରେ ଅନୁଭବର ଶବ୍ଦମାନେ ନଈଟି ପରି ଆପଣାଛାଏଁ ବହିଆସି କଳକଳ ଛଳଛଳ ହୋଇ କବିତାରେ ରୂପାନ୍ତରିତ ହୋଇଥାନ୍ତି ବୋଲି କହିଥିଲେ। ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ପ୍ରକାଶକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ଡ. କାଳୀପଦ ପଣ୍ଡା ନିଜର ପ୍ରକାଶକୀୟ ବକ୍ତବ୍ୟରେ କବି କମଳିନୀଙ୍କ ୪୨ଗୋଟି କବିତା ମଧରେ ଥିବା ଅନ୍ତର୍ଚେତନା ପାଠକଙ୍କୁ ମୋହାବିଷ୍ଟ କରିବ ବୋଲି କହିଥିଲାବେଳେ ପ୍ରାରମ୍ଭରେ ମଞ୍ଚଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ପୁଣ୍ୟତୋୟା ପଣ୍ଡା। କବି କଲ୍ୟାଣୀ ନନ୍ଦ ଶ୍ଳୋକ ଆବୃତ୍ତି ଏବଂ ଆଡ଼ଭୋକେଟ ବିଜୟ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉନ୍ମୋଚିତ କବିତା ପୁସ୍ତକରୁ କବିତାପାଠ କରିଥିଲେ ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି ଓ ସବିତା ସାହୁ। ପରିଶେଷରେ ଆଡ଼ଭୋକେଟ ଦେବକାନ୍ତ କାସ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ସହରର ଶତାଧିକ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିଗଣ ଉପସ୍ଥିତି ହୋଇଥିଲେ।

### ଭୁବନେଶ୍ୱର ବିଜେଡି...

କାର୍ଯ୍ୟାନୁଷ୍ଠାନ ପାଇଁ । ପ୍ରଥମେ ଶଙ୍ଖ ଭବନ ପରେ ବିଏମ୍‌ସି କର୍ପୋରେସନକୁ ବର୍ଜନ ଆଉ ଆଉ ଏବେ ଗୋଟିଏ ବସରେ ଯାତ୍ରା । ଭୁବନେଶ୍ୱର ବିଜେଡି କଳି ବଢି ଧିରେ ଧିରେ ବିସ୍ଫୋରକ ରୂପ ଧାରଣ କଲାଣି । ୨୦୨୪ ନିର୍ବାଚନ ଟିକେଟ ବଣ୍ଟନ ବେଳେ ଅମରେଶ ଓ ବିରଞ୍ଚି ଟିକେଟ୍ ପାଇଁ ଲବି କରିଥିଲେ । ଟିକେଟ ନ ମିଳିବାରୁ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଓ ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବିରୋଧରେ ବର୍ଷିବା ସହ ନିର୍ବାଚନରେ ଖୋଲାଖୋଲି ଅସହଯୋଗ କରିଥିଲେ । ଯେଉଁଥି ଲାଗି ଭୁବନେଶ୍ୱର ଏକାମ୍ରରେ ବିଜେଡି ପରାଜିତ ହେଲା । ନିର୍ବାଚନ ଫଳ ପ୍ରକାଶ ପରେ ବି ଏ ଦୁଇ କର୍ପୋରେଟର ବିଭିନ୍ନ ପ୍ରସଙ୍ଗରେ ଅଶୋକ ପଣ୍ଡା ଓ ଅନନ୍ତ ଜେନାଙ୍କୁ ବିରୋଧ କରିବା ସହ ତାଙ୍କ ବିରୋଧରେ ବୟାନ ଦେଇ ଆସୁଛନ୍ତି । ଏବେ ସ୍ଥିତି ବିଗିଡିବାରୁ କର୍ପୋରେଟରଙ୍କୁ ଢାଲ କରି ଅମରେଶ ଓ ବିରଞ୍ଚିଙ୍କୁ ପାନେ ଦେବାକୁ ରଣନୀତି ଆପଣାଇଛନ୍ତି । କଳି ଉଗ୍ର ହେବାରୁ ଆଜି ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅମରେଶ, ବିରଞ୍ଚିଙ୍କ ସହ ଏକାମ୍ର ବିଜୁ ଯୁବ ଜନତା ଦଳର ସଭାପତି ରାଜେଶ ପାତ୍ର ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିବେକ ସ୍ୱାଇଁଙ୍କୁ ଦଳୀୟ ଶୃଙ୍ଖଳା ଭଙ୍ଗ ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ଯାହାର ଜବାବ ୧୫ ଦିନ ଭିତରେ ସମସ୍ତ ୪ଜଣ ରଖିବେ । ଆସନ୍ତା ୨ରୁ ବିଜେଡିର ପଦଯାତ୍ରା । ହେଲେ ପଦଯାତ୍ରା ପୂର୍ବରୁ ଭୁବନେଶ୍ୱର ଗୋଷ୍ଠୀ କନ୍ଦଳ ତୀବ୍ର ହେବା ଦଳ ପାଇଁ ଆଗକୁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ । ଭୁବନେଶ୍ୱର ପରେ ଭଦ୍ରକରେ ତେଜିଲା ବିଜେଡି ଗୋଷ୍ଠୀ କନ୍ଦଳ । ଶଙ୍ଖ ଭବନରେ ପହଁଚିଲା ଭଦ୍ରକ କଳି । ଭଦ୍ରକ ଜିଲ୍ଲା ସମୀକ୍ଷା ବେଳେ ଶଙ୍ଖଭବନରେ ମୁହାଁମୁହିଁ ହୋଇଛନ୍ତି ଦଳର ଦୁଇ ଗୋଷ୍ଠୀ । ସ୍ଥିତି ଏମିତି ହେଲା ଯେ ଗୋଟିଏ ଗୋଷ୍ଠୀ ବୈଠକ ବର୍ଜନ କରି ବାହାରକୁ ପଳାଇ ଆସିଥିଲା ବେଳେ ପରେ ବବି ଦାସ ସେମାନଙ୍କୁ ବୁଝାସୁଝା କରି ପୁଣି ବୈଠକକୁ ଫେରାଇ ନେଉଥିବା ଦେଖିବାକୁ ମିଳିଛି । ତେବେ ପ୍ରତିକ୍ରିୟାରେ ଦଳୀୟ ନେତା କହିଛନ୍ତି, ଘର ଭିତରେ ଏମିତି ହୁଏ । ଆମ ଭିତରେ କୌଣସି ବିବାଦ ନାହିଁ । ସେପଟେ ଭୁବନେଶ୍ୱର ବିଜେଡି କଳି ପରେ ବଡ଼ ଆକ୍ସନ ନେଇଛି ଦଳ । ବିଜେଡି କର୍ପୋରେଟର ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୂପକାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ରାଉତ ।

### ଛତୁଆ ବଦଳରେ ଛୁଆଙ୍କୁ ...

ବି ଏହାକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଥିଲା । ମାଆ ଓ ଶିଶୁଙ୍କୁ ମିଳୁଥିବା ଛତୁଆର ମାନକୁ ନେଇ ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଗଭୀର ଉଦବେଗ । ପୋଷଣ ମାସ ପାଳନ ବେଳେ ଅପପୁଷ୍ଟିର ଶିକାର ପିଲାଙ୍କ ପୋଷଣ ବୃଦ୍ଧି ପାଇଁ ଅଙ୍ଗନୱାଡ଼ି ସୁପରଭାଇଜରଙ୍କୁ ପରାମର୍ଶ । ଆଜି ଭୁବନେଶ୍ୱରରେ ପୋଷଣ ମାସ ପାଳନର ରାଜ୍ୟସ୍ତରୀୟ ସମାରୋହରେ ଯୋଗ ଦେଇ, ପିଲାଙ୍କ ଅପପୁଷ୍ଟି ଦୂର ପାଇଁ ବର୍ଷ ବର୍ଷ ଧରି ପ୍ରଚଳିତ ଛତୁଆ ବ୍ୟବସ୍ଥା ସମ୍ପର୍କରେ ଏମିତି କହିଛନ୍ତି ପ୍ରଭାତୀ । ସେ କହିଛନ୍ତି, ଏଣିକି ରାଜ୍ୟର ସବୁ ଜିଲ୍ଲାରେ ଶିଶୁ ଓ ମାଆମାନଙ୍କୁ ବାଧତାମୂଳକ ଭାବେ ଛତୁଆ ଦିଆ ନଯିବା ଉପରେ ବିଚାର କରାଯାଉଛି । ଆଞ୍ଚଳିକତା ଭିତ୍ତିରେ ରୁଚିକର ଏବଂ ଉପଲବ୍ଧତା ଅନୁସାରେ ସୁଷମ ଓ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ । ଯେପରିକି ମିଲେଟ୍ ବା ମାଣ୍ଡିଆ, ବାଜରା ଭଳି ଖାଦ୍ୟଶସ୍ୟ ଦିଆଯାଇ ପାରିବ ବୋଲି କହିଛନ୍ତି ପ୍ରଭାତୀ । ଓଡ଼ିଶାରେ ଗର୍ଭବତୀ ମାଆ ଓ ଶିଶୁଙ୍କ ପୁଷ୍ଟି ସାଧନ ଉଦ୍ଦେଶ୍ୟରେ ପୂର୍ବ ସରକାର ଅମଳରୁ ବର୍ଷ ବର୍ଷ ଧରି ଚାଲି ଆସୁଛି ଛତୁଆ ଯୋଜନା । କିନ୍ତୁ ଏ ଛତୁଆ ଯେ ବାସ୍ତବରେ ପିଲାଙ୍କ ପୁଷ୍ଟି ସାଧନ କରୁନାହିଁ, ତାକୁ ନେଇ ଅନେକ ସମୟରେ ବିବାଦ ଛିଡ଼ା ହୋଇଛି । ଛତୁଆର ଗୁଣ ଓ ମାନକୁ ନେଇ କେତେବେଳେ ବ୍ଲକ, ଜିଲ୍ଲା ତ ଆଉ କେତେବେଳେ ରାଜ୍ୟସ୍ତରରେ ହୋଇଛି ତୁମ୍ବି ତୋଫାନ । ଗତ ଅଗଷ୍ଟ ୩୧ ତାରିଖରେ ବିଧାନସଭାରେ ଛତୁଆର ମାନକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଥିଲେ ଉଭୟ ଶାସକ ଓ ବିରୋଧୀ ସଦସ୍ୟ । ଏହାପରେ ଘଟଣାର ଯାଞ୍ଚ ପରେ ବିଧାନସଭାକୁ ତଦନ୍ତ ରିପୋର୍ଟ ଦେବାକୁ ବାଚସ୍ପତି ନିର୍ଦ୍ଦେଶ ମଧ ଦେଇଥିଲେ । ଆଜିର କାର୍ଯ୍ୟକ୍ରମ ବେଳେ ଛତୁଆକୁ ନେଇ ସରକାର ଯେ, ନିନ୍ଦା ସହୁଛନ୍ତି, ସେ କଥା କହିବାକୁ ଭୁଲନଥିଲେ ପ୍ରଭାତୀ । ତା ସହ ରାଜ୍ୟରେ ଅପପୁଷ୍ଟି ଓ ରକ୍ତହୀନତାରେ ପୀଡ଼ିତ ଶିଶୁ ଓ ମାଆଙ୍କ ତଥ୍ୟ ରଖି ରାଜ୍ୟର ଉତ୍କଟ ସ୍ଥିତିକୁ ଦର୍ଶାଇଥିଲେ ଉପମୁଖ୍ୟମନ୍ତ୍ରୀ । କହିଥିଲେ, ଓଡ଼ିଶାରେ ଏବେ ବି ୧୦ ଲକ୍ଷରୁ ଅଧିକ ଶିଶୁ ବାମନ, ୨୦ ଲକ୍ଷ ମାଆ ରକ୍ତହୀନତାର ଶିକାର ଏବଂ ୫ ଲକ୍ଷ ଶିଶୁ ଦୁର୍ବଳ ମାଂସପେଶୀ ଜନିତ ସମସ୍ୟାରେ ପୀଡ଼ିତ । ତେଣୁ ଆଗକୁ ରାଜ୍ୟକୁ କୁ-ପୋଷଣଠୁ ଦୂରେଇ ରଖିବାକୁ ମିଶନ ମୋଡରେ କାମ ପାଇଁ ବିଭାଗୀୟ ଅଧିକାରୀ ତଥା ଆଇସିଡିଏସ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ।

### ଦାୟିତ୍ୱ ଗ୍ରହଣ କଲେ ...

ସେ ଜଣେ ମେଧାବୀ ଛାତ୍ର ଥିଲେ। ୧୯୯୪ ମସିହାରେ ରାଜନୀତିବିଜ୍ଞାନରେ ସ୍ନାତକୋତ୍ତର ହାସଲ କରିବା ପରେ ୧୯୯୭ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପିଏଚ୍ଡି ଲାଭ କରିଥିଲେ। ଏହି ସମୟରେ ସେ ଆଇପିଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ସାମ୍ବାଦିକତା ପାଇଁ ଆଗ୍ରହ ଥିବାରୁ ଆହ୍ଲାବାଦରେ ମାସ୍ କମ୍ୟୁନିକେସ୍ନ ଡିଗ୍ରି ହାସଲ କରିଥିଲେ। କିଛି ଦିନ ପାଇଁ ସେ ଦେ ?ନିକ ଜାଗରଣ, ନବ ଭାରତ, ହିନ୍ଦୁ ଭଳି ଜାତୀୟସ୍ତରର ଖବରକାଗଜ ପାଇଁ ସାମ୍ବାଦିକତା କରିଥିଲେ। ୧୯୯୭ ମସିହାରେ ସେ ଆଇପିଏସ୍ ପାଇବା ପରେ ପ୍ରଥମେ ୨୦୦୦ ମସିହାରେ ବାଲିଗୁଡ଼ା ଏସ୍ଡିପିଓ ଭାବେ ନିଯୁକ୍ତି ପାଇଥିଲେ। ଏହାପରେ ୨୦୦୨ ମସିହାରେ ଏସ୍ପି ଭାବେ ସେ ମାଲକାନଗିରିରେ ଯୋଗଦେଇଥିଲେ। ଏହାପରେ ୨୦୦୪ରେ ମୟୂରଭଞ୍ଜ ଏସ୍ପି ଏବଂ ଠିକ୍ ବର୍ଷକ ପରେ ୨୦୦୫ ମସିହାରେ ସମ୍ବଲପୁର ଏସ୍ପି, ୨୦୦୮ରେ ଗଞ୍ଜାମ ଏସ୍ପି, ୨୦୦୯ରେ ବ୍ରହ୍ମପୁର ଏସ୍ପି, ୨୦୧୦ରେ ଜଗତସିଂହପୁର ଏସ୍ପି ଭାବେ କାର୍ଯ୍ୟ କରିଥିଲେ। ୨୦୧୨ ମସିହାରେ ଡିଆଇଜି ପାହ୍ୟାକୁ ପଦୋନ୍ନତି ପାଇବା ପରେ ଡିଆଇଜି ଦକ୍ଷିଣାଞ୍ଚଳ ରେଞ୍ଜ(କୋରାପୁଟ)ରେ ନିଯୁକ୍ତି ପାଇଥିଲେ। ବର୍ଷକ ପାଇଁ ସେଠାରେ କାର୍ଯ୍ୟ କରିବା ପରେ ୨୦୧୪ ମସିହାରେ ଡିଆଇଜି(ସିଆଇଏସ୍ଏଫ୍) କେନ୍ଦ୍ରୀୟ ଡେପୁଟେସନ୍ରେ ଯାଇଥିଲେ। ୭ବର୍ଷ ଧରି କେନ୍ଦ୍ରୀୟ ଡେପୁଟେସନ୍ରେ ରହିବା ପରେ ୨୦୨୧ ମସିହାରେ ଓଡ଼ିଶା ଫେରିଥିଲେ। ୨୦୨୧ ଜୁଲାଇରେ ଆଇଜି (ହେଡ୍ କ୍ୱାର୍ଟର) ନିଯୁକ୍ତି ପାଇଥିଲେ। ୨୦୨୩ ଜାନୁଆରିରେ ଏଡିଜି ପାହ୍ୟାକୁ ପଦୋନ୍ନତି ପାଇବା ପରେ ଏଡିଜି(ଅପରେସନ୍) ଭାବେ ଦାୟିତ୍ୱରେ ଅଛନ୍ତି।

# ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତିଙ୍କ ସୋଆ ପରିଦର୍ଶନ

ଭୁବନେଶ୍ୱର , ୩୦/୯ (ନି.ପ୍ର): ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତୀ ସୁବାଷ ଚନ୍ଦ୍ର ପରିଜା ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ନ୍ୟାୟମୂର୍ତ୍ତୀ ପରିଜା ବିଶ୍ୱବିଦ୍ୟାଳୟକୁ ଆସି ସଭାପତିଙ୍କ ସହ ଆଲୋଚନା କରିଥିଲେ । ପ୍ରଫେସର (ଡକ୍ଟର) ନାୟକ ପୂର୍ବତନ ବିଚାରପତିଙ୍କୁ ସ୍ୱାଗତ କରିବା ସହ ସୋଆ ପରିଚାଳିତ ଆଇନ ମହାବିଦ୍ୟାଳୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଲ (ସ୍ନିଲ୍) ବିଷୟରେ ଆଲୋଚନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି

ବାସୁଦେବପୁର, ୩୦/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମ ରେ ୮୨ ତମ ଶହୀଦ ସ୍ମୃତି ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ରକ୍ତତୀର୍ଥ ଇରମର ପଦ୍ମନାଭ ପାଠାଗାର, ବାସୁଦେବପୁରର ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ, ସ୍ରଷ୍ଟା ଓ ସୃଷ୍ଟି, ଶହୀଦ ତୀର୍ଥଯାତ୍ରୀ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ ପ୍ରଭୃତି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦ ସମାଧି ପୀଠରେ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂହ,ଶହୀଦ ସ୍ମୃତି କମିଟିର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ଦାଶ, ଶିକ୍ଷାବିତ୍ ଦୁଃଶାସନ ରାଉତ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନିର୍ମଳ ବେହେରା, ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ, ଆଗରପଡ଼ା ଥାନା ଅଧିକାରୀ ମୋନାଲିସା କର, କବି ପ୍ରହ୍ଲାଦ ବାରିକ, ଶହୀଦ ସ୍ମୃତି କମିଟିର ସଦସ୍ୟ ତଥା ଆଇନଜୀବୀ ଓ ସମାଜସେବୀ ଇଞ୍ଜିନିୟର ନିରଦ ଦାଶ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି , କବି କୈଳାସ ଚନ୍ଦ୍ର ନାଥ ପ୍ରମୁଖ ଯୋଗ ଦେଇଥିଲେ । ମହାତ୍ମା ଗାନ୍ଧୀ,ଜାତୀୟ କବି ବାଞ୍ଛାନିଧି ମହାନ୍ତି, ଉତ୍କଳ ମଣି ଗୋପବନ୍ଧୁ ଦାସ,ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ସଂଗ୍ରାମୀ କମଳା ପ୍ରାସାଦ କର, ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, ସଂଗ୍ରାମୀ ଗଣେଶ ପ୍ରାସାଦ ତ୍ରିପାଠୀ ଓ ଭାରତ ଛାଡ ଆନ୍ଦୋଳନର ପ୍ରଥମ ମହିଳା ଶହୀଦ ପରି ବେଓ୍ୱା ପ୍ରମୁଖ ଙ୍କ ପ୍ରତିମୂର୍ତ୍ତୀରେ କବି, ସାହିତ୍ୟିକ, ଆଇନଜୀବୀ, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, କଳାକାର, ସମାଜସେବୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



# ସାହାଣୀ କପ୍ ଫୁଟବଲ୍ - କଟକ ଓ ଭୁବନେଶ୍ୱର କ୍ୱାର୍ଟର ଫାଇନାଲରେ



ପାରାଦ୍ୱୀପ, ୩୦/୯ (ନି.ପ୍ର): ପାରାଦୀପ ବନ୍ଦର ଓ ଓଡ଼ିଶା ଫୁଟବଲ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ଆନ୍ତଃ ଜିଲ୍ଲା ସ୍ତରୀୟ ୬୩ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାର ଷଷ୍ଠ ଦିନର ଲିଗ୍ ପର୍ଯ୍ୟାୟର ମ୍ୟାଚରେ ଭୁବନେଶ୍ୱର ଦଳ ଖୋର୍ଦ୍ଧା ଦଳକୁ ୩-୧ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଖେଳର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ଦଳ ୨-୧ଗୋଲ ବ୍ୟବଧାନରେ ଅଗ୍ରଣୀ ଲାଭ କରିଥିଲା । ଖେଳର ଦ୍ୱୀତିୟ ଭାଗରେ ଭୁବନେଶ୍ୱର ଦଳ ଆଉ ଗୋଟିଏ ଗୋଲ ଦେଇ ୩-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା । ପାରାଦୀପ ଓ କେନ୍ଦ୍ରାପଡ଼ା ମ୍ୟାଚ୍ ୱାକୋଭର୍ ଯୋଗୁଁ ପାରାଦୀପ ବୀଜୟୀ ହୋଇଥିଲା । ଆସନ୍ତା ୨ତାରିଖ ଦିନ କଟକ ଭୁବନେଶ୍ୱରକୁ କ୍ୱାଟର ଫାଇନାଲରେ ଭେଟିବ । ଆଜିର ମ୍ୟାଚକୁ ଦେଖିବା ପାଇଁ ଅନେକ ଦର୍ଶକ ତଥା ଖେଳପ୍ରେମୀ ଉପସ୍ଥିତ ଥିଲେ ।

# ସମାଜସେବୀ ସ୍ୱର୍ଗତଃ ଶିଶିର କୁମାର ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ



ଲଙ୍ଗଳେଶ୍ୱର,୩୦/୯ (ନିପ୍ର): ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସମାଜସେବୀ ସ୍ୱର୍ଗତଃ ଶିଶିର କୁମାର ପଣ୍ଡାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି । ଶ୍ରାଦ୍ଧବାର୍ଷିକୀରେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା, ସ୍ତମ୍ଭକାର ସୁଦର୍ଶନ ଦାସ,ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ବାରିକ୍ , ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ପ୍ରମୁଖ ବହୁ ବ୍ୟକ୍ତି ତଥା ବଣିଆଡ଼ିହା ପଞ୍ଚାୟତବାସୀ ଯୋଗଦେଇ ସ୍ୱର୍ଗତଃ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତଃ ଶିଶିର ପଣ୍ଡା ଜଣେ ସରଳ, ମିଷ୍ଟଭାଷୀ ଏବଂ ପରୋପକାରୀ ବ୍ୟକ୍ତି ଥିଲେ । ସ୍ୱର୍ଗତଃ ପଣ୍ଡାଙ୍କ ପୁତ୍ର ସୁବ୍ରତ କୁମାର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦିବ୍ୟାଙ୍ଗ ଯୁବ କ୍ରିକେଟ ଖେଳାଳିଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା କ୍ରିକେଟ କିଟ ପ୍ରଦାନ

## ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ: ଜିଲ୍ଲାପାଳ

ବାଲେଶ୍ୱର, ୩୦/୯ (ନି.ପ୍ର): ସାର ବ୍ଲକର ଦିବ୍ୟାଙ୍ଗ ଯୁବ ପ୍ରତିଭା ଶ୍ରୀ ସୋମନାଥ ଦାସଙ୍କୁ ଆଜି ପ୍ରୋତ୍ସାହନ ସ୍ୱରୂପ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଏକ କ୍ରିକେଟ କିଟ ପ୍ରଦାନ କରିଛନ୍ତି ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆୟୋଜିତ ଏହି ସାକ୍ଷାତ ସମୟରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ମଧ୍ୟ ଉପସ୍ଥିତ ରହିଥିଲେ। କ୍ରିକେଟ୍ ପଡ଼ିଆରେ ନିଜର ଚମତ୍କାର ପ୍ରଦର୍ଶନ ଏବଂ କ୍ରୀଡା ପ୍ରତି ଅଦମ୍ୟ ଉତ୍ସର୍ଗ ପାଇଁ ଶ୍ରୀ ଦାସଙ୍କୁ ଜିଲ୍ଲାପାଳ ଶ୍ରୀ ବିକାଶ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ । କ୍ରିକେଟ୍ ଏବଂ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ମହାନ ଉଚ୍ଚତା ହାସଲ କରିବାକୁ ତାଙ୍କର ସାମର୍ଥ୍ୟ ଉପରେ ସେ ନିଜର ବିଶ୍ୱାସ ବ୍ୟକ୍ତ କରିଥିଲେ। ଶ୍ରୀ ଦାସ କେବଳ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିନାହାଁନ୍ତି ବରଂ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ମଧ୍ୟ ହୋଇପାରିଛନ୍ତି । ଶ୍ରୀ ଦାସଙ୍କର ସଫଳତା ଅନ୍ୟ କ୍ରୀଡ଼ାବିତ୍ ମାନଙ୍କୁ ନିର୍ଭୟରେ ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ଉତ୍ସାହିତ କରିବ ବୋଲି ଜିଲ୍ଲାପାଳ ଆଶା କରିଛନ୍ତି । ପ୍ରକାଶ ଥାଉ କି, ଆସନ୍ତା ଅକ୍ଟୋବର ୧୫ ରୁ ୨୫ରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ଜାତୀୟ ଦିବ୍ୟାଙ୍ଗ କ୍ରିକେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀ ଦାସ ରାଜସ୍ଥାନ ଗସ୍ତ କରିବେ।

# ଘରୋଇ ଅଶାନ୍ତିରୁ ଯୁବକଙ୍କ ଆତ୍ମହତ୍ୟା



ନୀଳଗିରି, ୩୦/୯ (ନି.ପ୍ର): ଘରୋଇ ଅଶାନ୍ତିର ଶେଷ ପରିଣତି ଭୟଙ୍କର ରୂପ ନେଇ ଏକ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ ହୋଇଛି। ଘଟଣାଟି ଘଟିଛି ନୀଳଗିରି ଥାନା ଦକ୍ଷିଣନରସିଂହପୁର ପଞ୍ଚାୟତ ରାଜନଗର ଗ୍ରାମରେ । ଗ୍ରାମର ସୀତାନାଥ ନାୟକଙ୍କ ବଡ଼ ପୁଅ ରାହାସ ବିହାରୀ ନାୟକ ଓରଫ ବାପି (୩୩), ଗତ ୨୯ ତାରିଖ ରବିବାର ବିଳମ୍ବିତ ରାତିରେ ମାନସିକ ଭାରସାମ୍ୟ ହରାଇବା ପରେ, ଘର ନିକଟରେ ଥିବା ନିଜ ଫାର୍ମ ହାଉସ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକ ରାତି ତମାମ ଖୋଜାଖୋଜି କରିଥିଲେ ହେଁ ,ବାପିର କୌଣସି ଖୋଜ ଖବର ମିଳିନଥିଲା । ଆଜି ସକାଳେ ତାଙ୍କ ମା ଫାର୍ମ ହାଉସ୍କୁ ଯାଇ ଦେଖିବା ବେଳକୁ ଉକ୍ତ କୁଡ଼ିଆ ଘରଭିତରେ ବେକରେ ରଶି ଲଗାଯାଇ ଝୁଲୁଥିବାର ଦେଖିବାକୁ ପାଇଥିଲେ । ଗ୍ରାମ ବାସୀଙ୍କ ସହାୟତାରେ ନୀଳଗିରି ଡାକ୍ତର ଖାନାକୁ ଅଣାଯାଇ ଥିଲେ ହେଁ, ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଡାକ୍ତରଖାନା ପରିସରରେ ବହୁ ସହପାଠୀ, ଶୁଭେଚ୍ଛୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସେ ବିଜେପି ଦଳର ଜଣେ ସୁ ସଂଗଠକ ଭାବେ କାର୍ଯ୍ୟ କରୁଥିଲେ । ଏଭଳି ଅଭାବନୀୟ ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳଯାଇଛି ।ନୀଳଗିରି ପୋଲିସ ପକ୍ଷରୁ ୪୯/୨୦୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ, ଶବ ବ୍ୟବଚ୍ଛେଦ ପରେ, ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରାଯାଇଛି । ତାଙ୍କ ଶବକୁ ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ବାଘମରା ଚୋରା ପଥର ଖାଦାନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ତୁମୁଳ କାଣ୍ଡ: ଥାନାରେ ପୃଥକ ମାମଲା

ନୀଳଗିରି, ୩୦/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ର ଏକ ଚୋରା ପଥର ଖାଦାନ କରିବାକୁ ଯାଇ ଉଭୟ ଗୋଷ୍ଠୀ ମଧ୍ୟରେ ତୁମୁଳକାଣ୍ଡ ଘଟି ଉଗ୍ରରୂପ ନେଇ ହଣା କଟା କଟି ପରେ ନୀଳଗିରି ଥାନାରେ ଉଭୟ ଙ୍କ ପକ୍ଷରୁ ପୃଥକ ପୃଥକ ମାମଲା ରୁଜୁ କରାଯାଇ ଥିବା ଜଣାପଡ଼ିଛି । ଘଟଣା ରୁ ପ୍ରକାଶ ନୀଳଗିରି ବ୍ଲକ ଅନ୍ତର୍ଗତ ଜାମୁଡ଼ିହା ପଂଚାୟତର ବାଘମରା ଚୋରା ପଥର ଖାଦାନ ଟି ବହୁଦିନ ଧରି ନିଲାମ ହୋଇ ନପାରି ପଡ଼ିରହିଛି । କିନ୍ତୁ ଉକ୍ତ ଖାଦାନରୁ ପଥର ମାଫିଆ ଦୈନନ୍ଦିନ ଶହ ଶହ ଟ୍ରିପ ଚୋରା ପଥର ଚାଲାଣ କରିଆସୁଥିଲେ । ଏନେଇ ନୀଳଗିରି ତହସିଲ ଓ ବନ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରି ନାଲି ଫିତା ବାନ୍ଧି ଥିଲେ ସୁଧା ଅଦ୍ୟାବଧି କୌଣସି ସୁଫଳ ମିଳି ନଥିବା ବେଳେ ବେଧଡ଼କ ପଥର ଚୋରି ହେଉଛି । ତେବେ ଉକ୍ତ ଖାଦାନ କରିବା ପାଇଁ ଆଜି ସକାଳ ସମୟରେ କିଛି ସ୍ଥାନୀୟ ଯୁବକ ସେଠାକୁ ଯାଇ ଏକ ଆପୋଷ ମିଳାମିଶାରେ ବୈଠକ କରିଥିଲେ । ଉକ୍ତ ବୈଠକ ରେ ଖାଦାନ କୁ ଯିବାପାଇଁ ଏକ ରାସ୍ତା ସ୍ଥିରୀକୃତ ହୋଇଥିଲା । ମାତ୍ର ଉକ୍ତ ରାସ୍ତା ଦେଇ ଗାଡ଼ି ନ ଯିବା ପାଇଁ ସିଆଡ଼ିମାଳ ଗ୍ରାମର ସୁବ୍ରତ ଓରଫ କାହ୍ନୁ ପରମାଣିକ ପ୍ରତିବାଦ କରି ପାଟିତୁଣ୍ଡ କରିଥିଲା । ଏଥିରେ ଗାଡ଼ି ଆଣିଲେ ହଣାକଟା ହେବ ବୋଲି ଧମକ ଦେଇ ଏକ ବାଇକ ଯୋଗେ ସ୍ଥାନ ଛାଡ଼ି ପଳାଇଥିଲା ସୁବ୍ରତ । ଠିକ କିଛି ସମୟ ପରେ କାହ୍ନୁ ଓ ତାର ସାନଭାଇ ବଣ୍ଟି ଓରଫ ପ୍ରଭାତ ପରମାଣିକ, ତାର ବାପା ରତନ ପରମାଣିକ ହାତରେ ଟାଙ୍ଗିଆ, ମୁଖି, ଦାଉଲି, ବନ୍ଧୁକ ଧରି ଘଟଣା ସ୍ଥଳରେ ଉପସ୍ଥିତ ଥିବା ନୀଳଗିରି ଏନଏସି କଦମ୍ବସାହି ଗ୍ରାମର ଭୋଲାନାଥ ମହାନ୍ତି ଙ୍କ ପୁଅ କଟଲ ଓରଫ ଲକ୍ଷ୍ମୀନାରାୟଣ ମହାନ୍ତି (୪୨)ଙ୍କ ବାମ ହାତ, ମୁଣ୍ଡ, ଗାଲ ରେ ହାଣି ଚାଲିଥିଲେ । ଏଥିରେ କଟଲ ତଳେ ପଡ଼ିଯିବାରୁ ସେମାନେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ । ଯିବା ବେଳେ ଜୀବନରୁ ମାରିଦେବର ଧମକ ଦେଇ ଥିଲେ । ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସହଯୋଗୀ ଙ୍କ ମାଧ୍ୟମରେ ନୀଳଗିରି ଡାକ୍ତର ଖାନାକୁ ଅଣାଯାଇ ଚିକିତ୍ସା କରାଯାଇଥିଲା । ଏନେଇ ନୀଳଗିରି ଥାନାରେ ଶ୍ରୀଯୁକ୍ତ ମହାନ୍ତି ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ଥାନା ପକ୍ଷରୁ ୩୦୯ / ୨୦୨୪ ମୂଳେ ଏକ ମାମଲା ରୁଜୁ କରାଯାଇଛି । ଅପର ପକ୍ଷେ ସିଆଡ଼ିମାଳ ଗ୍ରାମର ରତ୍ନାକର ପରାମଣିକ ଙ୍କ ସ୍ତ୍ରୀ କନକଲତା ପରାମଣିକ ଦିନ ୧୨ ଟା ବେଳେ ଘରେ ଥିବା ସମୟରେ ସାନଅତା ଗ୍ରାମର ଶିଶିର ରାଉତଙ୍କ ପୁଅ ଜିତେନ୍ଦ୍ର ରାଉତ, ଆଦର୍ଶ ଗୌରବ ଦାସ, ବରିସାହି ଗ୍ରାମର ମୁନ୍ନା ପୋଇ, ଘାଟଘରସାହି ଗ୍ରାମର ପପୁ ଗିରି ପ୍ରମୁଖ ୪୦ ରୁ ଉର୍ଦ୍ଧ ବ୍ୟକ୍ତି ହାତରେ ଖଣ୍ଡା, ଭୁଜାଲି, ଠେଙ୍ଗା ଧରି କନକଲତା ଙ୍କ ଘର ବାଡ଼ି ହତାରେ ପଶି ବୁଲେଟ ମଟର ସାଇକେଲ, ଆଜବେଷ୍ଟସ ଛପର କୁ ଭଙ୍ଗାରୋଜା କରିଥିଲେ । ଏଥିରେ କନକଲତା ପ୍ରତିବାଦ କରିବାରୁ ଘର ଭିତରକୁ ପ୍ରବେଶ କରି ଶାଶୁ ଓ ସ୍ୱାମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଜିତେନ୍ଦ୍ର ଓ ଆଦର୍ଶ ଗୌରବ କନକଲତା ଙ୍କୁ ପିଟାମରା କରିବା ସହିତ ବେମହତ କରିପକାଇ ଥିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି କନକଲତା । ଏନେଇ ଥାନା ପକ୍ଷରୁ ୩୧୦/ ୨୦୨୪ ରେ ଏକ ମାମଲା ରୁଜୁ କରାଯାଇ ନୀଳଗିରି ଆଇ ଆଇ ସି ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର କର୍ଣ୍ଣ ତଦନ୍ତ ଚଳାଇଛନ୍ତି ।

# ଶିଶୁ ମହୋତ୍ସବ ସୁରଭି -୨୦୨୪ ଅନୁଷ୍ଠିତ



ବସ୍ତା , ୩୦/୯ (ନି.ପ୍ର): ବ୍ଲକ ଜାମସୁଳି କ୍ଲଷ୍ଟର ଅଧିନସ୍ଥ ଜୟଚଣ୍ଡି ଉପ୍ରା ଓ ଜାମସୁଳି ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ପ୍ରତିଭା ର ନିଆରା କାର୍ଯ୍ୟକ୍ରମ ସୁରଭି - ୨୦୨୪ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଭବାନୀ ଶଙ୍କର ମଣ୍ଡଳ ସଭାପତିତ୍ୱ କରିଥିବା ବେଳେ , ସିଂଲା ସରପଞ୍ଚ ବିପିନ କୁମାର ବିଶ୍ୱାଳ ଉଦ୍ଘାଟକ୍ ଭାବେ ଯୋଗ ଦେଇଥିବା ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ଧନଞ୍ଜୟ ବେହେରା ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜାମସୁଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜୁଳତା ଦାସ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଗୟାମଣି ସାହୁ, ସାମ୍ବାଦିକ ଅଜିତ କୁମାର ସାହୁ, ମାନସ ରଞ୍ଜନ ବେହେରା, ଭରତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ, ବିଚାରକ ଭାବେ ଅନିରୁଦ୍ଧ ମଣ୍ଡଳ, ସୁଧାଂଶୁ କୁମାର ବିଶ୍ୱାଳ, ବସନ୍ତ କୁମାର ଦାସ, ରଘୁନାଥ ରାଉଳ, ଅଚ୍ୟୁତ ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବେଲି କ୍ଲଷ୍ଟର ଆମ୍ବକୁଡୁଚି ୟୁଜିୟୁପି ବିଦ୍ୟାଳୟ ପରିସରରେ ସିଆରସିସି ଅସିତ୍ କୁମାର ଦାସଙ୍କ ସଭାପତିତ୍ୱରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରଘୁନାଥପୁର ସରପଞ୍ଚ ଅନନ୍ତ ବାରିକ ଫିତା କାଟି କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ରଘୁନାଥପୁର ପଞ୍ଚାୟତ ର ସମିତି ସଦସ୍ୟା ପଙ୍କଜିନି ପାଳ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ସମାଜ ସେବୀ ସରୋଜ କୁମାର ପାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲମ୍ବୋଦର ଟୁଡୁ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ସୁରଭି ଓ ଓଡ଼ିଶାର ଲୋକକଳା ର ଆବଶ୍ୟକତା ଓ ଉପାଦେୟତା ବିଷୟରେ ଆଲୋକ ପାତ କରିଥିଲେ। ଏହି ଅବସରରେ ମଞ୍ଚସିନ ଅତିଥି ଙ୍କ ଦ୍ୱାରା କୃତି ଛାତ୍ର ଛାତ୍ରୀ ଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିବା ବେଳେ, ଶିକ୍ଷକ ଡ଼ ଚିନ୍ମୟ କୁମାର ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶୃଙ୍ଖଳିତ ହେଲେ ସ୍ୱପ୍ନ ସାକାର ହେବ: ନବାଗତ ଛାତ୍ରୀଙ୍କୁ ସ୍ୱାଗତ



ଲଙ୍ଗଳେଶ୍ୱର , ୩୦/୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ସୋମବାର ନବାଗତ +୨ ଏବଂ +୩ ଛାତ୍ରୀ ମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତି ପିଲାମାନଙ୍କର ଆଗ୍ରହ ଓ ମନ ବଳକୁ ବଢ଼ାଇବା ଏହି ସ୍ୱାଗତ ଉତ୍ସବର ମୂଳ ଲକ୍ଷ୍ୟ। ଶୃଙ୍ଖଳିତ ହେଲେ ନିଜ ଲକ୍ଷ ସ୍ଥଳରେ ସହଜରେ ପହଞ୍ଚି ହେବ ଏବଂ ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଲେଜ ପରିସରରେ ଏନେଇ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ ସଭାପତିତ୍ୱ କରିଥିଲେ। ପରିଚାଳନା କମିଟି ସଭାପତି ରେବତୀ ଜେନା, ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଅଧ୍ୟାପକ ବନମାଳୀ ପରିଡା, ସୁଧିର କୁମାର ନନ୍ଦ, ଅଧ୍ୟାପିକା ସରୋଜିନୀ ପରିଡା, ସବିତା ସାହୁ,ସମ୍ବିଦ ପ୍ରଧାନ, ସୁପ୍ରିୟା ପରିଡା , ଚନ୍ଦନ ନନ୍ଦ, ପରିଚାଳନା କମିଟିର ସଦସ୍ୟ ସେଖ୍ ଇନତାଜ୍, ରାଜଶ୍ରୀ ପ୍ରଧାନ, ପ୍ରମୁଖ ଯୋଗଦେଇ ଥିଲେ। ଅଧ୍ୟାପକ କୃଷ୍ଣାନନ୍ଦ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।। ନବାଗତ ଛାତ୍ରୀଙ୍କୁ ଫୁଲ, ଚନ୍ଦନରେ ବନ୍ଦାପନା କରାଯାଇଥିଲା ।ଡ଼ଃ ଲକ୍ଷ୍ମୀ କାନ୍ତ ରଥ ଧନ୍ୟବାଦ ଅର୍ପଣ କରି ଥିଲେ।

# ବାରିପଦା ପୌରପାଳିକା ପକ୍ଷରୁ ମିନି ମାରାଥନ

ବାରିପଦା , ୩୦/୯ (ନି.ପ୍ର): ସ୍ୱଚ୍ଛତା ହିଁ ସେବା ପକ୍ଷ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ତାରିଖ ପାଳନ ଉପଲକ୍ଷେ ଆଜି ବାରିପଦା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଶୀର୍ଷକ ରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୭ଘଟିକାରେ ବାରିପଦା ନଗରପାଳ କୃଷ୍ଣା ନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଛଉ ପଡିଆ ଠାରେ ଆୟୋଜିତ ଏହି ମିନି ମାରାଥନକୁ ମୁଖ୍ୟଅତିଥି ଭାବରେ ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ବାରିପଦା ପୌର



ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ, ବାରିପଦା ଉପ ନଗରପାଳ ସୀମା ଦାସ ପ୍ରମୁଖ ଯୋଗଦେଇ ସବୁଜ ପତକା ଦେଖାଇ ଉଦଘାଟନ କରିବା ସହ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଅବସର ରେ ବାରିପଦା ପୌର ପାଳିକା ପକ୍ଷରୁ ମିନି ମାରାଥନ ଆୟୋଜନ କରାଯାଇଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ। ପ୍ରତିଯୋଗୀ ମାନେ ଛଉ ପଡିଆରୁ ବାହାରି ଫାୟାର ଷ୍ଟେସନ, ଅମ୍ବିକା ମନ୍ଦିର, ଜଗନ୍ନାଥ ମନ୍ଦିର, କୃଷ୍ଣ ଚନ୍ଦ୍ର ଗୋଲେଇ, ବିଜୁ ପଟ୍ଟନାୟକ ଗୋଲେଇ ହୋଇ ବାରିପଦା ପୌଳିକା ପର୍ଯ୍ୟନ୍ତ ଆସିଥିଲେ। ପ୍ରତିଯୋଗିତାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ୬୦୦ ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିବା ବେଳେ, ପୁରୁଷ ବର୍ଗ ରୁ ୬ଜଣ ଏବଂ ମହିଳା ବର୍ଗ ରୁ ୬ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୌର କର୍ମଚାରୀ ଏବଂ ଖେଳ ଶିକ୍ଷକ ତଥା ବିଭାଗୀୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ପୌର ପରିଷଦର ସ୍ୱାସ୍ଥ୍ୟ ସୁପରଭାଇଜରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ

ଜଳେଶ୍ୱର, ୩୦/୯ (ନି.ପ୍ର): ଜଳେଶ୍ୱର ପୌର ପରିଷଦର ସ୍ୱାସ୍ଥ୍ୟ ସୁପରଭାଇଜର ରୂପେ ଦୀର୍ଘ ୧୦ବର୍ଷ ଧରି କାର୍ଯ୍ୟ କରୁଥିବା ଅଜୟ କୁମାର ଦେଙ୍କୁ ଆଜି ଅପରାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଏହି ଅବସରରେ ପରିଷଦର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ନଗରପାଳ ପ୍ରତିପ କୁମାର ପ୍ରଧାନ ପୌରହିତ୍ୱ



କରି ୧୯୯୧ ମସିହାରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିବା ଶ୍ରୀ ଦେ ଦୀର୍ଘ ବର୍ଷ ଧରି ଜନସାଧାରଣଙ୍କୁ ଉତ୍ତମମାନର ସ୍ୱୋ ଦେଇ ସମସ୍ତଙ୍କ ହୃଦୟ ଜିତି ପାରିଛନ୍ତି ବୋଲି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ପ୍ରତିନିଧି ବିଜୟ କୁମାର କାମିଲା, ଜଳେଶ୍ୱର ପୌର କର୍ମଚାରୀ ସଙ୍ଘ ସଭାପତି ସିତାଂଶୁ ସେନାପତି ,ସମ୍ପାଦକ ଅନ୍ୟୟ ବ୍ରହ୍ମ, କାଉନସିଲର,ସମସ୍ତ କର୍ମଚାରୀ ଓ କାଉନସିଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଶେଷରେ ଶ୍ରୀ ଦେଙ୍କୁ ନଗରପାଳ ଶାଲ, ଛତା ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ଉତ୍ତରାଖଣ୍ଡ ମୌସୁମୀର ପ୍ରକୋପ କମିଲା: ଦେବଭୂମି ପୁଣି ଭକ୍ତମୟ ହୋଇଉଠିଲା

ଡେହରାଡୁନନୂଆଦିଲ୍ଲୀ, ୩୦/୯ : ଉତରାଖଣ୍ଡ ମୌସୁମୀର ପ୍ରକୋପ କମିଛି ଏବଂ ଦେବଭୂମି ପୁଣି ଥରେ ଭକ୍ତମୟ ହୋଇଉଠିଛି । ଏପର୍ଯ୍ୟନ୍ତ ୩୭ ଲକ୍ଷ ୯୧ ହଜାର ୨୦୫ ତୀର୍ଥଯାତ୍ରୀ ଚାରିଧାମ ଦର୍ଶନ କରିସାରିଲେଣି । ଚଳିତ ବର୍ଷ ୧୦ ମଇରୁ ଚାରଧାମ ଯାତ୍ରା ଆରମ୍ଭ ହୋଇଥିଲା । ରାଜ୍ୟ ଜରୁରିକାଳୀନ ପରିଚାଳନା କେନ୍ଦ୍ର ର ଡ୍ୟୁଟି ଅଫିସର ତଥା ବରିଷ୍ଠ ବ୍ୟକ୍ତିଗତ ସଚିବ ପଙ୍କଜ କୁମାର ସୈନୀଙ୍କ ଏକ ରିପୋର୍ଟ ଅନୁସାରେ, କେଦାରନାଥ ଧାମରେ ଏପର୍ଯ୍ୟନ୍ତ ୧୨ ଲକ୍ଷ ୨୭ ହଜାର ୨୯୫ ତୀର୍ଥଯାତ୍ରୀ ଦର୍ଶନ କରି ସାରିଛନ୍ତି । ଅଳକାନନ୍ଦା ନଦୀ ନିକଟରେ ଅବସ୍ଥିତ ଶ୍ରୀବଦ୍ରିନାଥ ଧାମରେ ଏପର୍ଯ୍ୟନ୍ତ ୧୦ ଲକ୍ଷ ୪୮ ହଜାର ୯୫୭, ଗଙ୍ଗୋତ୍ରୀରେ ୭ ଲକ୍ଷ ୧୦ ହଜାର ୨୫୫, ଯମୁନୋତ୍ରୀରେ ୬ ଲକ୍ଷ ୨୨ ହଜାର ୮୨୯, ଗୋମୁଖରେ ୭୪୫୮ ଏବଂ ହେମକୁଣ୍ଡ ସାହିବ ଦରବାରରେ ୧ ଲକ୍ଷ ୭୪ ହଜାର ୪୧୧ ଶ୍ରଦ୍ଧାଳୁ ଦର୍ଶନ କଲେଣି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo